R.N.I. REGN. No. 65000/96 POSTAL REGN. No. OR/BN-32/12-14

24 October 2025, Friday

ତ୍ରିଂଶତ୍ତମ ବର୍ଷ

ସଂଖ୍ୟା : ୧୯

ତିଥି : ତୃତୀୟା

୨୪ ଅକ୍ଟୋବର ୨୦୨୫, ଶୁକ୍ରବାର

ଭୁବନେଶ୍ୱର

ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

29th ANNIVERSARY

Bhubaneswar | Balasore | Angul | Berhampur | Sambalpur

### 'ସମୟ'ର ୨୯ତମ ପ୍ରତିଷ୍ଠା ଦିବସ ପୂର୍ତ୍ତି ଉତ୍ସବ

# ସାମ୍ବାଦିକତା ବୃତ୍ତି ନୁହେଁ ବ୍ରତ




- ■ ନିରପେକ୍ଷ, ସଚ୍ଚୋଟତା, ନିର୍ଭୀକତା ସାମ୍ବାଦିକତାର ମୂଳମନ୍ତ୍ର
- ■ ସାହିତ୍ୟ, ସାମ୍ବାଦିକତା ମଧ୍ୟରେ ଦୂରତ୍ୱ ନାହିଁ
- ■ ଘାତ ପ୍ରତିଘାତ ମଧ୍ୟରେ ଗତିକରି 'ସମୟ' ଅନେକାଂଶରେ ସଫଳ

ଭୁବନେଶ୍ୱର, ୨୩।୧୦ (ସବ୍ୟୁ): ସାମ୍ବାଦିକତା ବୃତ୍ତି ନୁହେଁ ଏକ ବ୍ରତ, ଧନ୍ଦା ନୁହେଁ ଏକ ଧର୍ମ, ଏହା ବିଜ୍ଞାପନର ବିପଣୀ ନୁହେଁ ଏକ ବିଚାର । ସାହିତ୍ୟ ଓ ସାମ୍ବାଦିକତା ପରସ୍ପର ପରିପୂରକ । ନିଶା ଓ ପେସାକୁ ଯିଏ ମିଳିତ କରିପାରିଛି ସେ ସଫଳ ହୋଇଛି । ନିରପେକ୍ଷ ଓ ନିର୍ଭୀକତା ହିଁ ସାମ୍ବାଦିକତାର ମୂଳମନ୍ତ୍ର । ବର୍ତ୍ତମାନ ଦେଶରେ ସାମ୍ବାଦିକତା ଉପରେ ବିପଦ ରହିଛି । ଏହାସତ୍ତ୍ୱେ ବି ସାମ୍ବାଦିକତା ବଞ୍ଚିଛି ଓ ବଞ୍ଚିଥିବ । 'ସମୟ' ଦୀର୍ଘପଥ ଅତିକ୍ରମ କରି ବେଶ୍ ସଫଳ ହୋଇଛି ବୋଲି ବିଶିଷ୍ଟ ବକ୍ତାମାନେ ଦୈନିକ 'ସମୟ'ର ୨୯ତମ ପ୍ରତିଷ୍ଠା ଦିବସ ପୂର୍ତ୍ତି ଉତ୍ସବରେ ମତବ୍ୟକ୍ତ କରିଛନ୍ତି ।

ଭୁବନେଶ୍ୱର ଜୟଦେବ ଭବନରେ 'ସମୟ'ର ୨୯ତମ ପ୍ରତିଷ୍ଠା ଦିବସ ପୂର୍ତ୍ତି ଉତ୍ସବ ପାଳିତ ହୋଇଛି । ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସେ କହିଥିଲେ, 'ସମୟ'କୁ ୨୯ ବର୍ଷ ଇତି ମଧ୍ୟରେ ବିତିଛି । ସ୍ୱର୍ଗତ ବସନ୍ତ କୁମାର ବିଶ୍ୱାଳ ତାଙ୍କର ଯେଉଁ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ନେଇ ଏହି ସମ୍ବାଦପତ୍ର ସ୍ଥାପନା କରିଥିଲେ, ତାହା ଆଜି ସଫଳତା ପାଇଛି । ସ୍ୱର୍ଗତ ବିଶ୍ୱାଳଙ୍କ ନିକଟରେ ଭିଜନ ଥିଲା, ଆକ୍ସନ ବି ଥିଲା ଏବଂ ବଡ଼କଥା ହେଉଛି ଉତ୍ସର୍ଗୀକୃତ ମଧ୍ୟ ଥିଲା । ତାଙ୍କୁ ଆଧୁନିକ ଓଡ଼ିଶାର ବାଇମୁଣ୍ଡି ବୋଲି କୁହାଯାଉଥିଲା। ନିର୍ମାଣ ଠାରୁ ଆରମ୍ଭ କରି ବନ୍ୟା, ବାତ୍ୟା ପରିଚାଳନାରେ ଯେଉଁସବୁ ସ୍ୱାର୍ଥରହିତ କାର୍ଯ୍ୟ ଥିଲା, ଆମେ ଆଜି ତାଙ୍କୁ ମନେ ପକାଉଛୁ । ବେଦର କର୍ମକାଣ୍ଡ କେବଳ ସାହିତ୍ୟ ନୁହେଁ, ତାହାହିଁ ସାମ୍ବାଦିକତା । କାଳିଦାସଙ୍କ ରଚନା ସବୁ ସାହିତ୍ୟ ହୋଇଥାଇପାରେ । ବାଣଭଟ୍ଟଙ୍କ ଭଟ୍ଟକାବ୍ୟ ହେଉଛି ସାମ୍ବାଦିକତା । ସାହିତ୍ୟ ଓ ସାମ୍ବାଦିକତାରେ ବିଶେଷ ଦୂରତା ନାହିଁ। ସାମ୍ବାଦିକମାନେ ସତ୍ୟକୁ ପରିବେଷଣ କରିବା ପାଇଁ ଯେଉଁ ଶବ୍ଦ ବ୍ୟବହାର କରନ୍ତି, ସେହି ଶବ୍ଦ ଚୟନ ଯଦି ସଠିକ ଭାବେ ହୋଇଥାଏ, ତାହାଲେ ସାହିତ୍ୟ ଏବଂ ସାମ୍ବାଦିକତା ମଧ୍ୟରେ ଦୂରତ୍ୱ କମିକମି ଯାଇଥାଏ । ଗୋପବନ୍ଧୁ ଦାଶ, ନବକୃଷ୍ଣ ଚୌଧୁରୀଙ୍କ କଥା କୁହନ୍ତୁ, ସମସ୍ତେ ସାହିତ୍ୟର ସହାୟତାରେ ସାମ୍ବାଦିକତାର ମାର୍ଗ ନେଇ ସମାଜରେ ପରିବର୍ତ୍ତନ କରିବାର କ୍ଷମତା ରଖିଥିଲେ । ଉତ୍କଳ ଦୀପିକା ଯଦି ନଅଙ୍କ ଦୁର୍ଭିକ୍ଷର କଥା କହିନଥାନ୍ତା, ତାହେଲେ ଓଡ଼ିଶାରେ ଲୋକମାନେ କିପରି ପୋକମାଛି ପରି ମରନ୍ତି, ଏକଥା ବିଶ୍ୱ ଜାଣିପାରି ନଥାନ୍ତା ।

ଭାଷାଟିଏ ଥିଲା ବୋଲି ଆଜି ଆମେ ଭୂମି ପାଇଛେ । ଏହି ଭୂମି ତା'ର ଶତ ବାର୍ଷିକୀ ପାଳନ କରିବ । ବିକଶିତ ଓଡ଼ିଶାର ପରିକଳ୍ପନା ଆଜି ଆମେ କରୁଛୁ । ୧୯୩୬ ମସିହାରେ ଭାଷା ଭିତ୍ତିକ ରାଜ୍ୟ ଭାବେ ଓଡ଼ିଶା (୯ ପୃଷ୍ଠାରେ)




### ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ବେଦାନ୍ତ ଅଧ୍ୟକ୍ଷ ଅନିଲ ଅଗ୍ରୱାଲ


# ୧ ଲକ୍ଷ କୋଟି ପୁଞ୍ଜି ବିନିଯୋଗ, ୧ ଲକ୍ଷ ନିଯୁକ୍ତି



ଭୁବନେଶ୍ୱର, ୨୩।୧୦ (ସବ୍ୟୁ) : ଆଜି ବେଦାନ୍ତ ଗ୍ରୁପ୍‌ର ଅଧ୍ୟକ୍ଷ ଅନିଲ ଅଗ୍ରୱାଲ ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ରାଜ୍ୟରେ କେତେକ ନୂଆ ଶିଳ୍ପ ପ୍ରକଳ୍ପ ବିଷୟରେ ଆଲୋଚନା କରିଛନ୍ତି । ଏହି ଆଲୋଚନାରୁ ଜଣାଯାଇଛି ଯେ, ଆଗାମୀ ଦିନରେ ବେଦାନ୍ତ ପକ୍ଷରୁ ଓଡିଶାରେ ପ୍ରାୟ ୧ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ କରାଯିବ । ଏହାଦ୍ୱାରା ରାଜ୍ୟରେ ୧ଲକ୍ଷରୁ ଅଧିକ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟିହେବ । ରାଜ୍ୟ ସରକାର ମଧ୍ୟ ଏହି ନିବେଶକୁ ପ୍ରୋତ୍ସାହନ ଦେବାପାଇଁ ପ୍ରତିଶ୍ରୁତିବଦ୍ଧ ଅଛନ୍ତି ଏବଂ ଏଥିପାଇଁ ଆବଶ୍ୟକ ଜମି ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ଜଣାଯାଇଛି ।

ଏହା ସହିତ ବିଶ୍ୱର ମେଟାଲ ଭାଲ୍ୟୁ-ଚେନ୍‌ରେ ଓଡିଶାର ପ୍ରତିଷ୍ଠା ବୃଦ୍ଧି ପାଇଁ କେନ୍ଦୁଝର ଠାରେ ଏକ ଅତ୍ୟାଧୁନିକ ଫେରୋ-ଆଲଏଜ୍ ପ୍ଲାଣ୍ଟ ପ୍ରତିଷ୍ଠା କରାଯିବ ବୋଲି ବୈଠକରୁ ଜଣାଯାଇଛି । ଏଥିରେ ବେଦାନ୍ତ ପକ୍ଷରୁ ୨ ହଜାର କୋଟି ଟଙ୍କା ବିନିଯୋଗ କରାଯିବ ।

ଆଲୋଚନାରୁ ଜଣାଯାଇଛି ଯେ, ବେଦାନ୍ତ ପକ୍ଷରୁ ଓଡିଶାରେ ଦୁଇଟି ନୂଆ ଆଲୁମିନିଅମ୍ ପାର୍କ ମଧ୍ୟ ପ୍ରତିଷ୍ଠା କରାଯିବ । ଝାରସୁଗୁଡାରେ ଥିବା ଏହାର ଆଲୁମିନିଅମ୍ ପ୍ଲାଣ୍ଟ ନିକଟରେ ଗୋଟିଏ ନୂଆ ଆଲୁମିନିଅମ୍ ପାର୍କ ପ୍ରତିଷ୍ଠା କରାଯିବ । ଏହା (୯ ପୃଷ୍ଠାରେ)



## ସୋସିଆଲ କୋଟ୍ସ



"ବାପା ମା'ଙ୍କୁ ପିଲାଙ୍କର ସାଙ୍ଗ ହେବାର ଆବଶ୍ୟକତା ନାହିଁ । ଗୋଟିଏ ପିଲା ତା ବାପା ମା'ଙ୍କ ପାଖରୁ ସୁରକ୍ଷା, ଭଲପାଇବା ଓ ଗାଇଡାନ୍ସ ଆବଶ୍ୟକତା କରିଥାଏ । ଏହା ଦେବାକୁ ଚେଷ୍ଟା କରନ୍ତୁ, ସେ ଆପେ ଆପେ ଆପଣଙ୍କ ସହ ସବୁ ସେୟାର କରିବ ।

ଅଜୟ ଦେବଗନ, ଅଭିନେତା



"କନେଡା ସିରିଜ୍‌ରେ ଅଭିନୟ କରିବା ମୋର ଏକ ଇମୋସନାଲ ଜର୍ଣ୍ଣି । ଏଥିରେ ଅଭିନୟ କରିଥିବା ଚରିତ୍ର ମୋର ହୃଦୟର ଖୁବ ନିକଟରେ ରହିବ । ଏହି ସିରିଜ୍‌ରୁ ମୁଁ ଅନେକ କିଛି ଶିଖିଛି ।

ଜାସମିନ୍ ବାଜବା, ଅଭିନେତ୍ରୀ



"ଜଣେ ଆଉଟସାଇଡର ଯେତିକି ଷ୍ଟ୍ରଗଲ୍ କରେ ମୁଁ ମଧ୍ୟ ସେତିକି ଷ୍ଟ୍ରଗଲ୍ କରିଛି । ପାଖାପାଖି ୧୦୦ରୁ ୧୫୦ ଥର ଅଡିସନ୍ ଦେଇଛି । ୧୬,୧୭ ବର୍ଷରୁ ମୁଁ ଅଡିସନ୍ ଦେବା ଆରମ୍ଭ କରିଥିଲି ।

ପଲକ୍ ତିୱାରୀ, ଅଭିନେତ୍ରୀ


## ବିରଳ ଦୌଡ

ସୁଇଜର ଲାଣ୍ଡର ଲାଞ୍ଜାନ ସହରରେ ଏକ ତିନି କିଲୋମିଟରର ରେସର ଆୟୋଜନ ହୋଇଥିଲା । ତେବେ ଏହି ଦୌଡ କୌଣସି ପଡିଆ ନୁହେଁ ବରଂ ଏକ ବିଲ୍ଡିଂରେ ଆୟୋଜିତ ହୋଇଥିଲା । ୟୁନିଭର୍ସିଟି ଅଫ ଲାଞ୍ଜାନରେ ଏହି ବିରଳ ଦୌଡର ଆୟୋଜନ କରାଯାଇଥିଲା । ଏହି ଦୌଡର ନାଁ ବୋର୍ଟକ୍ସ ରେସ ରଖାଯାଇଛି, ଯାହା ଏଠାରେ ଥିବା ୮ ମହଲା ବିଲ୍ଡିଂରେ ଆୟୋଜନ କରାଯାଇଥିଲା । ବିଲ୍ଡିଂରେ ୨.୮ କିମିର ଲମ୍ୱା ହେଲିକୋଇଡଲ (ଘୁର୍ଣ୍ଣୟମାନ) ରାମ୍ପ ରହିଛି । ଯାହା ଏହାକୁ ବିରଳ କରିଥାଏ । ଏହି ରେସରେ ଛାତ୍ରଛାତ୍ରୀଙ୍କ ସହିତ ପର୍ଯ୍ୟଟକମାନେ ମଧ୍ୟ ଭାଗ ନେଇପାରିବେ । ସମୁଦାୟ ୨ ହଜାରରୁ ଅଧିକ ଲୋକ ଏହି ରେସରେ ଭାଗ ନେଇଛନ୍ତି ବୋଲି ଜଣା ପଡିଛି । ସମସ୍ତ ପ୍ରତିଯୋଗୀଙ୍କୁ ବିଲ୍ଡିଂର ତଳୁ ଉପରକୁ ଚଢିବାର ଅଛି । ଆୟୋଜକମାନ ଏହି ଦୌଡ ପ୍ରତିଯୋଗିତାକୁ ଦୁଇଟି ଭାଗରେ ବାଣ୍ଟି ଆୟୋଜନ କରିଥିଲେ ।



## ଆଜି ଜନ୍ମଦିନ

## ଆର୍.କେ.ଲକ୍ଷ୍ମଣ



ଜଣେ ଭାରତୀୟ ବ୍ୟଙ୍ଗ ଚିତ୍ରକାର ଭାବେ ଆର୍‌କେ ଲକ୍ଷ୍ମଣଙ୍କର ବିଶ୍ୱରେ ରହିଛି ସ୍ୱତନ୍ତ୍ର ପରିଚୟ । କାର୍ଟୁନ ସହାୟତାରେ ସେ ସମାଜର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରୁଥିଲେ । ୨୪ ଅକ୍ଟୋବର ୧୯୨୧ ମସିହାରେ ମହୀଶୂରରେ ଜନ୍ମଗ୍ରହଣ କରିଥିଲେ ଆର୍‌କେ ଲକ୍ଷ୍ମଣ । କଲେଜ ସମୟରୁ ବିଭିନ୍ନ ଖବରକାଗଜ ପାଇଁ କାର୍ଟୁନ୍ କରିବା ଆରମ୍ଭ କରିଥିଲେ ଲକ୍ଷ୍ମଣ । ପରେ ମୁମ୍ବାଇର ଫ୍ରି ପ୍ରେସ୍ ଜର୍ଣ୍ଣାଲରେ ବୃତ୍ତିଗତ ଜୀବନ ଆରମ୍ଭ କଲେ । ବ୍ୟଙ୍ଗ ଚରିତ୍ର 'କମନ୍ ମ୍ୟାନ୍' ଦେଶବ୍ୟାପୀ ତାଙ୍କପାଇଁ ପ୍ରସିଦ୍ଧି ଆଣି ଦେଇଥିଲା । ୧୯୫୧ରୁ ସେ ଇଂରାଜୀ ଦୈନିକ ଖବରକାଗଜ ଟାଇମ୍ସ ଅଫ ଇଣ୍ଡିଆରେ କାର୍ଯ୍ୟ କରିଆସୁଥିଲେ । ତାଙ୍କର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ତାଙ୍କୁ ୨୦୦୫ରେ ପଦ୍ମବିଭୂଷଣ ସମ୍ମାନରେ ସମ୍ମାନିତ କରାଯାଇଛି । ତାଙ୍କର ଆତ୍ମଚରିତ 'ସମୟର ସୁଡଙ୍ଗ' (Tunnel of Time) ବେଶ୍ ଲୋକପ୍ରିୟ । ୨୬ ଜାନୁଆରୀ ୨୦୧୫ ମସିହାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା ।





## ଚିକେନ ମଲାଇ କୋଫତା

**ସାମଗ୍ରୀ–** ବୋନ୍‌ଲେସ ଚିକେନ, ବ୍ରେଡ କ୍ରମ୍ବ, ତିନୋଟି ବଡ ପିଆଜ କଟା, ଅଦାରସୁଣ ପେଷ୍ଟ, କଞ୍ଚାଲଙ୍କା, ଗରମ ମସଲା, ଧନିଆ ଗୁଣ୍ଡ, ଗୋଲ ମରିଚ ଗୁଣ୍ଡ, ଧନିଆ ଗୁଂଣ୍ଡ, ଲୁଣ, ଟମାଟୋ କଟା, କାଜୁ, କ୍ରିମ, ଧନିଆ ପତ୍ର ।

**ପ୍ରଣାଳୀ–** ପ୍ରଥମେ ଗ୍ରାଇଣ୍ଡରରେ ବୋନ ନଥିବା ଚିକେନକୁ ଗ୍ରାଇଣ୍ଡ କରି ନିଅନ୍ତୁ । ଏହି ମିଶ୍ରଣରେ କଟା ପିଆଜ, ଅଦାରସୁଣ ପେଷ୍ଟ, କଞ୍ଚା ଲଙ୍କା, ଗରମ ମସଲା, ଚିକେନ ମସଲା, ଜିରା ଗୁଣ୍ଡ, ଧନିଆ ଗୁଣ୍ଡ, ଗୋଲ ମରିଚ ଗୁଣ୍ଡ,ଲୁଣ ଓ ବ୍ରେଡ କ୍ରମ୍ବ ଗୋଳାନ୍ତୁ । ଏହାକୁ ଛୋଟଛୋଟ ବଲ ଆକାରରେ ଏହାକୁ ଗଢନ୍ତୁ ଏବଂ ତେଲରେ ଭାଜି ନିଅନ୍ତୁ । ବର୍ତ୍ତମାନ ଏକ ତେଲରେ କଟା ପିଆଜ, ଅଦାରସୁଣ ପେଷ୍ଟ, କାଜୁ, ଟମାଟୋ ଓ ଲୁଣ ପକାଇ ମିଶାନ୍ତୁ । ଏହା ଅଳ୍ପ ସମୟ ଭାଜି ହେବା ପରେ ସମସ୍ତ ଗୁଣ୍ଡ ମସଲା ପକାଇ ଗୋଳାନ୍ତୁ । ସମସ୍ତ ମସଲା ସିଝିବା ପରେ ଏଥିରେ ପୂର୍ବ ପ୍ରସ୍ତୁତ ଚିକେନ ବଲ ପକାନ୍ତୁ । ଏହାକୁ ଅଳ୍ପ ସମୟ ଭାଜିବା ପରେ ଏଥିରେ ଆବଶ୍ୟକ ଅନୁସାରେ ପାଣି ଦିଅନ୍ତୁ । ଶେଷରେ ଏଥିରେ କ୍ରିମ ମିଶାନ୍ତୁ । ଧନିଆ ପତ୍ର ପକାଇ ଆଞ୍ଚ ବନ୍ଦ କରି ନିଅନ୍ତୁ ।

## ଅତୀତ ପୃଷ୍ଠା

୧୭୭୫ – ଭାରତର ଶେଷ ମୋଗଲ ଶାସକ ବାହାଦୂର ଶାହ ଜଫରଙ୍କ ଜନ୍ମ ।

୧୮୫୧ – କୋଲକାତା ଓ ଡାଇମଣ୍ଡ ହାର୍ବର ମଧ୍ୟରେ ପ୍ରଥମ ଅଧିକାରୀକ ଟେଲିଗ୍ରାଫ୍ ଲାଇନ୍‌ର ଆରମ୍ଭ ହୋଇଥିଲା ।

୧୯୧୪ – ମହାନ ସ୍ୱତନ୍ତ୍ରତା ସେନାନୀ ଲକ୍ଷ୍ମୀ ସହଗଲଙ୍କର ଜନ୍ମ ।

୧୯୨୧ – ଦେଶର ସମ୍ମାନିତ କାର୍ଟୁନିଷ୍ଟ ଆର୍.କେ. ଲକ୍ଷ୍ମଣଙ୍କ ଜନ୍ମ ।

୧୯୪୫ – ସଂଯୁକ୍ତ ରାଷ୍ଟ୍ରର ସ୍ଥାପନା ।

୧୯୮୪ – ଭାରତରେ ପ୍ରଥମ ମେଟ୍ରୋ ରେଳ ସେବାର ଆରମ୍ଭ ।

୧୯୯୭ – କେରଳରେ ଶିକ୍ଷା ଅନୁଷ୍ଠାନ ଗୁଡିକରେ ର୍‍ୟାଗିଂ ଉପରେ ରୋକ ଲଗାଯାଇଥିଲା ।

୨୦୦୩ – ବ୍ରିଟେନ୍‌ରେ ସୁପରସୋନିକ୍ ଯାତ୍ରୀ ବିମାନକୁ ବିଦାୟ ଦିଆଗଲା ।

## ତାପସୀଙ୍କ ଭିଣ୍ଟେଜ ହାଉସ୍

ଅଭିନେତ୍ରୀ ତାପସୀ ପନ୍ନୁ ବର୍ତ୍ତମାନ ନିଜ ବିବାହିତ ଜୀବନରେ ବ୍ୟସ୍ତ ଅଛନ୍ତି । ହେଲେ ଏହାରି ଭିତରେ ବି ସୋସିଆଲ ମିଡିଆରେ ନିଜ କ୍ରେଜ ବନାଇ ରଖିଛନ୍ତି ତାପସୀ । ନିକଟରେ ଭିଣ୍ଟେଜ ହାଉସ ପାଇଁ ଖୁବ ଚର୍ଚ୍ଚାକୁ ଆସିଛନ୍ତି ତାପସୀ । ନିକଟରେ ଏକ ସାକ୍ଷାତକାରରେ ନିଜ ଭିଣ୍ଟେଜ ହାଉସ ସମ୍ପର୍କରେ ମନଖୋଲି କଥା ହୋଇଛନ୍ତି ଅଭିନେତ୍ରୀ । ତାପସୀଙ୍କର ଏହି ଭିଣ୍ଟେଜ ଘରଟି ଡେନ୍‌ମାର୍କରେ ଥିବାବେଳେ ଏହାକୁ ୧୯୦୭ରେ ନିର୍ମାଣ କରାଯାଇଥିଲା । ଏହି ଘରଟିର ଅନେକ ଇତିହାସ ରହିଛି ଯାହା ଏହାକୁ ସ୍ୱତନ୍ତ୍ର କରିଥାଏ ବୋଲି ତାପସୀ ମତ ଦେଇଛନ୍ତି । ଏଭଳି ଏକ ଘର କିଣିଥିବାରୁ ସେ ଖୁବ ଖୁସି ଅଛନ୍ତି, ଏହି ଘର ତାଙ୍କୁ ଏକ ନୂଆ ପରିଚୟ ପ୍ରଦାନ କରିଛି ବୋଲି ଅଭିନେତ୍ରୀ ମତ ଦେଇଛନ୍ତି । ସୋସିଆଲ ମିଡିଆରେ ତାଙ୍କ ଫ୍ୟାନମାନେ ମଧ୍ୟ ଏହି ଘରକୁ ଖୁବ ପସନ୍ଦ କରୁଛନ୍ତି । ଅଭିନେତ୍ରୀଙ୍କର ଭିଣ୍ଟେଜ ଜିନିଷ ପାଇଁ ଥିବା ଆଗ୍ରହକୁ ସମସ୍ତେ ପ୍ରଶଂସା କରୁଥିବା ଦେଖିବାକୁ ମିଳୁଛି ।

## ଅଭିଶପ୍ତ ଗାଁରେ ଦୀପାବଳି ମନା



ନିକଟରେ ଦେଶରେ ଖୁବ ଧୁମଧାମରେ ଦୀପାବଳି ପାଳନ ହୋଇଛି । ସମସ୍ତେ ଏହି ପର୍ବକୁ ଖୁବ ଆନନ୍ଦ ଉଲ୍ଲାସରେ ପାଳନ କରିଥାଆନ୍ତି । ହେଲେ ହିମାଚଳ ପ୍ରଦେଶର ଏକ ଗାଁରେ ଦୀପାବଳି ପାଳନ ସମୟରେ ଏଠିକାର ବାସିନ୍ଦା ଦୁଃଖରେ ବୁଡିଥିଲେ । ମାନତ୍ୟା ଅନୁଯାୟୀ ଏଠାରେ ଯଦି କିଏ ଦୀପାବଳି ପାଳନ ପାଇଁ ଚେଷ୍ଟା କରେ ତାହେଲେ ଗ୍ରାମରେ କୌଣସି ବିପଦ କିମ୍ବା କାହାର ଅକାଳ ମୃତ୍ୟୁ ହୋଇଥାଏ । ତେଣୁ ଏହି ବିଶ୍ୱାସ କାରଣରୁ ଏଠାରେ ଦୀପାବଳି ପାଳନ ହୋଇ ନଥାଏ । ଏଠାରେ ଥିବା ବରିଷ୍ଠ ଗ୍ରାମବାସୀଙ୍କ ସୂଚନା ଅନୁସାରେ ଏହା ଏକ ଅଭିଶପ୍ତ ଗାଁ । ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ଦୀପାବଳି ଦିନ ଗାଁର ଜଣେ ଗର୍ଭବତୀ ମହିଳା ନିଜ ବାପ ଘରକୁ ଯିବା ପାଇଁ ବାହାରିଥିଲେ । ହେଲେ ସେହି ସମୟରେ ତାଙ୍କୁ ଖବର ମିଳିଲା କି ତାଙ୍କ ସ୍ୱାମୀ ସହିଦ ହୋଇ ଯାଇଛନ୍ତି । ଏହା ସେ ସହି ପାରିଲେ ନାହିଁ ଏବଂ ତାଙ୍କର ମଧ୍ୟ ମୃତ୍ୟୁ ହୋଇଯାଇଥିଲା । ହେଲେ ସେ ମରିବା ସମୟରେ ଗାଁକୁ ଅଭିଶାପ ଦେଇଥିଲେ କି ଏଠାରେ କେହି ଯେପରି ଦୀପାବଳି ପାଳନ ନକରିବେ । ଏହା ପରଠାରୁ ଏହି ଗ୍ରାମରେ କେବେ ବି ଦୀପାବଳି ପାଳନ ହୋଇ ନଥାଏ ।

## ଏଆଇ କହିବ ଆଣ୍ଠୁର ସ୍ୱାସ୍ଥ୍ୟ

ଆଜିକାଲି ଏଆଇର ବ୍ୟବହାର ବିଭିନ୍ନ ସ୍ଥାନରେ ହେଉଛି । ସ୍ୱାସ୍ଥ୍ୟ ଠାରୁ ଆରମ୍ଭ କରି ଶିକ୍ଷା ସବୁସ୍ଥାନରେ ବ୍ୟବହାର କରାଯାଉଛି । ତେବେ ନିକଟରେ ଆଣ୍ଠୁ ଗଣ୍ଠି ରୋଗରେ ପୀଡିତ ରୋଗୀଙ୍କ ପାଇଁ ବୈଜ୍ଞାନିକମାନେ ଏଆଇକୁ ବ୍ୟବହାର କରି ଏକ ନୂଆ ଚିକିତ୍ସାର ଉଦ୍ଭାବନ କରିଛନ୍ତି । ବୈଜ୍ଞାନିକମାନ ଏଭଳି ଏକ ଏଆଇ ସିଷ୍ଟମର ଉଦ୍ଭାବନ କରିଛନ୍ତି ଯାହା ଯେ କୌଣସି ବ୍ୟକ୍ତିଙ୍କର ଆଣ୍ଠୁର ସ୍ୱାସ୍ଥ୍ୟ ସମ୍ପର୍କରେ ସୂଚନା ଦେଇ ପାରିବ । ଏହା ଏଭଳି ଏକ ସିଷ୍ଟମ ଯାହା ଆଣ୍ଠୁ ଆଗକୁ ଆଉ କେତେ ବର୍ଷ ମଧ୍ୟରେ ଖରାପ ହେବ ସେନେଇ ମଧ୍ୟ ସୂଚନା ଦେବ । ଆଗକୁ ଆଉ ଏକ ବର୍ଷ ମଧ୍ୟରେ ଆଣ୍ଠୁର ଅବସ୍ଥା କଣ ହେବ ସେ ନେଇ ଏହି ସିଷ୍ଟମ ସୂଚନା ଦେଇ ପାରିବ । ଏହାକୁ ନେଇ ବର୍ତ୍ତମାନ ପରୀକ୍ଷଣ ଜାରି ରହିଛି । ଆଗକୁ ମଧ୍ୟ ଏହାକୁ ଆହୁରି ଉନ୍ନତ କରାଯିବ ବୋଲି ବୈଜ୍ଞାନିକମାନେ ସୂଚନା ଦେଇଛନ୍ତି । ଏହାକୁ ପାଖାପାଖି ୫ହଜାର ରୋଗୀଙ୍କର ଆଣ୍ଠୁ ଏକ୍ସରେ ସାହାଯ୍ୟରେ ପ୍ରଶିକ୍ଷିତ କରାଯାଇଛି । ସେହିଭଳି ଏହି ଏଆଇ ସିଷ୍ଟମ ଅନ୍ୟ ଏଆଇ ତୂଳନାରେ ୯ଗୁଣ ଅଧିକ ବେଗରେ କାମ କରିବ ବୋଲି ନିର୍ମାଣକାରୀ ବୈଜ୍ଞାନିକ ସୂଚନା ଦେଇଛନ୍ତି । ଏହା ରୋଗୀମାନଙ୍କ ପାଇଁ ଏକ ବରଦାନ ଭଳି କାମ କରିବ ବୋଲି ସେମାନେ ସୂଚନା ଦେଇଛନ୍ତି ।



## ଓଡ଼ିଶା ବରିଷ୍ଠ ଜନସ୍ୱାସ୍ଥ୍ୟ

# ଇଞ୍ଜିନିୟର ସଂଘର ନିଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର

ଭୁବନେଶ୍ୱର (ସବ୍ୟୁ): ଓଡ଼ିଶା ବରିଷ୍ଠ ଜନସ୍ୱାସ୍ଥ୍ୟ ଇଞ୍ଜିନିୟର ସଂଘ ସହଯୋଗୀତାରେ ଗତ ୧୯ତାରିଖ ରବିବାର ଦିନ ଏକ ନିଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର କଟକ ସ୍ଥିତ ଜେପିଏମ୍ ରୋଟାରୀ ଆଇ ହସ୍ପିଟାଲ ଆଣ୍ଡ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ ଦ୍ୱାରା ଭୁବନେଶ୍ୱର ମାତୃବିହାର, ଖଣ୍ଡଗିରି ଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ପ୍ରଥମେ ମାତୃସଙ୍ଗୀତ ସହ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ତତ୍ପରେ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଛାତ୍ରୀମାନଙ୍କ ଦ୍ୱାରା ଏକ ପ୍ରାର୍ଥନା ବୋଲା ଯାଇଥିଲା। ସଂଘର ସଭାପତି ଇଂ. ବିବେକାନନ୍ଦ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ । ଡ. ଶ୍ରଦ୍ଧା ଶତପର୍ବା 'ଲଭ୍ ଇୟୋର ଆଇଜ୍' ଶୀର୍ଷକ ବିଷୟ ଉପରେ ତାଙ୍କର ଅଭିଭାଷଣ ରଖିଥିଲେ। ଶ୍ରୀ ଅରବିନ୍ଦ ସଂସ୍କୃତି ସଂସଦର ସଂପାଦକ ଇଂ. ବିନୋଦ କୁମାର ସାହୁ ଚକ୍ଷୁ ପରୀକ୍ଷା ଶିବିର ସଂପର୍କରେ ଆଲୋକପାତ କରିଥିଲେ। ମାଗଣା ଚକ୍ଷୁ ପରୀକ୍ଷା ଶିବିର ଦିବା ୧୦ଟାରୁ ଅପରାହ୍ନ ୧ ଘଟିକା ପର୍ଯ୍ୟନ୍ତ ଚାଲିଥିଲା। ଉକ୍ତ ଶିବିରରେ ସଂଘର ସଭ୍ୟ, ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀ, କର୍ମଚାରୀ, ପାଠଚକ୍ର ସଭ୍ୟ ସାଧାରଣ ଜନତାଙ୍କୁ ମିଶାଇ ୯୦ରୁ ଉର୍ଦ୍ଧ୍ୱ ଜଣଙ୍କର ଚକ୍ଷୁ ପରୀକ୍ଷା ହୋଇଥିଲା। ସଂଘ ପକ୍ଷରୁ ଜେପିଏମ୍ ଆଇ ହସ୍ପିଟାଲ ଡାକ୍ତରଙ୍କୁ ସମ୍ମାନିତ କରାଯାଇଥିଲା। ପରିଶେଷରେ ସଂଘର ସାଧାରଣ ସଂପାଦକ ଇଂ. ଶିରିଶ ଚନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିବା ସହିତ କାର୍ଯ୍ୟକ୍ରମର ସଫଳତା ପାଇଁ କୃତଜ୍ଞତା ଜ୍ଞାପନ କରିଥିଲେ।




# ଦୁଇ ଦିନିଆ "ଓଡ଼ିଶା ସହରାଞ୍ଚଳ ସମ୍ମିଳନୀ ୨୦୨୫" ଆରମ୍ଭ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶା ସରକାରଙ୍କ ଗୃହନିର୍ମାଣ ଓ ନଗରଉନ୍ନୟନ ବିଭାଗ ଦ୍ୱାରା ଆୟୋଜିତ ଏକ ଦୁଇ ଦିନିଆ "ଓଡ଼ିଶା ସହରାଞ୍ଚଳ ସମ୍ମିଳନୀ ୨୦୨୫" ଗୁରୁବାର ଭୁବନେଶ୍ୱରରେ ଉଦଘାଟିତ ହୋଇଛି ଓ ଏଥିରେ ଓଡ଼ିଶାର ସହରଗୁଡ଼ିକୁ ସ୍ମାର୍ଟ, ସମାବେଶୀ ଏବଂ ସ୍ଥାୟୀ ସହରାଞ୍ଚଳ ଭବିଷ୍ୟତ ଦିଗରେ ଆଗେଇ ନେବାର ଲକ୍ଷ୍ୟ ରହିଛି। ଏହି ସମ୍ମିଳନୀ ହେଉଛି ଏକ ରଣନୈତିକ ପଦକ୍ଷେପ ଯାହା ୨୦୩୬ ସୁଦ୍ଧା ଏକ ବିକଶିତ ଓଡ଼ିଶା ଏବଂ ୨୦୪୭ ସୁଦ୍ଧା ଏକ ବିକଶିତ ଭାରତର ଦୀର୍ଘକାଳୀନ ବିକାଶ ଲକ୍ଷ୍ୟ ସହିତ ମେଳ ଖାଉଛି। ଏହି ସମ୍ମିଳନୀରେ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା , ସରକାରୀ ବିଭାଗ, ନୀତିଗତ ଅନୁଷ୍ଠାନ, ସହରାଞ୍ଚଳ ଯୋଜନାକାରୀ, ପ୍ରଯୁକ୍ତି ପ୍ରଦାନକାରୀ, ଆର୍ଥିକ ଅନୁଷ୍ଠାନ ଏବଂ ଏକାଡେମିକ୍ ବିଶେଷଜ୍ଞଙ୍କ ପ୍ରମୁଖ ଅଂଶୀଦାରମାନଙ୍କୁ ଏକାଠି କରାଯାଇଛି।

ଗୃହନିର୍ମାଣ ଓ ନଗରଉନ୍ନୟନ ବିଭାଗର ପ୍ରମୁଖ ସଚିବ ଶ୍ରୀମତୀ ଉଷା ପାଢୀ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରି ସମ୍ମିଳନୀ ଆୟୋଜନ ଲକ୍ଷ୍ୟ ଉପରେ ଆଲୋକପାତ କରିଥିଲେ । ରାଜ୍ୟର ସହରାଞ୍ଚଳ ବିକାଶ ରୋଡମ୍ୟାପ ଏବଂ ଭବିଷ୍ୟତ ପ୍ରସ୍ତୁତ ସହର ହାସଲ ପାଇଁ ସହଯୋଗୀ ଶାସନ, ନାଗରିକ-କୈନ୍ଦ୍ରିକ ଯୋଜନା ଏବଂ ବୈଷୟିକ ଜ୍ଞାନ କୌଶଳ ଉପରେ ଗୁରୁତ୍ୱ ଆରୋପ କରିଥିଲେ ।

ଗୃହନିର୍ମାଣ ଓ ନଗରଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର ଏହି ସମ୍ମିଳନୀକୁ ଉଦଘାଟନ କରିଥିଲେ। ତାଙ୍କ ବକ୍ତବ୍ୟରେ ଡକ୍ଟର ମହାପାତ୍ର ସ୍ଥାୟୀ ସହରାଞ୍ଚଳ ଭିତ୍ତିଭୂମି, ଦକ୍ଷ ସେବା ପ୍ରଦାନ ଏବଂ ଜୀବନ୍ତ ସହରାଞ୍ଚଳ କେନ୍ଦ୍ର ନିର୍ମାଣରେ ସ୍ଥାନୀୟ ଶାସନକୁ ସଶକ୍ତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ପ୍ରମୁଖ ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରିବାରେ ୟୁ. ଏଲ୍. ବି. ଗୁଡ଼ିକର ପ୍ରୟାସକୁ ପ୍ରଶଂସା କରିଥିଲେ ଏବଂ ଅଧିକ ନବସୃଜନ ଏବଂ ଆନ୍ତଃନଗର ଶିକ୍ଷାକୁ ପ୍ରୋତ୍ସାହିତ କରିଥିଲେ। ସମ୍ପୂର୍ଣ୍ଣ ସ୍ୱଚ୍ଛତା ଏବଂ ପାରଦର୍ଶିତା ସହ ପୌରସଂସ୍ଥାମାନେ ଜନସାଧାରଣଙ୍କୁ ସେବା ଯୋଗାଇଦେବାର ଆବଶ୍ୟକତା ରହିଛି । ପଦବୀ ଲୋକଙ୍କୁ ଉତ୍ତମ ସେବା ଯୋଗାଇ ଦେବାର ସୁଯୋଗ ଭାବି କାର୍ଯ୍ୟ କରିବାକୁ ଉପସ୍ଥିତ ଅଧିକାରୀମାନଙ୍କୁ ମନ୍ତ୍ରୀ ଡାକ୍ତର ମହାପାତ୍ର ଆହ୍ୱାନ ଦେଇଛନ୍ତି । ପୌରସଂସ୍ଥାମାନେ ସହରାଞ୍ଚଳର ସ୍ୱଚ୍ଛତା ଉପରେ ପ୍ରାଧାନ୍ୟ ଦେଇ କାର୍ଯ୍ୟ କରିବା ସହ କ୍ଷେତ୍ର ଭ୍ରମଣ କରି ସମସ୍ୟାର ଅନୁଧ୍ୟାନ ଏବଂ ସମାଧାନ ଦିଗରେ ତ୍ୱରିତ ପଦକ୍ଷେପ ଗ୍ରହଣ ନେଇ ପରାମର୍ଶ ଦେଇଛନ୍ତି । ଉପଯୁକ୍ତ ବିକଳ୍ପ ସୁବିଧା ଯୋଗାଇ ଦେବା ସହ ନୂତନ ବସ୍ତି ଯେଭଳି ସୃଷ୍ଟି ନହେବ ସେ ଦିଗରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।



ସମ୍ମିଳନୀର ଅଧିବେଶନ ଗୁଡ଼ିକ ସହରାଞ୍ଚଳ ଆହ୍ୱାନ ଏବଂ ଉଦୀୟମାନ ସୁଯୋଗ ଉପରେ ଗୁରୁତ୍ୱ ଦେବା ଉପରେ ଆଧାରିତ। ପ୍ରାରମ୍ଭରେ ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ସମ୍ମିଳନୀରେ ମହାନଗର ନିଗମର କମିଶନର, ପିଡି ଉଟଡଇ, ମ୍ୟୁନିସିପାଲିଟି, ଏନ୍ ଏ ସି ନିର୍ବାହୀ ଅଧିକାରୀ, ଯନ୍ତ୍ରୀ, ଡୋମେନ୍ ବିଶେଷଜ୍ଞ, ବିକାଶ ଅଂଶୀଦାରମାନେ ଯୋଗଦେଇଛନ୍ତି । ବିଭିନ୍ନ ସହରାଞ୍ଚଳ ବିଷୟ ଉପରେ ପ୍ୟାନେଲ ଆଲୋଚନା ଓଡ଼ିଶା ଏବଂ ଅନ୍ୟାନ୍ୟ ରାଜ୍ୟରେ ୟୁ. ଏଲ୍. ବି. ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ସର୍ବୋତ୍ତମ ଅଭ୍ୟାସ, ସଫଳତା କାହାଣୀ ଏବଂ ନବସୃଜନର ବିନିମୟରୁ ସହଜ କରିବା ପାଇଁ ପ୍ୟାନେଲ ଡିଜାଇନ୍ କରାଯାଇଛି ।

## ଏକନମ୍ବର ହାଟ ନିଆଁ, ବିବାଦରୁ ଲାଗିଥିବା ଅଭିଯୋଗ

# ୨୦ ହାଟ ପାଇଁ ଆସିବ ଏସ୍‌ଓପି

ଭୁବନେଶ୍ୱର, (ସବ୍ୟୁ) : ଏକ ନମ୍ବର ହାଟରେ ଥିବା ପରିବା ମାର୍କେଟରେ ନିଆଁ ଲାଗି ୩୦ଟି ଦୋକାନ ଜଳି ପାଉଁଶ ହୋଇଯାଇଛି । ନିଆଁ କିପରି ଲାଗିଲା ବୁଧବାର ସ୍ପଷ୍ଟ ହୋଇନଥିବା ବେଳେ ଗୁରୁବାର ନିଆଁ ଲଗାଇ ଦିଆଯାଇଥିବା ଗଣମାଧ୍ୟମରେ ଅଭିଯୋଗ କରିଛନ୍ତି ବ୍ୟବସାୟୀ । କାରଣ ବ୍ୟବସାୟୀ ସଂଘରେ ଦୀର୍ଘଦିନ ହେବ ବିବାଦ ଲାଗି ରହିଥିବାରୁ ଏପରି ଘଟଣା ଘଟିଲା ବୋଲି ମତପ୍ରକାଶ ପାଇଛି । ବୁଧବାର ହାଟର ସଭାପତି କବିରାଜ ସ୍ୱାଇଁ ଇସ୍ତଫା ଦେବାର ଥିଲା । କାରଣ ହାଟ କମିଟି ପାଇଁ ବିଧିବଦ୍ଧ ନିର୍ବାଚନ ହେବା ପାଇଁ ବ୍ୟବସାୟୀମାନେ ଦାବି କରିଆସୁଥିଲେ । ବିଏମ୍‌ସି କର୍ମକର୍ତ୍ତାଙ୍କ ଉପସ୍ଥିତିରେ ନିର୍ବାଚନ ହେବା ପାଇଁ ବ୍ୟବସାୟୀମାନେ ଦାବି କରୁଥିବା ବେଳେ କାର୍ଯ୍ୟରତ କର୍ମକର୍ତ୍ତାମାନେ ମନଇଚ୍ଛା କାମ କରିଚାଲିଛନ୍ତି । ଯାହାକୁ ବ୍ୟବସାୟୀମାନେ ବିରୋଧ କରି ଆସୁଥିବାରୁ ଗତ କିଛିଦିନ ହେବ ବିବାଦ ଲାଗି ରହିଥିଲା । ଏକନମ୍ବର ହାଟକୁ ଭଗବାନପୁରକୁ ସ୍ଥାନାନ୍ତର ପାଇଁ ପୂର୍ବ ସରକାର ନିଷ୍ପତ୍ତି କରିଥିଲେ । ସେଥିପାଇଁ ଭଗବାନପୁରରେ ୧୦ ଏକର ଜମିରେ ପାଚେରି ଗଢାଯାଇଥିବା ବିଏମ୍‌ସି କହିଛି । ସେଠାକୁ ବ୍ୟବସାୟୀମାନେ ଯିବାକୁ ଇଚ୍ଛା ପ୍ରକାଶ କରୁନଥିବାରୁ ତା'ର ଅଗ୍ରଗତି ହୋଇପାରିନାହିଁ । ବିଏମ୍‌ସି କହିବାନୁଯାୟୀ ରାଜଧାନୀରେ ଥିବା ୨୦ଟି ବଡ ହାଟ ପାଇଁ ଏସ୍‌ଓପି ଲାଗୁ ହେବ । ସେହି ହାଟଗୁଡିକ ପାଇଁ ବିଏମ୍‌ସି ପକ୍ଷରୁ ନୂଆ ନିୟମ ପ୍ରଣୟନ ହେବ ବୋଲି ମେୟର ସୂଚନା ଦେଇଛନ୍ତି ।

## ନାବାଳିକା ଦୁଷ୍କର୍ମ ମାମଲା

# ଜେଲ୍‌ରୁ ବାହାରିଲେ କର୍ପୋରେଟର

ଭୁବନେଶ୍ୱର, (ସବ୍ୟୁ) : ନାବାଳିକା ଦୁଷ୍କର୍ମ ମାମଲାରେ ଗିରଫ ହୋଇ ଜେଲ୍ ଯାଇଥିବା କର୍ପୋରେଟର ଗୁରୁବାର ଜେଲ୍‌ରୁ ବାହାରିଛନ୍ତି । ଗତ ୧୭ ତାରିଖ ଦିନ ଉଚ୍ଚ ନ୍ୟାୟାଳୟ ତାଙ୍କୁ ସର୍ତ୍ତମୂଳକ ଜାମିନ ଅନୁମତି ଦେଇଥିଲେ । ନାବାଳିକା ବଳାତ୍କାର ଅଭିଯୋଗରେ କର୍ପୋରେଟର ଅପରେଶ ଜେନା ଗିରଫ ହୋଇ ଜେଲ୍ ଯାଇଥିଲେ । ତଳ କୋର୍ଟରେ ଜାମିନ ନମିଳିବାରୁ ସେ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ । ୧୭ ତାରିଖ ଦିନ ଉଚ୍ଚ ନ୍ୟାୟାଳୟ ତାଙ୍କୁ ସର୍ତ୍ତମୂଳକ ଜାମିନ ଅନୁମତି ଦେଇଥିଲେ । ସେହି ଜାମିନ ଅନୁମତି ବଳରେ ସେ ଗୁରୁବାର ଝାରପଡାସ୍ଥିତ ସ୍ୱତନ୍ତ୍ର କାରାଗାରରେ ମୁକ୍ତି ପାଇଛନ୍ତି । ଜେଲ୍‌ରୁ ବାହାରିବା ପରେ ତାଙ୍କ ସମର୍ଥକମାନେ ପାଛୋଟି ନେବାବେଳେ ସେ ଗଣମାଧ୍ୟମକୁ କହିଥିଲେ ଯେ, ସାମାଜିକ ଓ ରାଜନୈତିକ ହତ୍ୟା ପାଇଁ ମୋ ବିରୋଧରେ ଷଡଯନ୍ତ୍ର ହୋଇଥିଲା ।

# କୋଇଲା ଛାଇ ଚୋରା ଚାଲାଣରେ ୪ ହାଇୱା ଜବତ

ଚୌଦ୍ୱାର, (ସ.ବ୍ୟୁ.) : ଚୌଦ୍ୱାର ଥାନା ଅନ୍ତର୍ଗତ ବାଣିପଦା ପଂଚାୟତରେ ଥିବା ଚୌଦ୍ୱାର ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍‌ରେ ଥିବା ଇଡକୋର ଜମିରେ ଚୌଦ୍ୱାରର ଇମ୍ଫା କମ୍ପାନୀରୁ ବାହାରୁଥିବା ବର୍ଜ୍ୟବସ୍ତୁ ପକାଯାଇଥିବା ବେଳେ ସ୍ଥାନୀୟ ଅଂଚଳର କିଛି ଯୁବକ ଏହି ଜମିରୁ ରାତି ଅଧିଆ ହାଇୱା ଓ ଜେସିବି ସାହାଯ୍ୟରେ ସେଠାରେ ପଡ଼ିଥିବା ଛାଇ ଓ ପାଉଁଶକୁ ଲୋଡ଼ କରି ବିଭିନ୍ନ ଜାଗାକୁ ମୋଟା ଅଙ୍କରେ ଚୋରା ଚାଲାଣ କରି ବିକ୍ରି କରୁଥିବା ନେଇ ଅଭିଯୋଗ ହୋଇଆସୁଥିଲା । କୌଣସି ବିଶେଷସୂତ୍ରରୁ ଖବର ପାଇ ଚୌଦ୍ୱାର ଥାନା ଭାରପ୍ରାପ୍ତ ଅଧିକାରୀ ଦୀପକ କୁମାର ଖଣ୍ଡାୟତରାୟଙ୍କ ନେତୃତ୍ୱରେ ଏକ ଟିମ୍ ସେଠାରେ ଅଚାନକ୍ ଚଢ଼ାଉ କରିଥିଲେ । ଚଢ଼ାଉ ବେଳେ ବେଆଇନ୍ ଭାବେ କୋଇଲା ଛଇ ଲୋଡ଼ ହେଉଥିବା ୪ଟି ହାଇୱାକୁ ଜବତ କରି ଥାନାକୁ ଆଣି ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି ।

## ନାବାଳିକା ବଳାତ୍କାର ମାମଲା

# ୩ ଆସାମୀଙ୍କୁ ୨୦ ବର୍ଷ କାରାଦଣ୍ଡ

କଟକ, (ସବ୍ୟୁ) : ଚାଉଳିଆଗଞ୍ଜ ଥାନା ଅଞ୍ଚଳରେ ଘଟିଥିବା ଜଣେ ନାବାଳିକା ବଳାତ୍କାର ମାମଲାରେ କଟକ ଆଡହକ୍ ଆଡିସିନାଲ୍ ଡିଷ୍ଟ୍ରିକ୍ଟ ଏବଂ ସେସନ୍ ଜଜ୍ (ଫାଷ୍ଟଟ୍ରାକ୍ କୋର୍ଟ-୧) ୩ ଜଣ ଆସାମୀଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତମାନେ ହେଲେ ଅନୁଗୋଳ ରେଙ୍ଗାଲି ଥାନା ଅଞ୍ଚଳର ବସନ୍ତ ନାୟକ (୩୨), ଚାଉଳିଆଗଞ୍ଜ ଥାନା ଗାନ୍ଧିପଲ୍ଲୀ ଅଞ୍ଚଳର ଦୀପୁ ଓରଫ ଦୀପକ ନାୟକ (୩୯) ଓ ତିର୍ତ୍ତୋଲ ଥାନା ଅଧିନସ୍ଥ ପୋରଗୋଡ଼େଇ ଅଞ୍ଚଳର ସୁଧୀର ମଲ୍ଲିକ (୨୮) । ଆସାମୀମାନଙ୍କୁ ୨୦ ହଜାର ଟଙ୍କା ଜୋରିମାନା ଦେବାକୁ ଅଦାଲତ ନିର୍ଦ୍ଦେଶ ଦେବା ସହ ଜୋରିମାନା ଅନାଦାୟେ ଅତିରିକ୍ତ ୬ ମାସ ଲେଖାଏ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି। ପ୍ରକାଶ ଯେ ସୁଧୀର ଓ ତାର ସହଯୋଗୀମାନେ ଚାଉଳିଆଗଞ୍ଜ ଅଞ୍ଚଳରେ ରହୁଥିବା ଜଣେ ନାବାଳିକାକୁ ଭୟଭୀତ କରାଇ ବଳାତ୍କାର କରିଥିବା ଚାଉଳିଆଗଞ୍ଜ ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ୍ ସିଡବ୍ଲ୍ୟୁସିର ଅଭିଯୋଗ ଆଧାରରେ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ୨୦୨୨ ଏପ୍ରିଲ୍ ୧୬ରେ ଲିଖିତ ଅଭିଯୋଗ ହୋଇଥିବା ବେଳେ ଘଟଣାଟି କିନ୍ତୁ ଏକ ବର୍ଷ ପୂର୍ବରୁ ଘଟିଥିଲା। ୨୦୨୩ ମେ ୩୦ରେ ପୁଲିସ୍ ଆସାମୀମାନଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲା। ଅଦାଲତ ୨୦୨୩ ଅଗଷ୍ଟ ୨୪ରେ ଅଭିଯୁକ୍ତମାନଙ୍କ ବିସରୋଧରେ ଚାର୍ଜଫ୍ରେମ୍ କରିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ଅତିରିକ୍ତ ପବ୍ଲିକ୍ ପ୍ରସିକ୍ୟୁଟର ଏମ୍.ଏମ୍. ବେଗ୍ ପରିଚାଳନା କରୁଥିଲେ।


सत्यमेव जयते
Government of India
India Post



ଯୁବ ସଶକ୍ତିକରଣ ମାଧ୍ୟମରେ
ବିକଶିତ ଭାରତର
ସଂକଳ୍ପକୁ ନୂତନ ଗତି

ଯୁବବର୍ଗଙ୍କୁ ସରକାରୀ ଚାକିରି ପ୍ରଦାନ

ରୋଜଗାର ମେଳା

ଦେଶବ୍ୟାପୀ ୪୦ଟି ସ୍ଥାନରେ ଆୟୋଜିତ
କାର୍ଯ୍ୟକ୍ରମରେ ୫୧,୦୦୦ରୁ ଅଧିକ ମନୋନୀତ ପ୍ରାର୍ଥୀଙ୍କୁ
ନିଯୁକ୍ତି ପତ୍ର ବଣ୍ଟନ

ନେତୃତ୍ୱ ନେଉଛନ୍ତି
ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଏହି ଅବସରରେ ଏକ ସ୍ୱତନ୍ତ୍ର ଭିଡିଓ ବାର୍ତ୍ତା ମାଧ୍ୟମରେ

୨୪ ଅକ୍ଟୋବର, ୨୦୨୫ ୧୧:୦୦ ପୂର୍ବାହ୍ନ

କେନ୍ଦ୍ର ସରକାର ଏବଂ ଅଂଶୀଦାର ରାଜ୍ୟ ସରକାର ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ଦ୍ୱାରା ଲକ୍ଷ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି

ମହିଳା, ଦିବ୍ୟାଙ୍ଗନ ଏବଂ ଆକାଂକ୍ଷୀ ଜିଲ୍ଲାଗୁଡ଼ିକର ପ୍ରାର୍ଥୀଙ୍କ ପାଇଁ ବିଶେଷ ସୁବିଧା

ରାଷ୍ଟ୍ର ନିର୍ମାଣରେ ଯୁବକମାନଙ୍କ ଅଂଶଗ୍ରହଣ ବୃଦ୍ଧି ମାଧ୍ୟମରେ 'ନାଗରିକ-ପ୍ରଥମେ' ପଦ୍ଧତିକୁ ସୁଦୃଢ଼ କରିବା

ସମାନ ସୁଯୋଗକୁ ପ୍ରୋତ୍ସାହିତ କରିବା ପାଇଁ ୧୩ ଟି ଆଞ୍ଚଳିକ ଭାଷାରେ ନିଯୁକ୍ତି ପରୀକ୍ଷା ଅନୁଷ୍ଠିତ ହେଉଛି

ସାର୍ବଜନୀନ ଏବଂ ବେସରକାରୀ କ୍ଷେତ୍ରରେ ୟୁପିଏସସିର 'ପ୍ରତିଭା ସେତୁ' ଜରିଆରେ ପ୍ରତିଭାଶାଳୀ ଯୁବକମାନଙ୍କ ପାଇଁ ନିଯୁକ୍ତି ସୁଯୋଗ

ସ୍ୱଚ୍ଛ ଏବଂ ସମୟସୀମାବଦ୍ଧ ନିଯୁକ୍ତି ପ୍ରକ୍ରିୟା ଏବଂ ପେପର ଲିକ୍ ବିରୋଧରେ କଠୋର ଆଇନ

UPSC, SSC, RRB ଏବଂ IBPS ପରି ପ୍ରତିଷ୍ଠିତ ଏଜେନ୍ସି ମାଧ୍ୟମରେ ନିଯୁକ୍ତି

iGOT-Karamyogi ପୋର୍ଟାଲରେ ୩୬୦୦ରୁ ଅଧିକ ଉଚ୍ଚମାନର ଇ-ଶିକ୍ଷା ପାଠ୍ୟକ୍ରମ ମାଧ୍ୟମରେ ୧.୩୯ କୋଟିରୁ ଅଧିକ ସରକାରୀ କର୍ମଚାରୀଙ୍କୁ ତାଲିମ ଦିଆଯାଉଛି ।

CBC 06301/13/0001/2526

DD NEWS ଡିଡି ନ୍ୟୁଜ୍‌ରେ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖନ୍ତୁ ।

ତାଲିମ ସମ୍ପର୍କରେ ଅଧିକ ସୂଚନା ପାଇଁ ଦେଖନ୍ତୁ କର୍ମଯୋଗୀ ମୋଡ୍ୟୁଲ ୱେବ୍‌ସାଇଟ୍ https://portal.igotkarmayogi.gov.in/ କିମ୍ବା କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ ।

# 'ସମୟ'ର ୨୯ ତମ ପ୍ରତିଷ୍ଠା ଦିବସ ପକ୍ଷ ପୂର୍ତ୍ତି ଉତ୍ସବ


ମୁଖ୍ୟଅତିଥି ତଥା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ସ୍ୱାଗତ କରୁଛନ୍ତି ସମୟର ନିର୍ଦ୍ଦେଶିକା ଅନୀତା ମହାନ୍ତି


ମୁଖ୍ୟଅତିଥିଙ୍କୁ ପାଛୋଟି ନେଉଛନ୍ତି ସମୟର ପରିଚାଳନା ସଂପାଦକ ରଞ୍ଜୀବ ବିଶ୍ୱାଳ


ନିର୍ଦ୍ଦେଶିକା ଅନୀତା ମହାନ୍ତିଙ୍କ ସହିତ ଅତିଥି ଡ. ସ୍ମୃତି ମହାପାତ୍ର


ଅତିଥିମାନଙ୍କ ସହିତ ଆଲୋଚନା କରୁଛନ୍ତି ପରିଚାଳନା ସଂପାଦକ


ନିର୍ଦ୍ଦେଶିକା ଅନୀତା ମହାନ୍ତିଙ୍କ ସହିତ ଅତିଥି ପ୍ରଫେସର କୁମରବର ଦାସ


ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି ମୁଖ୍ୟଅତିଥି


ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି ସମୟର ପରିଚାଳନା ସଂପାଦକ ରଞ୍ଜୀବ ବିଶ୍ୱାଳ



ମଞ୍ଚାସୀନ ଅତିଥି ବୃନ୍ଦ


ବନ୍ଦେ ଉତ୍କଳ ଜନନୀ ଗାନ ବେଳେ ଦଣ୍ଡାୟମାନ ଶ୍ରୋତାଗଣ


ବକ୍ତବ୍ୟ ପ୍ରଦାନ କରୁଛନ୍ତି ସମୟର ପରିଚାଳନା ସଂପାଦକ ରଞ୍ଜୀବ ବିଶ୍ୱାଳ



ଅଭିଭାଷଣ ପ୍ରଦାନ କରୁଛନ୍ତି ମୁଖ୍ୟଅତିଥି ତଥା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ


ବକ୍ତବ୍ୟ ଉପସ୍ଥାପନ କରୁଛନ୍ତି ଅତିଥି ପ୍ରଫେସର କୁମରବର ଦାସ


ଅତିଥି ମନୋରଞ୍ଜନ ଯୋଶୀଙ୍କ ବକ୍ତବ୍ୟ ଉପସ୍ଥାପନ


ସ୍ୱାଗତ ଭାଷଣ ଦେଉଛନ୍ତି ସମୟର ମୁଖ୍ୟ ସଂପାଦକ ଗୁରୁକଲ୍ୟାଣ ମହାପାତ୍ର


ସଭାକୁ ସମ୍ବୋଧନ କରୁଛନ୍ତି ଅତିଥି ଡ. ସ୍ମୃତି ମହାପାତ୍ର

## ପିତବାସ ପଣ୍ଡାଙ୍କ ହତ୍ୟା ମାମଲାରେ ଅଭିଯୁକ୍ତଙ୍କୁ ଗିରଫ, ପୋଲିସକୁ ସାବାସୀ

# ବିଜେଡି ଆଇନର ବାଟ ଓଗାଳୁଛି : ବିଜେପି



ବ୍ରହ୍ମପୁର, (ସବ୍ୟୁ): ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ହତ୍ୟା ଭଳି ଏକ ସ୍ୱର୍ଶକାତର ଘଟଣାରେ ବିଜେଡ଼ି ନେତାଙ୍କୁ ଗିରଫ ଘଟଣାରେ ବିଜେପି ଗଞ୍ଜାମ ଜିଲ୍ଲା ସଭାପତି ସରୋଜ ସାବତଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଜିଲ୍ଲା କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ହତ୍ୟାକାଣ୍ଡରେ ସଂପୃକ୍ତ ବିକ୍ରମ ପଣ୍ଡାଙ୍କୁ ଗିରଫ କରିବା ପରେ ଏବେ ବିଜେଡି ପକ୍ଷରୁ ଏହାର ପ୍ରତିବାଦ କରାଯାଉଛି । ପୂର୍ବରୁ ଯେଉଁ ଦଳ ଆଇନ ତା ବାଟରେ ଯିବ ବୋଲି କହୁଥିଲା ଆଜି ଆଇନର ପ୍ରତିବନ୍ଧକ ସାଜି ତଦନ୍ତକୁ ବାଟବଣା କରିବାକୁ ପ୍ରୟାସ କରି ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡ଼ାଇବା ଉଦ୍ୟମ କରିଛି ବୋଲି ଶ୍ରୀ ସାବତ କହିଛନ୍ତି । ଏହି ଘଟଣାରେ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କୁ ଅଙ୍ଗୁଳି ନିର୍ଦ୍ଦେଶ କରିବା ଦୁର୍ଭାଗ୍ୟଜନକ । ମନ୍ତ୍ରୀଙ୍କ ଭାବମୂର୍ତ୍ତିକୁ ମଳିନ କରିବାକୁ ଯେଉଁମାନେ ପ୍ରଚେଷ୍ଟା କରୁଛନ୍ତି ତାହାକୁ ଜିଲ୍ଲାବାସୀ ବରଦାସ୍ତ କରିବେ ନାହିଁ ବୋଲି ନେତା ମାନେ ମତବ୍ୟକ୍ତ କରିଥିଲେ । କିନ୍ତୁ ପୀତବାସଙ୍କୁ ଗୁଳି ମାଡ ହୋଇଥିବା ବେଳେ ମନ୍ତ୍ରୀ ବଡ଼ ଡାକ୍ତରଖାନାରେ ପହଞ୍ଚି ଥିଲେ । ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଅକର୍ଷଣ କରିବା ସହିତ ଅଭିଯୁକ୍ତଙ୍କୁ ଧରିବା ପାଇଁ ଦ୍ରୁତ ପଦକ୍ଷେପ ନେବାକୁ ପୁଲିସ ମହାନିର୍ଦ୍ଦେଶକ ଓ ଏସ୍ପିଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଦୋଷୀଙ୍କୁ ଘଣ୍ଟ ଘୋଡାଇବା, ଅନ୍ୟମାନଙ୍କୁ ଦୋଷାରୋପ କରି ଜନସାଧାରଣଙ୍କୁ ଭ୍ରମିତ କରି ଲୋକଙ୍କୁ ଭ୍ରମିତ କରୁଛନ୍ତି । ପୂର୍ବରୁ ବିଜେପିରେ ଥିବା ଜଣେ ଜିଲ୍ଲା ପରିଷଦସଭ୍ୟ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ବିରୁଦ୍ଧରେ ମୁଖ୍ୟମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀଙ୍କୁ ପତ୍ର ଲେଖିଛନ୍ତି ତାହା ସମ୍ପୂର୍ଣ୍ଣ ମିଥ୍ୟା । ସେହି ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବର୍ତ୍ତମାନ ବିଜେପିରେ ନାହାନ୍ତି । ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ସଂଶ୍ଳିଷ୍ଟ ଯଦି ସେ ଜାଣିଥିଲେ ତାହାହେଲେ ତଦନ୍ତକାରୀ ପୋଲିସ ନିକଟରେ ହାଜର ହୋଇ ଦାଖଲ କଲେ ନାହିଁ କାହିଁକି ବୋଲି ପ୍ରଶ୍ନ କରିଛନ୍ତି । ବିଜେଡ଼ି ସରକାର ଅମଳରେ କେତେଜଣ ମନ୍ତ୍ରୀ, ବିଧାୟକଙ୍କ ବିରୋଧରେ ହତ୍ୟା, ବଳାତ୍କାର ଅଭିଯୋଗ ଆସିଛି ତାହାର ଫାଇଲ ପ୍ରମିଳା ମଲ୍ଲିକଙ୍କ ନିକଟରେ ରହିଛି । ସେଇଟା ଟିକେ ଲୋକଙ୍କୁ ଜଣାଇଲେ ଭଲ ହୁଅନ୍ତା ବୋଲି ବିଜେପି କହିଛି । ଏବେ ଆଇନ ତା ବାଟରେ ଗଲା ବେଳେ ବିଜେଡ଼ି ବାଟ ଓଗାଳୁଛି । ଷଡ଼ଯନ୍ତ୍ର କରି ଯୋଜନାବଦ୍ଧ ଭାବେ ହତ୍ୟାକାଣ୍ଡ ଘଟଣାକୁ ଗତକାଲି ବ୍ରହ୍ମପୁର ଏସପି ଲୋକଲୋଚନଙ୍କୁ ଆଣିଥିବାରୁ ତାଙ୍କୁ ଏବଂ ଏହି ହତ୍ୟାକାଣ୍ଡର ପର୍ଦ୍ଦାଫାଶ ପାଇଁ ଗଠିତ ଟିମ୍‌କୁ ଆଜି ଅଭିନନ୍ଦନ ଜଣାଇବା ସହ ଅନ୍ୟ ଫେରାର ଅଭିଯୁକ୍ତଙ୍କୁ ଧରିବା ସହ ଏହି ସଂପୃକ୍ତ ଥିବା ଅନ୍ୟ କିଛି ବ୍ୟକ୍ତିଙ୍କୁ ପୁଙ୍ଖାନୁପୁଙ୍ଖ ଭାବେ ଅନୁସନ୍ଧାନ କରି ଲୋକଲୋଚନଙ୍କୁ ଆଣିବା ପାଇଁ ପ୍ରକାଶ କରିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଆନ୍ୟମାନଙ୍କ ମଧ୍ୟରେ ବିଧାୟକ କେ ଅନିଲ କୁମାର, ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା, ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ରାଷ୍ଟ୍ରୀୟ ପରିଷଦ ସଭ୍ୟ କାହ୍ନୁ ଚରଣ ପତି, ରାଜ୍ୟ ମୁଖପାତ୍ର ଟି ଗୋପି, ବରିଷ୍ଠ ନେତା ସୁନିଲ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଡ୍ରିମ୍ସ ପଲିଟେକ୍‌ନିକ ଛାତ୍ରୀ ରାଜ୍ୟ ଟପର୍, ପାଇବେ ମେଧାବୃତ୍ତି





କଟକ, (ସ୍ୱପ୍ର): ରାଜ୍ୟ ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟ ପକ୍ଷରୁ ସଦ୍ୟ ପ୍ରକାଶିତ ବିଜ୍ଞପ୍ତିରେ ପରୀକ୍ଷାରେ ସର୍ବୋଚ୍ଚ ସଫଳତା ହାସଲ କରି ରାଜ୍ୟରେ ଟପର ହୋଇଥିବା ଟାଙ୍ଗୀ ସ୍ଥିତ ଡ୍ରିମ୍‌ସ ପଲିଟେକ୍‌ନିକର ଦୁଇଜଣ ଛାତ୍ରୀ ସରକାରଙ୍କ ପକ୍ଷରୁ ମେଧାବୃତ୍ତି ପାଇବା ଲାଗି ଯୋଗ୍ୟ ବିବେଚିତ ହୋଇଛନ୍ତି । କମ୍ପ୍ୟୁଟର ସାଇନ୍ସ ଇଂଜିନିୟରିଂ ବିଭାଗର ଏହି ଦୁଇ ଛାତ୍ରୀ ହେଉଛନ୍ତି ରୀତିକା ବେହେରା ଓ ଝୁମା ପାଲ୍ । ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟ ଛାତ୍ର କଲ୍ୟାଣ ପାଣ୍ଠିରୁ ଏମାନଙ୍କୁ ୬,୦୦୦ଟଙ୍କା ଛାତ୍ର ବୃତ୍ତି ମିଳିବ । ଡିପ୍ଲୋମା ଇଂଜନିୟରିଂ ଛାତ୍ରୀ ବର୍ଗରେ ଦୁଇ ଛାତ୍ରୀ ଶୀର୍ଷ ସ୍ଥାନରେ ରହି ଶିକ୍ଷାନୁଷ୍ଠାନର ଗୌରବ ବୃଦ୍ଧି କରିଥିବାରୁ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ସହ ଅଧ୍ୟକ୍ଷ ଇଂ ଦୁର୍ଗା ପ୍ରସାଦ ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ , ନିର୍ଦ୍ଦେଶିକା ଚିନ୍ମୟୀ ରଥ, ପଲିଟେକନିକ୍‌ର ଏକାଡେମିକ୍ ନିର୍ଦ୍ଦେଶକ ଇଂ ପ୍ରଦୀପ୍ତ ରଂଜନ ମହାନ୍ତି ଓ ଅଧ୍ୟକ୍ଷା ଡ. ତପସ୍ୱିନୀ ସାହୁ ପ୍ରମୁଖ ଅଭିନନ୍ଦନ ଜଣାଇବା ସହ ସେମାନଙ୍କର ଉଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

## ଆଦାନୀ ଫାଉଣ୍ଡେସନ ପକ୍ଷରୁ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବାର ଶୁଭାରମ୍ଭ




ଛତ୍ରପୁର, (ସବ୍ୟୁ): ଆଦାନୀ ଫାଉଣ୍ଡେସନ ଓ ହେଲ୍‌ଏଜ୍ ଇଣ୍ଡିଆର ମିଳିତ ସହଯୋଗରେ ଗୋପାଳପୁର ବନ୍ଦରର ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକରେ ହାତ ପାଖରେ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ଲକ୍ଷ ନେଇ ଏକ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଯାନର ଶୁଭାରମ୍ଭ କରାଯାଇଛି । ଗୁରୁବାର ବନ୍ଦର ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଛତ୍ରପୁର ବ୍ଲକ ତହସିଲଦାର ଦିବ୍ୟା ମହାନ୍ତି ଓ ଗୋପାଳପୁର ବନ୍ଦରର ବ୍ୟବସାୟ ମୁଖ୍ୟ ପ୍ରଶାନ୍ତ କୁମାର ପାତ୍ର ଆନୁଷ୍ଠାନିକ ଭାବରେ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ହେଲପେଜ୍ ଇଣ୍ଡିଆର ରାଜ୍ୟ ମୁଖ୍ୟ ଭାରତୀ ଚକ୍ର ଏବଂ ନିକଟସ୍ଥ ଗ୍ରାମ ପଞ୍ଚାୟତର ପ୍ରତିନିଧି ଏବଂ ବନ୍ଦରର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ଆଦାନୀ ଫାଉଣ୍ଡେସନ ଦ୍ୱାରା ନୂତନ ଭାବରେ ପରିଚାଳିତ ଏହି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ଯାନରେ ଡାକ୍ତର (ଭେଷଜ ବିଶେଷଜ୍ଞ), ଫାର୍ମାସିଷ୍ଟ ଏବଂ ସାମାଜିକ ସୁରକ୍ଷା ସଂଯୋଜକ ରହିବେ । ସମସ୍ତ ବୟସର ଲୋକମାନଙ୍କୁ ବିଶେଷକରି ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ ବ୍ୟକ୍ତି ଏବଂ ଶଯ୍ୟାଶାୟୀ ରୋଗୀ ଯେଉଁମାନେ ଚିକିତ୍ସା ପାଇଁ ମେଡ଼ିକାଲ ଆସିବା ପାଇଁ ଅକ୍ଷମ ସେମାନଙ୍କ ପାଖରେ ପହଞ୍ଚି ନିରନ୍ତର ସ୍ୱାସ୍ଥ୍ୟ ସେବା ଯୋଗାଇବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଅଟେ । ଏହି ଯାନ ମାଧ୍ୟମରେ ମେଡ଼ିକାଲ ଟିମ ତଥା ଗ୍ରାମପଞ୍ଚାୟତର ଆଶା କର୍ମୀ ଏବଂ ସ୍ୱାସ୍ଥ୍ୟ କର୍ମୀଙ୍କ ସହଯୋଗରେ ସମସ୍ତ ରୋଗୀଙ୍କ ନିୟମିତ ଯାଞ୍ଚ ଏବଂ ଚିକିତ୍ସା ସୁନିଶ୍ଚିତ କରାଯିବ । ଏହା ସହିତ ବିଶେଷ ଅକ୍ଷମ ବ୍ୟକ୍ତିମାନଙ୍କୁ ସହାୟକ ଉପକରଣ ମଧ୍ୟ ପ୍ରଦାନ କରାଯିବ । ଏହି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଯାନ ମୁଖ୍ୟତଃ ଆର୍ଯ୍ୟପଲ୍ଲୀ, କଣମଣା, କାଳିପଲ୍ଲୀ ଏବଂ ଶ୍ରୀରାମଚନ୍ଦ୍ରପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପାଖାପାଖି ୨୭ ଖଣ୍ଡ ଗ୍ରାମକୁ ସେବା ପ୍ରଦାନ କରିବ, ନିୟମିତ ସମୟରେ ସେଠାକୁ ଯାଇ ଡାକ୍ତରୀ ପରୀକ୍ଷା, ମାଗଣା ଔଷଧ ବଣ୍ଟନ ତଥା ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ପରିଚାଳନା କରିବ । ଯେଉଁମାନଙ୍କର ଅଧିକ ଚିକିତ୍ସାର ଆବଶ୍ୟକତା ରହିଛି ସେହି ରୋଗୀମାନଙ୍କୁ ରେଫରାଲ୍ ବା ସୁପାରିଶର ସହାୟତା କରାଯିବ ।

## ୯୩ ତମ ମାସିକ ଭଞ୍ଜ ସଙ୍ଗୀତ ଆସର

ଭଞ୍ଜନଗର, (ସବ୍ୟୁ): ନିକଟସ୍ଥ ବାସୁଦେବପୁର କପିଳେଶ୍ୱର ଯୁବକ ସଙ୍ଘ ପକ୍ଷରୁ ଶ୍ୟାମାକାଳୀ ପୂଜା ଅବସରରେ ୯୩ତମ ଭଞ୍ଜ ସଂଗୀତ ସନ୍ଧ୍ୟା ଆନନ୍ଦ ସଙ୍ଗୀତାୟନ ଦ୍ୱାରା ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସଂସ୍କୃତି ବିକାଶ ସଂସଦ ଆୟୋଜନ କରିଥିଲା ବେଳେ, ବାସୁଦେବପୁର କପିଳେଶ୍ୱର ଯୁବକ ସଙ୍ଘର ସଭାପତି ସବ୍ୟସାଚୀ ନାୟକ ଏବଂ ସୁଶାନ୍ତ ଜେନା ଏବଂ ଅନ୍ୟ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ଏହି ସଙ୍ଗୀତ ସନ୍ଧ୍ୟାକୁ ଉଦ୍‌ଘାଟନ କରିଥିଲେ । ଅନୁଷ୍ଠାନର ଶିଳ୍ପୀ ଶୁଭସ୍ମିତା ମହାରଣା, ରଶ୍ମିତା ଭୂୟାଁ, ଉତ୍ତମ ଦଳବେହେରା, ରାହୁଲ ବିଶୋଇ ପ୍ରମୁଖ ଭଞ୍ଜ ସଙ୍ଗୀତ ପରିବେଷଣ କରିଥିଲେ । ମର୍ଦ୍ଦଳ ଏବଂ ତବଲା ବାଦନରେ ଅଭିଷେକ ମହାପାତ୍ର, ଦିବାକର ପ୍ରଧାନ ସହଯୋଗ କରିଥିଲେ । ବହୁ ଶ୍ରୋତା ଏହି ସଂଗୀତ ସନ୍ଧ୍ୟାରେ ଉପସ୍ଥିତ ରହି କଳାକାର ମାନଙ୍କୁ ଉତ୍ସାହିତ କରିଥିଲେ । ଯୁବକ ସଂଘର କର୍ମକର୍ତ୍ତାମାନେ ମଞ୍ଚ ପରିଚାଳନା କରିଥିଲେ ।

## ଗାଲେରୀରେ ବ୍ଲକ ସ୍ତରୀୟ ଶିଶୁ ଉତ୍ସବ 'ସୁରଭି' କାର୍ଯ୍ୟକ୍ରମ

ଭଞ୍ଜନଗର, (ସବ୍ୟୁ): ଶିଶୁ ପାଇଁ ଉଭୟ ଶିକ୍ଷା ଓ ପ୍ରତିଭାର ବିକାଶ ପରସ୍ପରର ପରିପୁରକ । ଆଉ ଶିଶୁର ସାମଗ୍ରିକ ବିକାଶ ପାଇଁ ବିଦ୍ୟାଳୟ ହେଉଛି ଉପଯୁକ୍ତ ପ୍ଲାଟଫର୍ମ । ଶିଶୁ ପ୍ରତିଭାର ବିକାଶ ପାଇଁ ଶିଶୁ ଉତ୍ସବ "ସୁରଭି' ହେଉଛି ଏକ ଉପଯୁକ୍ତ ମାଧ୍ୟମ ବୋଲି ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଉଲ୍ଲେଖ କରିଛନ୍ତି । ବ୍ଲକର ଗାଲେରୀ ସରକାରୀ ହାଇସ୍କୁଲ ପରିସରରେ ଭଞ୍ଜନଗର ବ୍ଲକସ୍ତରୀୟ ଶିଶୁ ଉତ୍ସବ ସୁରଭି କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଧାୟକ ନାୟକ ଏଭଳି ଉଲ୍ଲେଖ କରିଛନ୍ତି । ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଲୋପମୁଦ୍ରା ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଧାୟକ ନାୟକ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଭଞ୍ଜନଗର ଦୀନବନ୍ଧୁ ବେହେରା, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସ୍ୱରାଜ କହଁର, ଗାଲେରୀ ସରପଞ୍ଚ ସୁମିତ୍ରା ଗୌଡ, ସମିତିସଭ୍ୟା ମାମାଜିନି ନାୟକ, ହରିଗଡ ହାଇସ୍କୁଲ ପ୍ରଧାନଶିକ୍ଷକ ସରୋଜ ଶତପଥୀ ଓ ଗାଲେରୀ ହାଇସ୍କୁଲ ପ୍ରଧାନଶିକ୍ଷକ ଆଦିତ୍ୟ ତ୍ରିପାଠୀ ପ୍ରମୁଖ ମଞ୍ଚାସୀନ ରହିଥିଲେ । ପ୍ରାରମ୍ଭରେ କୁଲାଡ କବିସମ୍ରାଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଗୌରୀ ନନ୍ଦନ ହୋତା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବ୍ଲକର ସମସ୍ତ କ୍ଲଷ୍ଟର ସ୍ତରରୁ ମୋଟ ୪୯୨ ଜଣ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରି ନିଜର ଲୁକାୟିତ ଶିଶୁ ପ୍ରତିଭାର ପରାକାଷ୍ଠା ପ୍ରତିପାଦନ କରିଥିଲେ । ଯାହା ଉପସ୍ଥିତ ଅତିଥିମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ଏହି ଅବସରରେ ଅତିଥିମାନେ ଶ୍ରେଷ୍ଠ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ବରିଷ୍ଠ ଶିକ୍ଷକ ସତ୍ୟ ନାରାୟଣ ଶତପଥୀ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜିଲ୍ଲା ଶିକ୍ଷାଧିକାରୀଙ୍କ ମନମୁଖୀ କାର୍ଯ୍ୟକୁ ନିନ୍ଦା କଲା ଭଞ୍ଜସେନା

### ଉଚ୍ଚସ୍ତରୀୟ ତଦନ୍ତ ନହେଲେ ୨୭ରେ ରାଜରାସ୍ତାରେ ହେବ ହରତାଳ

ବାରିପଦା, (ସବ୍ୟୁ) : ଦୀର୍ଘ ଦିନଧରି ମୟୂରଭଞ୍ଜ ଜିଲ୍ଲା ଶିକ୍ଷାଧିକାରୀଙ୍କ ମନମୁଖୀ ଓ ଅତ୍ୟଧିକ ଅର୍ଥ ଲାଳସା ଯୋଗୁଁ ଜିଲ୍ଲାରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ବିପର୍ଯ୍ୟସ୍ତ । ପରିସ୍ଥିତି ଏମିତି ହେଲାଣି ହୋଇଛି ଯେ, ଶିକ୍ଷାଧିକାରୀଙ୍କର ଭୁଲ ନିଷ୍ପତ୍ତି ଯୋଗୁଁ ଜିଲ୍ଲାର ଠାକୁରମୁଣ୍ଡା ବ୍ଲକ ଅଧୀନସ୍ଥ ନୂଆଗାଁ ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ପ୍ରମିଳା ସାହୁ ଆସନ୍ତା ୨୭ତାରିଖରେ ନିଜେ ଆତ୍ମଦାହ କରିବାର ମଧ୍ୟ ଘୋଷଣା କରିଛନ୍ତି । ଦୀର୍ଘ ଦିନଧରି ଜିଲ୍ଲାରେ ଥିବା ଦୁର୍ନୀତିଗ୍ରସ୍ତ ଶିକ୍ଷାଧିକାରୀଙ୍କ କାର୍ଯ୍ୟକାଳ ସମୟର ପ୍ରତ୍ୟେକ କାର୍ଯ୍ୟକଳାପର ଏକ ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସଂଗଠନ ପକ୍ଷରୁ ସରକାରଙ୍କୁ ବହୁବାର ନିବେଦନ କରୁଥିଲେ ସୁଦ୍ଧା ସରକାରଙ୍କ ତରଫରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନଥିବା ଯୋଗୁଁ ବାଧ୍ୟ ହୋଇ ରାଜରାସ୍ତାକୁ ଓହ୍ଲାଇବାକୁ ପଡିବ ବୋଲି ଭଞ୍ଜସେନା ପକ୍ଷରୁ କୁହାଯାଇଛି। ଆଉ ସେହି ପରିପ୍ରେକ୍ଷୀରେ ଆସନ୍ତା ୨୭ତାରିଖ ସୋମବାର ଦିନ ମୟୂରଭଞ୍ଜ ଜିଲ୍ଲା ମଧ୍ୟ ଦେଇ ଯାଇଥିବା ସମସ୍ତ ଜାତୀୟ ରାଜପଥ, ରାଜ୍ୟ ରାଜପଥ ଓ ଅନ୍ୟନ୍ୟ ପ୍ରମୁଖ ରାସ୍ତା ଗୁଡ଼ିକ ଉପରେ ସକାଳ ୧୦ ଘଟିକା ଠାରୁ ହରତାଳ କାର୍ଯ୍ୟକ୍ରମ ଆରମ୍ଭ ହେବ ବୋଲି ସଂଗଠନ ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏହାସହିତ ଯଥାଶୀଘ୍ର ଜିଲ୍ଲାରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ନଷ୍ଟ କରୁଥିବା ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟକାଳର ଏକ ଉଚ୍ଚସ୍ତରୀୟ ତଦନ୍ତ କରିବାରେ ଯଦି ସରକାର ପୁଣି ବିଳମ୍ବ ହୁଏ, ତେବେ ଉଚ୍ଚନ୍ୟାୟାଳୟର ଆଶ୍ରୟ ନିଆଯିବ ବୋଲି ସଂଗଠନ ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି ଏକ ପ୍ରେସ ବିବୃତ୍ତି ମାଧ୍ୟମରେ ଜଣାଇଛନ୍ତି ।

## ପିତବାସ ପଣ୍ଡା ହତ୍ୟା ଘଟଣାର ତଦନ୍ତ ନିମନ୍ତେ

# ଜଣେ ଉଚ୍ଚନ୍ୟାୟାଳୟ ବିଚାରପତିଙ୍କୁ ଦାଇତ୍ୱ ଦିଆଯାଉ : ପ୍ରମିଳା ମଲ୍ଲିକ



ବ୍ରହ୍ମପୁର, (ସବ୍ୟୁ): ପିତବାସ ପଣ୍ଡା ହତ୍ୟା ଘଟଣାରେ ପୋଲିସ ଅତ୍ୟନ୍ତ ଭାରାକ୍ରାନ୍ତ ହୋଇଯାଇଛି । ଗଞ୍ଜାମ ଜିଲ୍ଲା ଏକ ଧର୍ମର ମାଟି । ଏହି ଜିଲ୍ଲାକୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ଫରୁଆ ଭିତରେ ରଖିଥିଲେ । ଏବେ ଏହି ଜିଲ୍ଲାରେ ହତ୍ୟା, ରାହାଜାନୀ, ଚୋରି, ଡକାୟତି ଘଟଣା ଘଟିଛି । ଏହି ହତ୍ୟାକାଣ୍ଡ ଘଟଣାରେ ମନ୍ତ୍ରୀ ବିଭୂତି ଜେନା ସମ୍ପୃକ୍ତ ଥିବା ତୁମ ଦଳର ନେତା ଲେଖି ଦେଇଛନ୍ତି । ତାଙ୍କ କଥାକୁ ନେଇ ତଦନ୍ତ ହେବା ଦରକାର । ବିଜେପି ୭ ଭାଗ ହୋଇ ଗଲାଣି । ଜଣେ ସିଟିଙ୍ଗ ଜର୍ଜ ମାଧ୍ୟମରେ ତଦନ୍ତ କରାଯାଉ । ବିଜେଡି ନୂଆପଡ଼ାରେ ବିଜୟୀ ହେବା ଆଶଙ୍କା କରି ଆଜି ବିକ୍ରମ ପଣ୍ଡାଙ୍କୁ ଗିରଫ କରିଛି ବୋଲି ପ୍ରମିଳା ମଲ୍ଲିକ କହିଛନ୍ତି । ତୁରନ୍ତ ତାଙ୍କୁ ଖଲାସ କରାଯାଉ ବୋଲି ସେ ଦାବି କରିଛନ୍ତି । ସାଧାରଣ ସମ୍ପାଦକ କ୍ୟାପେଟନ ମନ୍ମଥ ରାଉତରାୟ ଚାକିରି ପ୍ରାର୍ଥୀ, ଭୋଟ ଚୋରି କରିବା ଯୋଜନା କରାଯାଉଛି ବୋଲି ଅଭିଯୋଗ କରିଥିଲେ । ପୂର୍ବତନ ବିଧାୟକ ତଥା

### ବିକ୍ରମ ପଣ୍ଡାଙ୍କ ଗିରଫ ପ୍ରତିବାଦରେ ବିଜେଡ଼ିର ଗର୍ଜନ

ଜିଲ୍ଲା ସଭାପତି ବିକ୍ରମ କୁମାର ପଣ୍ଡାଙ୍କୁ ବିଜେପି ନେତା ତଥା ଆଇନଜୀବୀ ପିତବାସ ପଣ୍ଡାଙ୍କ ହତ୍ୟାକାଣ୍ଡ ଘଟଣାରେ ଗତକାଲି ପୋଲିସ ପକ୍ଷରୁ ଗିରଫ ପ୍ରତିବାଦରେ ଆଜି ସନ୍ଧ୍ୟାରେ ସ୍ଥାନୀୟ ହିଲ ପାଟଣା ସ୍ଥିତ ଗଣେଶ ମନ୍ଦିର ଠାରୁ ଏକ ଶୋଭାଯାତ୍ରା ବାହାରି ଗିରି ରୋଡ, ଟାଟା ବେଞ୍ଚ ଛକ, ଜନନା ହସପିଟାଲ ରୋଡ, ସୁବାରାଓ ଛକ, ଖଲ୍ଲିକୋଟ କଲେଜ ଛକ, ପିଭିଏନ ରାଓ ଛକ, ଟେଲିଫୋନ ଭବନ ରୋଡ ପୁରୁଣା ବସଷ୍ଟାଣ୍ଡ, ଅର୍ଣ୍ଣପୂର୍ଣ୍ଣା ବଜାର ଦେଇ ଗାନ୍ଧୀନଗର ଠାରେ ଏକ ସାଧାରଣ ସଭା ଆୟୋଜନ କରାଯାଇଥିଲା । ବିକ୍ରମ ପଣ୍ଡାଙ୍କୁ ନ ଛ ।ଡି ଲେ ଆମେ ତୁମ ଘରେ ପଶି ଯିବୁ ବୋଲି କହିଛନ୍ତି ଛାତ୍ର ସଭାପତି ନେତ୍ରୀ ଇପସିତା । ସାଧାରଣ ସମ୍ପାଦକ ଗଣେଶ୍ୱର ବେହେରା ଏହି ଘଟଣାର ନିରପେକ୍ଷ ତଦନ୍ତ କରାଯାଉ । ପୋଲିସ ସମ୍ପୂର୍ଣ୍ଣ ଭାବେ ଦିଗହରା ହୋଇଛି । ପୋଲିସ ସରକାର କଳର ହାତ ବାରିଷି ହୋଇଯାଇଛି । ଆଜିର ଏହି କାର୍ଯ୍ୟକ୍ରମରେ ବିଜେଡି ମୁଖପାତ୍ର ଲେନିନ ମହାନ୍ତି, ବ୍ରହ୍ମପୁର ସାଂସଦ ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର, ପୂର୍ବତନ ମନ୍ତ୍ରୀ ଉଷା ଦେବୀ, ପୂର୍ବତନ ସାଂସଦ ଚନ୍ଦ୍ର ଶେଖର ସାହୁ, ପୂର୍ବତନ ବିଧାୟକ ଶ୍ରୀକାନ୍ତ ସାହୁ, ପୂର୍ବତନ ସାଂସଦ ପ୍ରମିଳା ବିଶୋଇ, ବିଧାୟକ ରୁପେଶ କୁମାର ପାଣିଗ୍ରାହୀ, ବିଧାୟକ ଗଣେଶ୍ୱର ବେହେରା, ଯୁବ ସଭାପତି ଚିନ୍ମୟ ସାହୁ, ଇଂତା ସାହୁ, ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ, ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ, ସୁଲତା ଦେଓ ରାଜ୍ୟ ସଭା ସାଂସଦଙ୍କ ସମେତ ବହୁ ବରିଷ୍ଠ ନେତା ଉପସ୍ଥିତ ଥିଲେ । ମୁଖପାତ୍ର ତୁମ୍ବନାଥ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରାୟ ଏକ ହଜାରରୁ ଉର୍ଦ୍ଧ ନେତା କର୍ମୀ କଳାବ୍ୟାଜ ପିନ୍ଧି ବିକ୍ରମ ପଣ୍ଡାଙ୍କୁ ଗିରଫ ପ୍ରତିବାଦରେ ବିକ୍ଷୋଭ ପ୍ରଦର୍ଶନ କରି ବିଭିନ୍ନ ସ୍ଲୋଗାନ ଦେଇଥିଲେ ।

## ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲା

# ବ୍ୟବସାୟୀ ସୁଦର୍ଶନଙ୍କ ଆତ୍ମ ସମର୍ପଣ, ଫାର୍ମ ହାଉସ ମାଲିକ ଗିରଫ



ବ୍ରହ୍ମପୁର, (ସବ୍ୟୁ): ଆଇନଜୀବୀ ତଥା ବିଜେପି ନେତା ପୀତବାସ ପଣ୍ଡା ହତ୍ୟା ମାମଲାରେ ଗୁରୁବାର ଅନ୍ୟଜଣେ ଅଭିଯୁକ୍ତ ବ୍ୟବସାୟୀ ସୁଦର୍ଶନ ଜେନା ଆତ୍ମ ସମର୍ପଣ କରିଛି ଓ ସୁଟରଙ୍କୁ ଆଶ୍ରୟ ଦେଇଥିବା ଫାର୍ମ ହାଉସ ମାଲିକ ଗିରଫ ହୋଇଛନ୍ତି । ଅନ୍ୟପଟେ ଆଇନଜୀବୀ ହତ୍ୟା ଦୃଷ୍ଟିରୁ କେହି ଓକିଲ ଓକିଲାତିନାମା ଦାଖଲ ନକରିବାକୁ ନିଷ୍ପତ୍ତି ନେଇଥିଲେ । ହେଲେ ଘଟଣାଟି ରାଜନୈତିକ ମୋଡ ନେବା ପରେ ୪୨ ଜଣ ଓକିଲ ଓକିଲାତିନାମା ଦାଖଲ କରିଛନ୍ତି । ପୋଲିସ ବୁଧବାର ବିଜେଡି ଜିଲ୍ଲା ସଭାପତି ବିକ୍ରମ କୁମାର ପଣ୍ଡା, କର୍ପୋରେଟର ମଳୟ ବିଷୋୟୀ ଓ ବିଜେଡି ନେତା ମଦନ ଦଳେଇ ସହ ୧୨ଜଣଙ୍କୁ କୋର୍ଟ ଚାଲାଣ କରିଥିଲା । ସେପଟେ ଜୟପୁରର ସୁନୀଲ ହୋତାଙ୍କୁ ଗତକାଲି ପୁଲିସ ଉଠାଇଥିବା ବେଳେ ଗୁରୁବାର ବ୍ୟବସାୟୀ ସୁଦର୍ଶନ ଜେନା ଆତ୍ମସମର୍ପଣ କରିଥିବା ସୂଚନା ମିଳିଛି । ଆଇନଜୀବୀଙ୍କୁ ହତ୍ୟା ହୋଇଥିବାରୁ କେହି ଓକିଲାତିନାମା ଦାଖଲ ନକରିବାକୁ ନିଷ୍ପତ୍ତି ହୋଇଥିଲା । କିନ୍ତୁ ଘଟଣା ରାଜନୈତିକ ମୋଡ଼ ନେବା ପରେ ଆଜି ୩ ଜଣଙ୍କ ପାଇଁ ୪୨ ଜଣ ଓକିଲ ଓକିଲାତିନାମା ଦାଖଲ କରିଛନ୍ତି । ବିକ୍ରମ ପଣ୍ଡା, ମଳୟ ବିଷୋୟୀ ଓ ମଦନ ଦଳେଇ ଓକିଲ ହୋଇଥିବାରୁ ସେମାନଙ୍କ ପାଇଁ ବରିଷ୍ଠ ଆଇନଜୀବୀ ବସନ୍ତ ପଣ୍ଡା, ଦୀପକ ପଟ୍ଟନାୟକ, ଶିବ ନାରାୟଣ ସାହୁ, ଚକ୍ରପାଣି ନାହାକ, କୃଷ୍ଣ ଚନ୍ଦ୍ର ପଣ୍ଡାଙ୍କ ସହ ୪୨ ଜଣ ଓକିଲ ଓକିଲାତିନାମା ଦେଇଛନ୍ତି । ପରବର୍ତ୍ତୀ ସମୟରେ ଅନ୍ୟମାନଙ୍କ ଓକିଲାତିନାମା ଦାଖଲ ହେବ ବୋଲି ସୂଚନା ମିଳିଛି । ଉଭୟଙ୍କୁ ପୁଲିସ ଜେରା କରୁଛି । ସୁନୀଲ ହୋତା ଜୟପୁରରେ ତାଙ୍କ ଫାର୍ମ ହାଉସରେ ଦୁଇଜଣ ଅଭିଯୁକ୍ତଙ୍କୁ ଆଶ୍ରୟ ଦେଇଥିଲେ ଏବଂ ଅଭିଯୁକ୍ତମାନଙ୍କ ପାଇଁ ଟଙ୍କା ଖର୍ଚ୍ଚ କରିଥିବା ଗତକାଲି ସାମ୍ବାଦିକ ସମ୍ମିଳନୀରେ ବ୍ରହ୍ମପୁର ଏସପି ସରବଣା ବିବେକ ଏମ ସୂଚନା ଦେଇଥିଲେ । ସେହିପରି ବିଜେପି ନେତା ପୀତବାସ ପଣ୍ଡା ହତ୍ୟା ମାମଲାର ଅନ୍ୟତମ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଛି। ସେ ହେଲେ କୋରାପୁଟ ଜୟପୁରର ଫାର୍ମ ହାଉସ ମାଲିକ ସୁନୀଲ ହୋତା । ଗତକାଲି ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ସମେତ ପୂର୍ବତନ ମେୟର ଶିବଶଙ୍କର ଦାସ, ବିଏମସିର ୪୧ ନଂ ଓ୍ୱାର୍ଡ କର୍ପୋରେଟର ମଳୟ ବିଷୋୟୀ, ବିଜେଡି ନେତା ମଦନ ଦଳାଇ ସମେତ ମୋଟ ୧୨ ଜଣଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଥିଲା। ପୀତବାସଙ୍କୁ ଗୁଳି କରିବା ପରେ ଜୟପୁର ଚାଲି ଯାଇଥିବା କୁରୁପତି ଭୂୟାଁ ଓ ଉମା ବିଷୋୟୀଙ୍କୁ ଫାର୍ମ ହାଉସ ମାଲିକ ସୁନୀଲ ଆଶ୍ରୟ ଦେଇଥିଲେ। ସେହିପରି ସୁଦର୍ଶନ ଜେନା ଏହି ହତ୍ୟା ପଛରେ ଟଙ୍କା ଖର୍ଚ୍ଚ କରୁଥିଲା ବୋଲି ପୁଲିସର ତଦନ୍ତରୁ ଜଣାପଡିଛି। ସେହିକ୍ରମରେ ପୁଲିସ ତାଙ୍କୁ ଅଟକ ରଖି ପଚରାଉଚରା କରୁଛି। ଅନ୍ୟପକ୍ଷରେ ଆଜି ବିକ୍ରମ, ମଳୟ ଓ ମଦନ ନିଜ ଓକିଲଙ୍କ ଜରିଆରେ ବ୍ରହ୍ମପୁର ଏସଡିଜେଏମ କୋର୍ଟରେ ଜାମିନ ଆବେଦନ କରିଛନ୍ତି। ପର୍ଯ୍ୟାୟକ୍ରମରେ ଅନ୍ୟ ଅଭିଯୁକ୍ତମାନେ ମଧ୍ୟ ଜାମିନ ଆବେଦନ କରିବେ ବୋଲି ସୂଚନା ମିଳିଛି ।

## ଅନ୍ତର୍ଜାତୀୟ ରଗବୀ ଖେଳାଳି ସନ୍ଧ୍ୟାରାଣୀଙ୍କୁ ମୟୂରଭଞ୍ଜ ମାଟିରେ ଭବ୍ୟ ସମ୍ବର୍ଦ୍ଧନା

ବାରିପଦା, (ସବ୍ୟୁ) : ସନ୍ଧ୍ୟାରାଣୀ ଭାରତୀୟ ମହିଳା ଦଳରେ ସ୍ଥାନ ପାଇ ଚାଇନା ଓ ଶ୍ରୀଲଙ୍କା ଠାରେ ନିଜର ପ୍ରଥମ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଇତିହାସ ସୃଷ୍ଟି କରି ଫେରିବା ପରେ ଗତକାଲି ମୟୂରଭଞ୍ଜ ଜିଲ୍ଲାର ଜାଗ୍ରତ ପ୍ରହରୀ ଭଞ୍ଜସେନା ଦ୍ୱାରା ବାରିପଦାର ପ୍ରବେଶ ପଥ ପାଲବଣୀ ବାଇପାସଠାରେ ସନ୍ଧ୍ୟାଙ୍କୁ ସମ୍ବର୍ଦ୍ଧନା ଦେବା ପରେ ଏକ ରୋଡ ରାଲି ଦ୍ୱାରା ସହିଦ୍ ସ୍ମୃତି ଭବନ ପର୍ଯ୍ୟନ୍ତ ନିଆଯାଇଥିଲା । ସେଠାରେ ସନ୍ଧ୍ୟାଙ୍କୁ ନିଜ ଅନୁଷ୍ଠାନ ତଥା ପ୍ରଶିକ୍ଷଣ ଗ୍ରହଣ କରୁଥିବା ଫ୍ୟୁଚର ଷ୍ଟାର୍ ସ୍ପୋର୍ଟସ ଏକାଡେମୀ ଦ୍ୱାରା ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବ ଓ ପ୍ରତିଷ୍ଠା ଦିବସରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା । ଏସିଆ ଏମିରେଟ୍ ରଗବୀ ସେଭେନସ ସିରିଜ ଲେଗ୍-୧ ରେ ଭାରତୀୟ ମହିଳା ରଗବୀ ଦଳ ଚାଇନାରେ ପାଞ୍ଚଟି ମ୍ୟାଚ୍ ଖେଳିଥିବା ବେଳେ, ସନ୍ଧ୍ୟାରାଣୀ ଟୁଡୁ ଟପ୍ ସ୍କୋରର ରହି ୨୪ ପଏଣ୍ଟ ସ୍କୋର କରିବା ସହିତ ଭାରତୀୟ ଦଳ ପାଇଁ ଫିଲିପାଇନ୍ସ ବିରୋଧରେ ପ୍ରଥମ ସ୍କୋର କରିଥିଲେ ।ୟୁଏଇ ବିପକ୍ଷରେ ବିଜୟୀ ସ୍କୋର କରି ଦଳକୁ ଦଶମ ସ୍ଥାନରୁ ଷଷ୍ଠ ସ୍ଥାନକୁ ପହଞ୍ଚାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ପୁନଶ୍ଚ ଶ୍ରୀଲଙ୍କା ଠାରେ ଅନୁଷ୍ଠିତ ଏସିଆ ଏମିରେଟ୍ ରଗବୀ ସେଭେନସ ସିରିଜ ଲେଗ୍-୨, ଭାରତୀୟ ମହିଳା ଦଳ ୫ଟି ମ୍ୟାଚ୍ ଖେଳି ସନ୍ଧ୍ୟା ୫ ପଏଣ୍ଟ ଦଳ ପାଇଁ ଯୋଡ଼ି ଦେଇଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ଭଞ୍ଜସେନାର ଟାଉନ ସଭାପତି ରାଜା ଖାନ ଓ ଯୁବ ସଦସ୍ୟ ବାଇକ୍ ରାଲିର ଆୟୋଜନ କରିଥିଲେ ଓ ସହିଦ୍ ସ୍ମୃତି ଭବନରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାନ୍ୟବର ଗୃହନିର୍ମାଣ ଏବଂ ନଗର ଉନ୍ନୟନ ତଥା ସାର୍ବଜନୀନ ଉଦ୍ୟୋଗ ମନ୍ତ୍ରୀ, ଓଡ଼ିଶା ସରକାର, ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ଅନ୍ତର୍ଜାତୀୟ ରଗବୀ ତାରକା ସନ୍ଧ୍ୟାରାଣୀ ଟୁଡୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଶୁଭାଶିଷ ନାୟକ, ଜିଲ୍ଲା ଶାରୀରିକ ଶିକ୍ଷା କ୍ରୀଡ଼ା ଅଧିକାରୀ ଭାଗିରଥୀ ମଲ୍ଲିକ, ଭଞ୍ଜସେନା ଜିଲ୍ଲା ସଭାପତି ପିଣ୍ଟୁ ମାଇତି, ପୂର୍ବର୍ତନ ଜିଲ୍ଲା କ୍ରୀଡ଼ା ଅଧିକାରୀ ପ୍ରଦୀପ କୁମାର ବେହେରା, ଜିଲ୍ଲା କ୍ରୀଡ଼ା ସଂଘର ସମ୍ପାଦକ ବିଜୟ କୁମାର ଦାସ, ପୂର୍ବତନ ବିଧାୟକ କାନ୍ଦ୍ରା ସୋରେନ ଓ ଏକାଡେମୀର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଉପଦେଷ୍ଟା ସୋମନାଥ ସିଂହ ମଞ୍ଚ ପରିଚାଳନା କରିଥିବାବେଳେ ଏକାଡେମୀର ପ୍ରତିଷ୍ଠାତା ଦିବ୍ୟରଞ୍ଜନ ଦାସ କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲ ।

## କଙ୍କଳି ରାସ୍ତା ଦେଉଛି ଯମଯନ୍ତ୍ରଣା

# ଗୋଡ଼ି, ପାଉଁଶ ବିଛାଇ ଠିକାଦାର ନେଇଛନ୍ତି ବିରାମ !



ତାଳଚେର, (ସବ୍ୟୁ) : ତାଳଚେର ବ୍ଲକ ଅନ୍ତର୍ଗତ ଅର୍ଜୁନ କଚ୍ଚା ପୋଖରୀ ଠାରୁ ଆରମ୍ଭ କରି ଗିରିଗିରିଆ ସାହି, କାକୁଡ଼ି, ହରିହରପୁର, କଙ୍କଳି, ଧରମପୁର ଦେଇ ସମଲକୁ ଯାଇଥିବା ରାସ୍ତାଟିରେ ଠିକାଦାର ପାଉଁଶ ଗୋଡ଼ି ବିଛାଇଦେଇ ଆଜକୁ ପ୍ରାୟ ୧ବର୍ଷ ହେବ ଲୋକମାନଙ୍କୁ ଭୂଆଁ ବୁଲାଇ ଚାଲିଛି । ଯାହା ଦ୍ୱାରା ବଡ଼ବଡ଼ ଗାଡ଼ି ଗଲେ ପାଉଁଶ ଗୁଣ୍ଡରେ ନାହିଁ ନଥିବା ଅସୁବିଧାରେ ଅଂଚଳବାସୀ ହଇରାଣ ହରକତ ହେବା ସହ ଦୁଇଚକିଆ ଯାନରେ ଗଲେ ରାସ୍ତା ଉପରେ ଗୋଡ଼ି ଗୁଡ଼ିକ ଭାସୁଥିବାରୁ ଗାଡ଼ି ଚକରେ ଫଶିଯାଇ ପମ୍ପଚୋର ହେବା ସହ ଭାରସାମ୍ୟ ହରାଇ ଦୁର୍ଘଟଣାର ଆଶାଙ୍କା ଦେଖାଦେଉଛି ।

ଏହି ରାସ୍ତାଟି ପୂର୍ବରୁ ଖାଲଖମା ହୋଇଥିବାରୁ ପିଡ଼ବ୍ଲୁଡ଼ି ପକ୍ଷରୁ ଟେଣ୍ଡର ଡ଼କାଯାଇ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା । ତଦ୍ ଅନୁଯାୟୀ ଠିକାଦାର ରାସ୍ତାଟିରେ କେବଳ ପାଉଁଶ ଗୁଣ୍ଡ ଓ ଚିପ୍ସ ପକାଇ ଆଜକୁ ୧ବର୍ଷ ହେବ କାର୍ଯ୍ୟ ସମ୍ପୂର୍ଣ୍ଣ କରୁନାହାନ୍ତି ଓ କେଉଁ ସ୍ୱାର୍ଥନେଇ ଅଟକାଇ ରଖିଛନ୍ତି ତାହାର ତଦନ୍ତ କରାଯିବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି । ଏହି ଧୂଳିଧୂଆଁ ଯୋଗୁଁ ଲୋକମାନେ ଘରୁ ପଦାକୁ ଯିବାକୁ ଉଚିତ ଭାବୁନଥିବା ବେଳେ ଏହି ରାସ୍ତାଧୂଳି ପ୍ରଚୁରମାତ୍ରାରେ ଘରେ ପଶିବା ସହ ଏକ ଅପ୍ରିତୀକର ପରିସ୍ଥିତି ସୃଷ୍ଟି କରୁଛି ବୋଲି ଗ୍ରାମବାସୀମାନେ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲା । ଠିକାଦାର କାର୍ଯ୍ୟ ଶେଷ କରିବା ପରିବେର୍ତ ଲୋକଙ୍କୁ ଚକମା ଦେଉଛନ୍ତି ବୋଲି ଗ୍ରାମବାସୀମାନେ ଗଣମାଧମ ସମ୍ମୁଖରେ ପ୍ରକାଶ କରିଛନ୍ତି ।

ଏହି ରାସ୍ତାଦେଇ ପଂଚାୟତବାସୀ ଦୈନିକ ଶହଶହ ଲୋକ ଯାତାୟତ କରିଥାନ୍ତି । ରାସ୍ତାରୁ ପାଉଁଶ ଉଡ଼ି ପଥଚାରୀ ଓ ବାଇକ ଆରୋହୀଙ୍କୁ ନାକେ ଦମ କରୁଥିବା ବେଳେ ପାଉଁଶ ଗୁଣ୍ଡ ଯୋଗୁଁ ଧୂଳିର ଆସ୍ତରଣ ଜମି ଲୋକଙ୍କୁ ବିରକ୍ତି ଭାବ ସୃଷ୍ଟି କରିଥାଏ ଓ ସ୍ଥାନୀୟ ଲୋକେ ଅଣନିଶ୍ୱାସୀ ହେଉଥିବା ଅଭିଯୋଗ ହେଉଛି । ଏପରି ଘଟଣା ଦିନକୁ ଦିନ ବୃଦ୍ଧି ପାଉଥିଲେ ମଧ୍ୟ କିପରି ନିଘୋଡ଼ ନିଦ୍ରାରେ ଶୋଇଥିବା ଘଟଣା ଅଂଚଳବାସୀଙ୍କୁ ଚିକତ କରିଛି । ତେଣୁ ପ୍ରଶାସନ ଏହା ଉପରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## ବଇଣ୍ଡାରେ କାଳୀପୂଜା ଭସାଣି

ଠାକୁରଗଡ/ବଇଣ୍ଡା, (ସବ୍ୟୁ) : ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ହଣ୍ଡପା ଥାନା ବଇଣ୍ଡା ଅଞ୍ଚଳରେ ଚାଲିଥିବା କାଳୀପୂଜାର ଭସାଣି ଉତ୍ସବ ବୁଧବାର ରାତିରେ ଅନୁଷ୍ଠିତ ହୋଇ ଯାଇଛି । ମା'ଙ୍କ ମୂର୍ତ୍ତିକୁ ଏକ ପଟୁଆରେ ବସାଇ ନଗର ପରିକ୍ରମା କରାଯାଇଥିଲା । ବାଜା , ବାଣ ସହ ଡିଜେ ସାଉଣ୍ଡର ନୃତ୍ୟ ତାଳେ ତାଳେ ମା'ଙ୍କୁ ବିଦାୟ କରାଯାଇଥିଲା । ଏଥିରେ ପୂଜା କମିଟିର ନରେଶ ସାହୁ , ସ୍ୱାଧୀନ ଶର୍ମା , ଦୀପକ ସାହୁ , ଚନ୍ଦନ ସାହୁ ପ୍ରମୁଖ ସହଯୋଗ କରିଥିଲେ । ବଇଣ୍ଡା ଫାଣ୍ଡି ପୋଲିସ ଶାନ୍ତି ଶୃଙ୍ଖଳା ରକ୍ଷା କାର୍ଯ୍ୟ ତୁଲାଇଥିଲା ।

# କୁମ୍ଭୀର ଛିଣ୍ଡାଇ ନେଲା ହାତ : ଯୁବକ ଗୁରୁତର

ଠାକୁରଗଡ, (ସବ୍ୟୁ) : ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ରଣିଆକଟା ପଂଚାୟତ ଝାମ୍ପୁଲି ଗ୍ରାମ ନାଳ ରେ କୁମ୍ଭୀର ଆକ୍ରମଣରେ ସେହି ଗ୍ରାମର ରଞ୍ଜିତ ପ୍ରଧାନ (୫୦ ) ଜଣେ ଯୁବକ ଗୁରୁତର ଆହାତ ହୋଇଛନ୍ତି । ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ପ୍ରଥମେ କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରିଥିଲେ । ପରେ ତାଙ୍କ ଅବସ୍ଥା ଗୁରୁତର ହୋଇ ପଡିବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି ।

ଘଟଣାରୁ ଜଣା ପଡିଛି ଯେରଞ୍ଜିତ ଝାମ୍ପୁଲି ନାଳ ପରିସରରେ ଛେଳି ଚରାଇବା ପାଇଁ ଯାଇଥିଲେ । ପରେ ଉକ୍ତ ନାଳରେ ସେ ଶୌଚ କରିବା ପାଇଁ ଯାଇଥିବା ବେଳେ କୁମ୍ଭୀର ତାଙ୍କ ହାତକୁ ଟାଣି ନେଇଥିଲା । ତାଙ୍କ ହାତ ଅଧା କୁମ୍ଭୀର କାମୁଡି ଚିଣ୍ଡାଇ ନେଇ ଥିବା ବେଳେ ଅଳ୍ପକେ ରକ୍ଷା ପାଇ ଯାଇଥିଲେ । ପରେ ସେ ଗୁରୁତର ହୋଇ ପଡ଼ିଥିଲେ ।

ଉକ୍ତ ନାଳ ନିକଟରେ ଥିବା କିଛି ଅଞ୍ଚଳବାସି ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ମେଡିକାଲ ରେ ଭର୍ତ୍ତି କରିଛନ୍ତି । ଖବର ପାଇ ବାମୁର ବନ ବିଭାଗ ଅଧିକାରୀ ପହଁଚି ତଦନ୍ତ ଆରମ୍ଭ କରିଛନ୍ତି । ତୁରନ୍ତ ରଞ୍ଜିତଙ୍କ ପରିବାରକୁ କ୍ଷତିପୂରଣ ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହୋଇଛି ।



## ବ୍ୟବସାୟୀଙ୍କ ପରଲୋକ

ଠାକୁରଗଡ /ବଇଣ୍ଡା ,(ସବ୍ୟୁ) :ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡା ଗ୍ରାମର ପୁରାତନ ବ୍ୟବସାୟୀ ରାମ ଗୋପାଳ ସାହାଙ୍କର ଗୁରୁବାର ଦିନ ତାଙ୍କ ଅନୁଗୋଳ ସ୍ଥିତ ବାସଭବନ ରେ ପରଲୋକ ହୋଇ ଯାଇଛି । ସେ ଜଣେ ମେଳାପୀ ବ୍ୟକ୍ତିଥିବା ବେଳେ ବଇଣ୍ଡା ବଜାର କମିଟିର ପୂର୍ବତନ କୋଷାଧକ୍ଷ ଭାବରେ କାର୍ଯ୍ୟ କରିଥିଲେ । ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ପୁଅ, ବହୁ ନାତି ନାତୁଣୀ ଉପସ୍ଥିତ ଥିଲେ । ବଇଣ୍ଡା ଅଞ୍ଚଳ ର ଅନେକ ବ୍ୟକ୍ତି ତାଙ୍କ ବାସ ଭବନ କୁ ଯାଇ ତାଙ୍କର ଶେଷ ଦର୍ଶନ କରିଥିଲେ । ତାଙ୍କ ବିୟୋଗ ରେ ବଇଣ୍ଡା ଅଞ୍ଚଳ ରେ ଶୋକର ଛାୟା ଖେଳିଯାଇଛି ।

## ରାସ୍ତାରେ ଖସପଡ଼ି ଆଠମଲ୍ଲିକ ବିଇଓଙ୍କ ମୃତ୍ୟୁ

ଠାକୁରଗଡ ,(ସବ୍ୟୁ) : ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ବଇଣ୍ଡା ଛକ ରେ ଗୁରୁବାର ଦିନ ଖସି ପଡି ଆଠମଲ୍ଲିକ ବ୍ଲକ ଶିକ୍ଷା ଅଧିକାରୀ ଶିବାନନ୍ଦ ଧଡାଙ୍କର ମୃତ୍ୟୁ ହୋଇଛି । ଘଟଣାରୁ ଜଣା ପଡିଛି ଯେ ଶିବାନନ୍ଦ ଚାଲି ଚାଲି ବଇଣ୍ଡା ଅଞ୍ଚଳରେ ଷ୍ଟେସନ ଆଡକୁ ଯାଉଥିବା ବେଳେ ହଠାତ ରାସ୍ତା ରେ ଖସି ପଡିଥିଲେ । ପରେ ତାଙ୍କୁ ଗୁରୁତର ଅବସ୍ଥାରେ ବଇଣ୍ଡା ମେଡିକାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ତାଙ୍କ ମୃତ୍ୟୁ ଖବର ପ୍ରଚାର ହେବା ପରେ ଆଠମଲ୍ଲିକ ଅଞ୍ଚଳର ବହୁ ଶିକ୍ଷକ ମେଡିକାଲରେ ପହଞ୍ଚି ଶେଷ ଦର୍ଶନ କରିଥିଲେ । ତାଙ୍କ ଘର ବାଲେଶ୍ୱର ଅଞ୍ଚଳରେ ବୋଲି ଜଣାପଡିଛି । ହଣ୍ଡପା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତାଙ୍କ ମୃତଦେହକୁ ଜବତ କରିଛି ।

## କାଳୀପୂଜା ଉତ୍ସବ ଧୂମଧାମରେ ପାଳିତ

ବେତନଟୀ, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ଅଧୀନ ବେତନଟୀ ବ୍ଲକ ବୈଶିଙ୍ଗା ଅଞ୍ଚଳର ଏକାଧିକ ସ୍ଥାନରେ ଚାଲିଛି ଗଣପର୍ବ କାଳୀପୂଜା । ଆଖପାଖ ଏକାଧିକ ମଣ୍ଡପରେ ଚଳିତ ବର୍ଷ ଶତାଧିକ ଭକ୍ତଙ୍କ ସମାଗମରେ ମଣ୍ଡପରେ ପୂଜା ପାଉଛନ୍ତି ମା' ଶ୍ୟାମାକାଳୀ । ତେବେ ବୈଶିଙ୍ଗା ବଜାର ଭିତରେ ବଜାର କମିଟି ପକ୍ଷରୁ ୬୬ତମ ସର୍ବପୁରାତନ କାଳୀପୂଜା ଉତ୍ସବ ଚଳିତ ବର୍ଷ ବେସ ଧୂମଧାମରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ଉମାକାନ୍ତ ପଣ୍ଡା ଏବଂ ସମ୍ପାଦକ ସତ୍ୟନାରାୟଣ ପଣ୍ଡାଙ୍କ ତତ୍ତ୍ୱାବଧାନରେ ତଥା ବୈଶିଙ୍ଗା ବଜାର କମିଟିର ପ୍ରତ୍ୟେକ ସଦସ୍ୟଙ୍କ ପ୍ରତ୍ୟକ୍ଷ ସହଯୋଗରେ ପୂଜା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ପୂଜା ମଣ୍ଡପରେ ଜମିଥିଲା ଭକ୍ତଙ୍କର ଭିଡ଼ । ସୁନ୍ଦର ସାଜସଜ୍ଜା ଓ ବହୁ ଆଡମ୍ବରରେ ପାଳିତ ହେଉଛି ଏବର୍ଷର ଗଣପର୍ବ କାଳୀପୂଜା । ଚତୁର୍ଦ୍ଦଶୀରେ ଲକ୍ଷ୍ମୀନାରାୟଣ ପୂଜା ପାଇଥିବା ବେଳେ ଅମାବାସ୍ୟାରେ ଶ୍ୟାମାକାଳୀ ପୂଜା ପାଇଛନ୍ତି । ସବୁ ପରି ପାଳିତ ହେଉଥିବା ଏହି ପର୍ବରେ ପୂର୍ବ ବର୍ଷ ପରି ମଣ୍ଡପ ଅୟୋଜକମାନେ ସୁନ୍ଦର ତୋରଣ ସାଙ୍ଗକୁ ଆକର୍ଷଣୀୟ ମୂର୍ତ୍ତି ତିଆରି କରି ମଣ୍ଡପରେ ସ୍ଥାପନ କରିଥିଲେ । ବିଗତ ୩ଦିନ ଧରି କମିଟି ପକ୍ଷରୁ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ମଧ୍ୟ ଆୟୋଜନ କରାଯାଇଥିବାବେଳେ ଗୁରୁବାର ହଜାର ହଜାର ଲୋକଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ଏଥିରେ କମିଟିର କୋଷାଧକ୍ଷ ହରିହର ଦାସ, ସହ ସମ୍ପାଦକ ଜ୍ୟୋତି ରଞ୍ଜନ ସାହୁ, ଉପସଭାପତି ଗଦାଧର ମଣ୍ଡଳଙ୍କ ସମେତ ସମସ୍ତ ଯୁବକ ବନ୍ଧୁ ଏହି କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ । ସେହିପରି ସ୍ଥାନୀୟ ମୋହନପୁର ସ୍ଥିତ ଦଲଦଲି ଛକ, ପଣସିଆ, ଗଡ଼ଦେଉଳିଆ ଆଦି ବିଭିନ୍ନ ଅଞ୍ଚଳରେ ମଧ୍ୟ କାଳୀପୂଜା ବହୁ ଆଡମ୍ବରରେ ପାଳିତ ହୋଇଯାଇଛି । ଅନ୍ୟପଟେ ପୂଜାଠାରୁ ଆରମ୍ଭ କରି ଭସାଣି ଯାଏ ଶାନ୍ତି ଶୃଙ୍ଖଳାର ସହ ପୂଜା ସମାପନ କରିବାକୁ ବୈଶିଙ୍ଗା ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି ।

# ଯମଯନ୍ତ୍ରଣା ଭୋଗୁଛନ୍ତି କୁତାର୍ଥପୁର ଗ୍ରାମବାସୀ

ଆଠମଲ୍ଲିକ, (ସବ୍ୟୁ) : ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ନଅଗାଁ ପଂଚାୟତର କୁତାର୍ଥପୁର ଗ୍ରାମକୁ ଆଜି ପର୍ଯ୍ୟନ୍ତ ସ୍ଥାୟୀ ରାସ୍ତାଟିଏ ହୋଇ ନଥିବାରୁ ଗମନା ଗମନରେ ବହୁ ଅସୁବିଧା ଭୋଗ କରିବା ସହିତ ଯମ ଯନ୍ତ୍ରଣାରେ ତୁଳନା କରୁଛନ୍ତି ଗ୍ରାମବାସୀ ।

ସୂଚନା ଥାଉ କି ପାହାଡର ପାଦ ଦେଶରେ ଅବସ୍ଥିତ ଏହି କୁତାର୍ଥ ପୁର ଗ୍ରାମରେ ବସବାସ କରୁଥିବା ଗ୍ରାମବାସୀ ବର୍ଷ ତମାମ ପରିବା ଚାଷ କରି ସହରସ୍ଥିତ ଦୈନନ୍ଦିନ ହାଟରେ ବିକ୍ରି କରି ପରିବାର ପୋଷିଥାନ୍ତି । ଦୁଃଖର ବିଷୟ ଯେ ଦୀର୍ଘଦିନର ଦାବୀ ସତ୍ତ୍ୱେ ଲିପିଲୋଇ– କୁତାର୍ଥପୁର ରାସ୍ତା ଅଧପନ୍ତରିଆ ଭାବେ ପଡି ରହିଥିବା ବେଳେ ୩ କିଲୋମିଟର ରାସ୍ତାର ପାଞ୍ଚ ସହ ମିଟର ରାସ୍ତା କାଦୁଅ ସହିତ ଖାଲଖମାରେ ଭର୍ତ୍ତି ହୋଇ ରହିଛି । ଯା ଫଳ ରେ ରୋଗୀ, ଛାତ୍ର ଛାତ୍ରୀ, ବୟସ୍କ ବ୍ୟକ୍ତି ସଦର ମହକୁମାକୁ ଆସିବାରେ ଯନ୍ତ୍ରଣା ଭୋଗୁଛନ୍ତି । ଗ୍ରାମବାସୀଙ୍କ କହିବା ଅନୁଯାଇ ଦୀର୍ଘ ଦିନର ଦାବୀ ପରେ ବ୍ଲକ ତରଫରୁ କିଛି କାଂଶ ରାସ୍ତା କରିଥିବା ବେଳେ ବାକି ରାସ୍ତା କାଦୁଅ ଖାଲଖମାରେ ଭର୍ତ୍ତି ହୋଇରହିଛି ।

ଗ୍ରାମବାସୀଙ୍କ ସୁବିଧା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ଉକ୍ତ ରାସ୍ତା କାର୍ଯ୍ୟ କରାଯାଇ ବ୍ୟବହାର ଉପଯୋଗୀ କରିବାକୁ ଗ୍ରାମବାସୀଙ୍କ ତରଫରୁ ସୁମନ୍ତ ପରିଡ଼ା, ମାଧବ ପରିଡ଼ା, ହରି ବେହେରା, ସାଧବ ପରିଡ଼ା, ଭୀମ ବେହେରା, ବାବୁଲି ପରିଡ଼ା, ପ୍ରସନ୍ନ ପ୍ରଧାନ, ଦୁଷ୍ମନ୍ତ ବେହେରା, ଶ୍ରୀକାନ୍ତ ବେହେରା, ସୁଶୀଳ ପ୍ରଧାନ, ଗୁଣ୍ଡିଚା ପ୍ରଧାନ, ଡୁଲୁ ପ୍ରଧାନ ପ୍ରମୁଖ ଦାବି କରିଛନ୍ତି ।



## ବିଧବା ମହିଳାଙ୍କୁ ମାଡ଼ ଅଭିଯୋଗ

ଠାକୁରଗଡ ,(ସବ୍ୟୁ) :ଆଠମଲ୍ଲିକ ବ୍ଲକ ଠାକୁରଗଡ ଥାନା କଳା ପାଟନାଳୀ ଗ୍ରାମର ବିଧବା ମହିଳା ଲତା ନାୟକଙ୍କୁ ତାଙ୍କ ଯାଆ ଶଶୀ ନାୟକ , ପୁତୁରା ରଞ୍ଜନ ନାୟକ , ପୁତୁରା ବହୁ ଦଇ ନାୟକ ଏକ ପଥରରେ ଆକ୍ରମଣ କରିବା ସହ ହତ୍ୟା କରିବା ପାଇଁ ଧମକ ଦେଇଥିବା ଲତା ଠାକୁରଗଡ ଥାନାରେ ବୁଧବାର ଦିନ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗକୁ ଭିତିକରି ନମ୍ବର ୨୯୧/୨୫ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଛି । ପୋଲିସ କହିଛି ଯେ ଲତା ବିଧବା ମହିଳା ହୋଇଥିବା ବେଳେ ତାଙ୍କର ସମସ୍ତ ସମ୍ପତିକୁ ହଡପ କରିବା ପାଇଁ ଶଶୀ କିଛି ବର୍ଷ ହେବ ଯୋଜନା କରୁଛନ୍ତି । ଏ ପରିକି କୌଣସି କାରଣ ନ ଥାଇ ତାଙ୍କୁ ଶଶୀଙ୍କ ପରିବାର ଲୋକ ନିର୍ଯାତନା ଦେବା ସହ ମାଡ ମାରୁଥିବା ଅଭିଯୋଗପତ୍ର ରେ ଦର୍ଶାଇଛନ୍ତି ।

## ପୂର୍ବତନ ଗ୍ରାମ ସଭାପତିଙ୍କ ପରଲୋକ

ଠାକୁରଗଡ ,(ସବ୍ୟୁ) : ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ଲୁହାମୁଣ୍ଡା ଗ୍ରାମର ପୂର୍ବତନ ସଭାପତି ଆର୍ତ୍ତତ୍ରାଣ ବିଶ୍ୱାଳ (୧୦୨ )ଙ୍କର ବୁଧବାର ଦିନ ତାଙ୍କ ଲୁହାମୁଣ୍ଡା ବାସଭବନରେ ପରଲୋକ ହୋଇଯାଇଛି । ସେ ଶତାୟୁ ବ୍ୟକ୍ତି ହୋଇଥିବା ବେଳେ ଲୁହାମୁଣ୍ଡା ଗ୍ରାମର ୧୫ ବର୍ଷ ସଭାପତି ଭାବରେ କାର୍ଯ୍ୟ କରିଛନ୍ତି । ଏଥିସହ ଲୁହାମୁଣ୍ଡା ହାଇସ୍କୁଲନିର୍ମାଣ ପାଇଁ ଜମି ପ୍ରଦାନ କରିଛନ୍ତି । ତାଙ୍କ ପରଲୋକ ଖବର ପ୍ରଚାର ହେବା ପରେ ବହୁ ବ୍ୟକ୍ତି ତାଙ୍କ ବାସଭବନକୁ ଯାଇ ତାଙ୍କର ଶେଷ ଦର୍ଶନ କରିଥିଲେ । ତାଙ୍କ ବିୟୋଗରେ ଲୁହାମୁଣ୍ଡା ହାଇସ୍କୁଲରେ ଶୋକ ସଭା ହୋଇଥିବା ବେଳେ ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ, ବିଜେଡି ନେତା ଭାଗୀରଥୀ ପ୍ରଧାନ, ସାମାଜିକ କର୍ମୀ ରଣଜିତ ପଟ୍ଟନାୟକ ଶୋକ ପ୍ରକାଶ କରିଛନ୍ତି ।

# ଢେଙ୍କାନାଳରେ ପାଳନ ହେଲା ଗାଁ ଦିବସ



ଢେଙ୍କାନାଳ, (ସବ୍ୟୁ) : ରାଜ୍ୟ ସ୍ତରରେ ଅନେକ ଦିବସ ପାଳନ ହେଉଥିବା ଗାଁ ଦିବସ ପାଳନ ହେଉନାହିଁ । ସେଥିପାଇଁ କଳାକ୍ଷେତ୍ର ଅନୁଷ୍ଠାନ ଓଡିଆର ପ୍ରତ୍ୟେକ ଜିଲ୍ଲାରେ ପବିତ୍ର ଦୀପାବଳି ଠାରୁ ୩ ଦିନ ଧରି ପାଳନ କରୁଛି । ଏହି ପରିପ୍ରେକ୍ଷୀରେ ଢେଙ୍କାନାଳ ଜିଲ୍ଲାରେ ମଧ୍ୟ ୨୧, ୨୨, ୨୩ ତାରଖି ତିନିଦିନ ମହା ଆଡମ୍ବରରେ ପାଳନ ହେଉଛି । ହିନ୍ଦୋଳ ବ୍ଲକ ଅନ୍ତର୍ଗତ ବଙ୍ଗୁ ଗ୍ରାମରେ ଆରମ୍ଭ ହୋଇଥିବା ବେଳେ ସଦର ବ୍ଲକ ଅନ୍ତର୍ଗତ ସିଆରିଆ ଗ୍ରାମରେ ଓ ଆଜି ଉଦ୍ୟାପନୀ ଉତ୍ସବରେ ବାଜିରାଉତଙ୍କ ମାଟି ବଡ ଗାଁ ଭୁବନ ବ୍ଲକରେ ମହା ସମାରୋହରେ ପାଳନ ହୋଇଛି । ଭୁବନ ବ୍ଲକ ଅନ୍ତର୍ଗତ ବୋମୁଆ ଠାରେ ଉଦ୍ୟାପନୀ ଉତ୍ସବରେ କଳାକ୍ଷେତ୍ର ଅନୁଷ୍ଠାନର ସଭାପତି ତଥା ବରିଷ୍ଠ ଚଳଚିତ୍ର ଅଭିନେତା ଅଶ୍ରୁମୋଚନ ମହାନ୍ତି ଯୋଗ ଦେଇଥିବା ବେଳେ ପ୍ରତିଷ୍ଠାତା ବାସୁଦେବ ମାଳବିଶୋଇ, ଭାରତୀୟ ଜନତା ପାର୍ଟିର ଢେଙ୍କାନାଳ ଜିଲ୍ଲା ସଭାପତି ରାସବିହାରୀ ବେହେରା, କଳାକ୍ଷେତ୍ରର ଜିଲ୍ଲା ସଂଯୋଜକ ବିଜ୍ଞାନ ମହାନ୍ତି ଓ ବହୁ ମାନ୍ୟ ଅତିଥି ଯୋଗ ଦେଇଥିଲେ । ଲୋକ କଳାକାରଙ୍କ ସହିତ ଗାଁ ପରିକ୍ରମା କରି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଗାଁର ଭାଇଚାରା, କଳା ସଂସ୍କୃତିର ବିକାଶ ଗାଁ ଦିବସର ଲକ୍ଷ ଓ ଏହା କଳାକାରଙ୍କ ପାଇଁ ନୂତନ ଧାରା ସୃଷ୍ଟି କରିବବୋଲି ପ୍ରତିଷ୍ଠାତା ବାସୁଦେବ ମାଳବୋଶୋଇ କହିଥିବା ବେଳେ ଗାଁ କୁ ନେଇ ସମସ୍ତଙ୍କ ସ୍ମୃତି ରହିଛି, ତାହା ମନେ ପକାଇବାପାଇଁ ଏହି ଗାଁ ଦିବସ ଏକ ମାଧ୍ୟମ ହେବବୋଲି କହିଛନ୍ତି ବରିଷ୍ଠ ଅଭିନେତା ଅଶ୍ରୁମୋଚନ ମହାନ୍ତି । ଗ୍ରାମବାସୀଙ୍କ ମଧ୍ୟରେ ହୁଳହୁଳି, ଝୋଟି ଭଳି ଅନେକ ପ୍ରତିଯୋଗିତା ଆୟୋଜନ କରାଯାଇ ପୁରସ୍କୃତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ କଳାକ୍ଷେତ୍ରର ଜିଲ୍ଲା ସଂଯୋଜକ ବିଜ୍ଞାନ ମହାନ୍ତି ମଞ୍ଚ ସଂଯୋଜନା କରିଥିବା ବେଳେ ସୁଶାନ୍ତ କୁମାର ପାଣି, ଅଶୋକ ସାମଲ, ବିମଳ ବିଶ୍ୱାଳ, ବନ୍ଦନା ରାଉତ, ଶିବାନୀ ସାହୁ, ହରପ୍ରିୟା ସ୍ୱାଇଁ, ଶାନ୍ତି ସ୍ୱରୂପ ପଟ୍ଟନାୟକ ସହଯୋଗ କରିଥିଲେ ।

## ସରସଦା ସମିତିରେ ତାଲା : ମାମଲା ରୁଜୁ

ଭଣ୍ଡାରିପୋଖରୀ, (ସବ୍ୟୁ): ଭଣ୍ଡାରିପୋଖରୀ ବ୍ଲକ ସରସଦା ସମବାୟ ସମିତିରେ ପ୍ରଶାସନ ପକ୍ଷରୁ ତାଲା ପକାଯିବା ଅଭିଯୋଗରେ ଥାନାରେ ମାମଲା ରୁଜୁ ହୋଇଛି । ଭାରପ୍ରାପ୍ତ ସମ୍ପାଦକ ବିରଞ୍ଚି ନାରାୟଣ ରାଉତଙ୍କ ଅଭିଯୋଗ କ୍ରମେ ଥାନାରେ ୪୮୭ନଂ ମାମଲା ଜିତେନ୍ଦ୍ର କୁମାର ନାୟକ ଓ ଅନ୍ୟ ଅଜଣା ଲୋକଙ୍କ ନାମରେ ରୁଜୁ ହୋଇଛି।

ମାମଲାର ତଦନ୍ତକାରୀ ଅଧିକାରୀ ସବଇନିସପେକ୍ଟର ଗଣନାଥ ସେଠୀ ତାଲା ପକାଯିବା ସମ୍ପର୍କରେ ମାଜିଷ୍ଟ୍ରେଟ ତଥା ତହସିଲଦାର ଓ ଉପଜିଲ୍ଲାପାଳଙ୍କୁ ପତ୍ରମାଧ୍ୟମରେ ଅବଗତ କରିଥିବା ଜଣାଯାଇଛି। ସଦ୍ୟ ତାଲା ପକାଯିବା ଦ୍ୱାରା ସମିତିର କାର୍ଯ୍ୟ ବୁଧବାର ଓ ଗୁରୁବାର ୨ ଦିନ ଧରି ବାଧାପ୍ରାପ୍ତ ହୋଇଛି। ଗତ ଅଗଷ୍ଟ ୨୫ ତାରିଖରେ ସମିତିର ନିଲମ୍ବିତ ଭାରପ୍ରାପ୍ତ ସମ୍ପାଦକ ଅଜୟ କୁମାର ବେହେରା ସମିତି କାର୍ଯ୍ୟାଳୟରେ ତାଲା ପକାଇ ଆଉ ସମିତିକୁ ଆସିନଥିଲେ। ସମିତିର ପରିଚାଳନା କମିଟି ପକ୍ଷରୁ ଫାଟକରେ ତାଲା ଝୁଲାଇ ଦିଆଯାଇଥିଲା । ତାଲାକୁ ଗତ ୧୭ ତାରିଖରେ ପ୍ରଶାସନ ଭାଙ୍ଗି ଦେଇଥିଲା । ଏହାର ଭଙ୍ଗାଯିବା ୪ ଦିନ ବ୍ୟବଧାନରେ ସମିତି କାର୍ଯ୍ୟାଳୟରେ ପୁନର୍ବାର ତାଲା ପକାଇ ଦିଆଯାଇଛି । ଏ ସମ୍ପର୍କରେ ପ୍ରଶାସନର ପଦକ୍ଷେପକୁ ଅପେକ୍ଷା କରାଯାଇଛି ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି ।

## ହିନ୍ଦୋଳ ବିଦ୍ୟୁତ ବିଭାଗର ଅବହେଳା

# ୧୧ କେଭି ସଂସ୍ପର୍ଶରେ ଆସି ଯୁବକ ଗୁରୁତର

ହିନ୍ଦୋଳ ,(ସବ୍ୟୁ) : ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡ ହିନ୍ଦୋଳ ଏନଏସି ଅଞ୍ଚଳରେ ୧୧କେଭି ତାର ସଂସ୍ପର୍ଶରେ ଆସି ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି । ଖବରରୁ ପ୍ରକାଶ ହିନ୍ଦୋଳ ଏନଏସି ୱାର୍ଡନଂ ୩ ଚମ୍ପତିସାହି ବାସି ଡମ୍ବୁରୁ ଗଡ଼ନାୟକଙ୍କ ପୁଅ ବିପ୍ର ଗଡ଼ନାୟକ (୪୦) ଜଣେ ରାଜମିସ୍ତ୍ରୀ ଏବଂ ଆଜି ସକାଳେ ମିସ୍ତ୍ରୀ କାମ କରୁଥିବା ବେଳେ ରଡ଼ ବନ୍ଧୁଥିଲେ ମାତ୍ର ଘର ନିକଟକୁ ଲାଗି ଯାଇଥିବା ୧୧କେଭି ବିଦ୍ୟୁତତାର ସଂସ୍ପର୍ଶ ରେ ରଡ଼ ଲାଗିଯିବାରୁ ବିପ୍ରଙ୍କୁ ଖୁବଜୋରରେ କରେଣ୍ଟ ମାରିଥିଲା । ଫଳରେ ହାତଗୋଡ଼ ପୋଡିଯିବା ସହ ଶରୀରରେ ଆଘାତ ଲାଗି ସେ ଗୁରୁତର ଆହତ ହୋଇଥିଲେ । ପରିବାର ଲୋକ ଓ ଗ୍ରାମବାସୀ ତାଙ୍କୁ ତୁରନ୍ତ ହିନ୍ଦୋଳ ଡାକ୍ତରଖାନା ନେଇଥିଲେ ମାତ୍ର ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ପାଇଁ ଡାକ୍ତର ବିପ୍ରଙ୍କୁ କଟକ ବଡ଼ଡାକ୍ତରଖାନା ପଠାଇ ଦେଇଥିଲେ ।

ତେବେ ବିପ୍ର ବର୍ତମାନ ଜୀବନମରଣ ସହ ସଂଘର୍ଷ କରୁଛନ୍ତି । ହିନ୍ଦୋଳ ରେ ବିଦ୍ୟୁତ ବିଭାଗର ଚରମ ଅବହେଳା ପାଇଁ ବାରମ୍ବାର ଦୈନିକ ବିଦ୍ୟୁତ କାଟ ହେବା ସହ ଯାଇଥିବା ୧୧କେଭି ତାର ଜନବସତିକୁ ଲାଗି ଯାଇଥିବାରୁ ବାରମ୍ବାର ଦୁର୍ଘଟଣା ଘଟି ଜୀବନହାନି ସହ ମଣିଷ ସହିତ ପଶୁପକ୍ଷୀ ଆହତ ହେଉଛନ୍ତି । ମାତ୍ର ହିନ୍ଦୋଳ ବିଦ୍ୟୁତ ବିଭାଗର ବେପାବାୟ ନୀତି ଯାଉନାହିଁ କିମ୍ବା କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗୁ ନାହିଁ । ତେବେ ବିଦ୍ୟୁତ ବିଭାଗର ଅବହେଳା ପାଇଁ ନିରୀହ ଗରିବ ତଥା ପରିବାରର ଏକମାତ୍ର ରୋଜଗାରକ୍ଷମ ସଦସ୍ୟ ବିପ୍ର ଗଡ଼ନାୟକଙ୍କ ଜୀବନ ଆଜି ବାଜିରେ ଲାଗିଥିବା ଯୋଗୁଁ ତାଙ୍କୁ ତୁରନ୍ତ ଉପଯୁକ୍ତ କ୍ଷତିପୂରଣ ସହିତ ପରିବାର ପ୍ରତିପୋଷଣ ପାଇଁ ଥଇଥାନ ବ୍ୟବସ୍ଥା ବିଦ୍ୟୁତ ବିଭାଗ ତଥା ପ୍ରଶାସନ ପଦକ୍ଷେପ ନେବାକୁ ହିନ୍ଦୋଳ ଜନସାଧାରଣ ରାଜ୍ୟ ସରକାର ଙ୍କ ନିକଟରେ ଦାବିକରିଛନ୍ତି ଏବଂଅଘୋଷିତ ବିଦ୍ୟୁତ କାଟ ବନ୍ଦ କରିବାସହ ଜନସାଧାରଣଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଥିବା ପ୍ରାୟ ଅନେକ ସ୍ଥାନରେ ଓହଳି ପଡିଥିବା ଏବଂ ଜନବାସତି ମଧ୍ୟ ଦେଇ ଯାଇଥିବା ୧୧କେଭି ବିଦ୍ୟୁତ ତାରକୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରଣ କରାଯିବାକୁ ଜନସାଧାରଣ ଦାବି କରିଛନ୍ତି ।

# ତାଳବେଡ଼ା ଗ୍ରାମରେ ଜଳସଙ୍କଟ : ଲୋକେ ଅତିଷ୍ଠ

## ଜିଲ୍ଲାପାଳଙ୍କୁ ଗୁହାରୀ କରାଯାଇଥିଲେ ବି ଫଳ ଶୂନ୍

ତାଳଚେର,(ସବ୍ୟୁ) : ଶୀତଋତୁ ଆରମ୍ଭ ନହେଉଣୁ ଏବେ ଠାରୁ ଗ୍ରୀଷ୍ମଋତୁ ଭଳି ଜଳସଙ୍କଟ ପ୍ରଭାବ ଦେଖାଦେବା ଆରମ୍ଭ ହୋଇଗଲାଣି । ଏହି ସମସ୍ୟାରେ ଛନ୍ଦି ହୋଇପଡ଼ିଛନ୍ତି ତାଳଚେର ବ୍ଲକ କଣ୍ଡାଳପଂଚାୟତ ଅନ୍ତର୍ଗତ ତାଳବେଡ଼ା ଗ୍ରାମବାସୀମାନେ । ସାଧାରଣତଃ ଗ୍ରୀଷ୍ମଋତୁରେ ନଦୀ, ନାଳ, ଝରଣା, କୂଅ, ପୋଖରୀ ଶୁଷ୍କ ହେବାଫଳରେ ଜଳସଙ୍କଟର ପ୍ରଭାବ ଅଧିକ ମାତ୍ରାରେ ଦେଖାଦେଇଥାଏ । କିନ୍ତୁ ପରିତାପର ବିଷୟ ଆଗକୁ ଗ୍ରୀଷ୍ମଋତୁ ଆସିବାର ପ୍ରାୟ ୩ରୁ ୪ମାସ ବାକି ରହିଥିବା ବେଳେ ଏବେ ଠାରୁ ତାଳବେଡ଼ା ଗ୍ରାମାଂଚଳରେ ଜଳସଙ୍କଟ ଦେଖାଦେବା ସହ ନାନାଦି ହଇରାଣ ହରକତ ହେଉଥିବା ଗ୍ରାମବାସୀଙ୍କ ପକ୍ଷରୁ କୁହାଯାଉଛି ।

ନିକଟରେ ଲିଙ୍ଗରାଜ କୋଇଲା କ୍ଷେତ୍ରର ଖୋଲାମୁହାଁ ଖାଦାନ ଯୋଗୁଁ ବର୍ଷସାରା ଏପରି ସମସ୍ୟା ସୃଷ୍ଟି କରୁଛି ବୋଲି ଏହା ସ୍ପଷ୍ଟ ଗ୍ରାମବାୀଙ୍କ ମୁହଁରୁ ଶୁଣିବାକୁ ମିଳେ । ସରକାରଙ୍କ ପକ୍ଷରୁ ଜଳସଙ୍କଟକୁ ନେଇ କଣ୍ଡାଳ ପଂଚାୟତକୁ ସ୍ଥାୟୀ ଜଳ ଯୋଗାଇ ଦେବାକୁ ସ୍ୱଜଳଧାରା ମାଧ୍ୟମରେ ତାଳବେଡ଼ା ଗ୍ରାମ ମୁଣ୍ଡରେ ଏକ ଟାଙ୍କି ନିର୍ମାଣ କରାଯାଇ ପଂଚାୟତବାସୀଙ୍କୁ ଏହି ଟାଙ୍କିରୁ ବର୍ଷ ତମାମ ପାନୀୟଜଳ ପାଇପ୍ ଯୋଗେ ଯୋଗାଇ ଦେବାକୁ ବ୍ୟବସ୍ଥା କରାଯାଇଛି ।ତେବେ ଏହି ଟାଙ୍କି ଓ ପାଇପ୍ ବିଛାଇବା କାର୍ଯ୍ୟ ନିମ୍ନମାନର ଯୋଗୁଁ ପଂଚାୟତବାସୀ ଜଳଟୋପେ ପାଇଁ ତ୍ରାହିତ୍ରାହି ଡ଼ହଳବିକଳ ହେଉଥିବା ଅଭିଯୋଗ ହେଉଛି ।

ଏ ସମ୍ପର୍କରେ ଆରଡ଼ବ୍ଲୁଏସ୍‌ଏସ୍‌ର ଏସଡ଼ିଓ ଶ୍ରୀ ସାଶମଲଙ୍କୁ ପଚାରିବାରୁ ସେ କହୁଛନ୍ତି ଠିକା କମ୍ପାନୀ ସମ୍ପୃକ୍ତ କାର୍ଯ୍ୟ ସାରି ନଥିବାରୁ ଆମେ ତାର ବିଲ୍ ସ୍ଥଗିତ କରିଦେଉଛୁ ଓ ପାଣି ସଠିକ ଭାବେ ଲୋକଙ୍କୁ ଯୋଗାଡ ନଥିବାରୁ ପୂର୍ବରୁ ୭୯ଲକ୍ଷ ଟଙ୍କା ଜୋରିମନା କରିଛୁ ବୋଲି କହି ଲୋକଙ୍କ ସମସ୍ୟା ତାଙ୍କ ଆଖିକୁ ଦେଖାଯାଇନଥାଏ । ଅପରପକ୍ଷେ ଏମସିଏଲ ଲିଙ୍ଗରାଜ କୋଇଲା ଖଣି ପକ୍ଷରୁ ପୂର୍ବରୁ ଉକ୍ତ ଗ୍ରାମକୁ ପାଇପ ଯୋଗେ ପାଣି ଯୋଗାଇ ଆସୁଥିଲା । ମାତ୍ର ଏବେ ଏହି ପାଇପ ଗୁଡ଼ିକ ଅଚଳ ହୋଇଯିବା ଫଳରେ ଗ୍ରାମବାସୀଙ୍କୁ ପାଣି ଟୋପେ ଦେବାନେଇ ବିଭିନ୍ନ ହଇରାଣ ହରତକତ କରୁଥିବା ଗ୍ରାମାବାସୀମାନେ ପ୍ରକାଶ କରିଛନ୍ତି । ଏସମ୍ପର୍କରେ ଲିଙ୍ଗରାଜ କିଏମ ଶ୍ରୀ ବିଶ୍ୱାଳଙ୍କୁ ପଚାରିବାରୁ ସେ କୁହନ୍ତି ଆମେ ସରକାରଙ୍କୁ ପଂଚାୟତର ପ୍ରତ୍ୟେକ ଗ୍ରାମକୁ ପାଣି ଯୋଗାଇବାକୁ ଟଙ୍କା ପ୍ରଦାନ କରିଛୁ ଏବଂ ଆମେ ଏଥିରେ କାହିଁକି ମୁଣ୍ଡ ଖେଳାଇବୁ କହି ସେ ତାଙ୍କର ଦାୟୀତ୍ୱରୁ ଓହରି ଯାଇଥାନ୍ତି । ତେବେ ତୁରନ୍ତ କଣ୍ଡାଳ ପଂଚାୟତକୁ ଜଳ ଯୋଗାଇ ଦେବାକୁ ଦାବି କରାଯାଇଛି । ନେଚତ୍ ଆଗାମୀ ଦିନରେ ଏହାକୁ ନେଇ ଏକ ବଡ଼ଧରଣର ଆନ୍ଦୋଳନକୁ ଏଡ଼ାଇ ଦିଆଯାଇନପାରେ ବୋଲି ଗ୍ରାମବସୀମାନେ ଏହା ପ୍ରକାଶ କରିଛନ୍ତି ।



## ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ବୃଦ୍ଧି, ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ସାଂସଦ

ଅନୁଗୁଳ, (ସବ୍ୟୁ) : ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟ ସରକାରୀ କର୍ମଚାରୀଙ୍କର ମହଙ୍ଗା ଭତ୍ତା ୩ ପ୍ରତିଶତ ବୃଦ୍ଧି କରିଛନ୍ତି । ସରକାରୀ କର୍ମଚାରୀଙ୍କୁ ଦୀପାବଳି ଭେଟି ଦେଇଛନ୍ତି ମୋହନ ମାଝୀ ସରକାର । ମହଙ୍ଗା ଭତ୍ତା ୫୫ ପ୍ରତିଶତରୁ ୫୮ ପ୍ରତିଶତକୁ ବୃଦ୍ଧି କରାଯାଇଛି । ରାଜ୍ୟର ୮ ଲକ୍ଷ ସରକାରୀ କର୍ମଚାରୀ ଓ ପେନସନ ଭୋଗୀ ଉପକୃତ ହେବେ । ଜୁଲାଇ ପହିଲାରୁ ବର୍ଦ୍ଧିତ ଅର୍ଥ ମିଳିବ । ଏହାକୁ ନେଇ ସରକାରୀ କର୍ମଚାରୀଙ୍କ ମହଲରେ ଖୁସର ମାହୋଲ ଖେଳି ଯାଇଛି । ମହଙ୍ଗା ଭତ୍ତା ବୃଦ୍ଧକୁ ନେଇ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଦେବା ସହ କୃତଜ୍ଞତା ଜଣାଇଛନ୍ତି ।



## ମନରେଗା ଓ ଖାଦ୍ୟ ସୁରକ୍ଷା ଆଇନର ଜନ ଶୁଣାଣି

# ୨୮୫୯୪୫ ଶ୍ରମ ଦିବସ ସୃଷ୍ଟି କରାଯାଇଛି

କଣିହାଁ, (ସବ୍ୟୁ): ଅନୁଗୋଳ ଜିଲା କଣିହାଁ ବ୍ଲକରେ ମନରେଗା ଓ ଖାଦ୍ୟ ସୁରକ୍ଷା ଆଇନର ବ୍ଲକ ସ୍ତରୀୟ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ବୁଧବାର ଦିନ କଣିହାଁ ପବିତ୍ରମୋହନ ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଗୋଳ ଜିଲ୍ଲାପରିଷଦ ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୌରବମୟ ପ୍ରଧାନ, କଣିହାଁ ପଂଚାୟତ ସମିତି ଅଧକ୍ଷ ରାମକୃଷ୍ଣ ପ୍ରଧାନ, ବିଡ଼ିଓ ତ୍ରିବିକ୍ରମ କୁମୁରା, ଜିଲ୍ଲା ସାମାଜିକ ସମୀକ୍ଷକ ସୁଧାଂସୁ ସ୍ୱାଇଁ, ସହକାରୀ ଯନ୍ତ୍ରୀ ସଂଗ୍ରାମ କେଶରୀ ଦେବତା, ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ଦୀପ୍ତିରେଖା ସ୍ୱାଇଁ, ଯୋଗାଣ ଅଧିକାରୀ ପ୍ରଣତି ମାଝୀଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ୨୦୨୪-୨୫ ଆର୍ଥିକ ବର୍ଷରେ ମନରେଗା ଯୋଜନାରେ ୧୧କୋଟି ୨୫ଲକ୍ଷ ୬୨ହଜାର ଟଙ୍କା ଖର୍ଚ୍ଚ ହୋଇଛି । ୫୯୩୭ ପରିବାରକୁ କାମ ଯୋଗାଇ ଦିଆଯିବା ସହ ୨୮୫୯୪୫ ଶ୍ରମ ଦିବସ ସୃଷ୍ଟି କରାଯାଇଛି । ୩୩୫ ପରିବାରକୁ ୧୦୦ଦିନର କାମ ଦିଆ ଯାଇଥିବା ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ୩୮୯ଟି ପ୍ରକଳ୍ପ ଆରମ୍ଭ କରାଯାଇ ସେଥିରୁ ୬୩ଟି ପ୍ରକଳ୍ପ ଶେଷ ହୋଇଥିବା ବେଳେ ଅନ୍ୟ ପ୍ରକଳ୍ପ ଗୁଡିକ କାର୍ଯ୍ୟ ଚାଲୁ ରହିଛି ।



ଭଦ୍ରକ : ଚତୁର୍ଥ ଦିନରେ କାଳୀ ପୂଜା, ସିଂହ ବାହିନୀ ବେଶରେମା ଭଦ୍ରକାଳୀ

## ହାତୀ ଆକ୍ରମଣରେ ଯୁବ ଚାଷୀଙ୍କ ମୃତ୍ୟୁ

କେନ୍ଦୁଝର, (ଜିପ୍ର): ହାତୀ ଆକ୍ରମଣରେ ଜଣେ ଯୁବ ଚାଷୀଙ୍କ ମୃତ୍ୟୁ ହୋଇଛି ।ମୃତ ଯୁବ ଚାଷୀଙ୍କ ନାମ ଶି ମୁଣ୍ଡା(୨୩) ବୋଲି ଜଣାଯାଇଛି । ଶିବ ମୁଣ୍ଡା ମଙ୍ଗଳବାର ରାତିରେ ଧାନ ଫସଲ ଜଗିବାକୁ ଯାଇଥିଲେ। ତାଙ୍କ ସହିତ ଗାଁର ଅନ୍ୟ ଲୋକମାନେ ମଧ୍ୟ ଥିଲେ। ରାତି ପ୍ରାୟ ୧୨ଟା ବେଳକୁ ୨୩ଟିକିଆ ହାତୀପଲ (୪ଦନ୍ତା ସାମିଲ) ଧାନ ଖେତକୁ ଆସିଥିଲେ। ସେଠାରେ ଉପସ୍ଥିତ ଥିବା ଲୋକେ ହାତୀପଲଙ୍କୁ ଘଉ ପାଇଁ ଉଦ୍ୟମ କରିଥିଲେ। ଏହି ସମୟରେ ଏକ ଦନ୍ତାହାତୀ ଉଗ୍ରରୂପ ଧାରଣ କରିଥିଲା ଏବଂ ଶିବ ମୁଣ୍ଡାଙ୍କୁ ଶୁଣ୍ଢରେ ଟେକି ଖେତ ନିକଟ ନଦୀରେ କଚାଡ଼ି ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ସମୟରେ ଶିବଙ୍କ ସହିତ ଥିବା ସନ୍ତୋଷ ମୁଣ୍ଡା ଗଛକୁ ଚି ଜୀବନ ବଞ୍ଚାଇଥିବା ବେଳେ ରତ୍ନା ମୁଣ୍ଡା ଖାଲରେ ଲୁଚି ଯାଇଥିଲେ। ଶିବ ମୁଣ୍ଡା ପ୍ରାୟ ୧୦ ମାସ ତଳେ ବିବାହ କରିଥିଲେ। ତାଙ୍କର ପରିବାରରେ ସ୍ତ୍ରୀ ଓ ଛୋଟ ଶିଶୁ (୨୧ ଦିନରୁ କମ) ଅଛନ୍ତି।

## ଗୋରୁ ବୋଝେଇ ଟେମ୍ପୁ ଜବତ : ୨ ଅଟକ

ନୀଳଗିରି,(ସବ୍ୟୁ): ଇ ଗୋରୁ ବୋଝେଇ ଏକ ଟେମ୍ପୁ ଜବତ ହୋଇଥିବା ବେଳେ ଡ୍ରାଇଭର ସମେତ ୨ ଅଟକ ଥିବା ଜଣାଯାଏ।ସୂଚନାରୁ ପ୍ରକାଶ ବାଲେଶ୍ୱର ଜିଲ୍ଲା ପଞ୍ଚଲିଙ୍ଗେଶ୍ୱର ନୀଳଗିରି ରାସ୍ତା କଦମସାହି ଠାରୁ ଗୁରୁବାର ବାହାନଗା ରୁ ଏକ ଟେମ୍ପୁ ରେ ଯୋଗେ ଦୁଇ ଗୋରୁଙ୍କୁ ଲୋଡ କରି ମୟୁରଭଞ୍ଜ ଜିଲ୍ଲା ଉଦଳା ଅଞ୍ଚଳକୁ ନେଉଥିବା ବେଳେ ନୀଳଗିରି ପୋଲିସ କୌଣସି ସୁତ୍ରରୁ ଖବର ପାଇ ଆଇ.ଆଇ.ସି ଗୋବର୍ଦ୍ଧନ ନାୟକ କଦମସାହି କାଠପୋଲ ନିକଟରୁ ଦୁଇ ଗୋରୁ ବୋଝେଇ ଟେମ୍ପୁକୁ ଜବତ କରିବା ସହ ଉଦଳା ଅଞ୍ଚଳର ଅଟୋ ଡ୍ରାଇଭର ଅମର ଦାସ ସମେତ ୨ ଜଣଙ୍କୁ ଗିରଫ କରିଥିବାର ସୂଚନା ମିଳିଛି। ଟେମ୍ପୁ କୁ ଜବତ କରି ନୀଳଗିରି ଥାନାକୁ ଆଣିଥିଲା ବେଳେ ନୀଳଗିରି ଥାନା ପକ୍ଷରୁ ଥାନାରେ କେଶ୍ ନମ୍ବର ୪୨୪/୨୫ ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି। ଗୋରୁ ଗୁଡିକ ସ୍ଥାନୀୟ ଗୋଶାଳାକୁ ପଠାଯାଇଛି ବୋଲି ଜଣାପଡିଛି।

# ଜମୁଛି କାଳୀ ପୂଜା : ଆଲୋକ ମାଳାରେ ଝଲସୁଛି ସହର

ବାସୁଦେବପୁର,(ସବ୍ୟୁ): ବାସୁଦେବପୁରରେ କାଳୀପୂଜା ଦେଖିବା ପାଇଁ ଦର୍ଶକଙ୍କ ଗହଳି ଲାଗୁଛି । ପୂଜା ମଣ୍ଡପରେ ଆକର୍ଷଣୀୟ ତୋରଣ ସାଙ୍ଗକୁ ସହରର ରଙ୍ଗ ବେରଙ୍ଗର ଆଲୋକ ମାଳା ଯୋଗୁଁ ବାସୁଦେବପୁରରେ କାଳୀପୂଜାରେ ଗହଳି ଜମୁଛି । ହିନ୍ଦୁ ଓ ମୁସଲିମ୍‌ର ଭାଇଚାରାର ନିଆରା ପ୍ରତୀକ କାଳୀ ପୂଜା ଏବର୍ଷ ୮୧ ବର୍ଷରେ ପହଞ୍ଚିଛି । ବାସୁଦେବପୁର ସହରର ଚାରି ଗୋଟି ପୂଜା କମିଟି ପକ୍ଷରୁ ବେଶ୍ ଆକର୍ଷଣୀୟ ଆଲୋକ ତୋରଣ ମାଳା ସାଙ୍ଗକୁ ଆଲୋକ ସାଜସଜାରେ ସହର ଝଲସି ଉଠୁଛି । କାଳୀପୂଜା କେବଳ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ସୀମୀତ ନରହି ଘରେ ଘରେ ଗଣପର୍ବରେ ପରିଣତ ହୋଇଯାଇଅଛି ।ାସୁଦେବପୁରରେ କାଳୀପୂଜା ହିନ୍ଦୁ ଓ ମୁସଲିମ୍ ମଧ୍ୟରେ ଭାଇଚାରାର ପରମ୍ପରା ବହନ କରି ଆସୁଅଛି । ଜାତୀୟ ସଂହତି ପ୍ରତୀକ କାଳୀପୂଜାକୁ ବେଶ୍ ଧୁମ୍ ଧାମରେ ପାଳନ କରୁଛନ୍ତି । ୧୯୪୪ ମସିହା ବାସୁଦେବପୁର ଥାନାର ତତ୍‌କାଳୀନ ଥାନା ଅଧିକାରୀ ମହେନ୍ଦ୍ର ଦାସଙ୍କୁ ସ୍ୱପ୍ନାଦେଶ ହେବାରୁ ବାସୁଦେବପୁରର କେତେକ ବୁଦ୍ଧିଜୀବିଙ୍କ ପରାମର୍ଶ କ୍ରମେ ବାସୁଦେବପୁରର ମଧ୍ୟମ ସ୍ଥଳୀ କାଳୀ ମନ୍ଦିର ଛକରେ ପ୍ରଥମ କରି କାଳୀପୂଜା ଆରମ୍ଭ ହୋଇଥିଲା । ପରେ ଏହି କାଳୀପୂଜାକୁ ବାସୁଦେବପୁରର ବ୍ୟବସାୟୀମାନେ ଦାୟୀତ୍ୱ ନେଇ ଆଜି ପର୍ଯ୍ୟନ୍ତ ଚଳାଇ ଆସୁଛନ୍ତି । ଏଠାରେ ହିନ୍ଦୁ ଓ ମୁସଲିମ୍‌ମାନେ ମିଳିତ ଭାବେ ପୂଜାରେ ସକ୍ରିୟ ଅଂଶ ଗ୍ରହଣ କରି ଜାତି ବର୍ଣ୍ଣ ଧର୍ମ ଶେଷରେ ଭାଇଚାରାର ଜ୍ୱଳନ୍ତ ଉଦାହରଣ ସୃଷ୍ଟି କରିଛି ଏଠାକାର ପୂଜା କମିଟି । ବାସୁଦେବପୁରରେ କାଳୀପୂଜା କମିଟି ସଂଖ୍ୟା ବୃଦ୍ଧିପାଇ ଏବେ ଚାରିରେ ପହଞ୍ଚିଛି । ବୁଢ଼ୀକାଳୀ ବା ଆମ କାଳୀପୂଜା କମିଟି ଚଳିତ ବର୍ଷ ୮୧ ବର୍ଷରେ ପହଞ୍ଚି ଥିବା ବେଳେ ବ୍ଲକରୋଡ କାଳୀ କମିଟି ୧୯୮୫ ମସିହାରେ ଆରମ୍ଭ ହୋଇଥିଲା । ଅଟଳ ବିହାରୀ ହାଇସ୍କୁଲ ଛକରେ ୧୯୮୭ ମସିହା ଠାରୁ ପୂଜା କମିଟି ଆରମ୍ଭ ହୋଇ ଆଜି ପର୍ଯ୍ୟନ୍ତ ଚାଲିଛି । ନୂଆ ବସଷ୍ଟାଣ୍ଡ ନିକଟରେ ୧୯୯୫ ଠାରୁ କାଳୀପୂଜା କମିଟି ଦ୍ୱାରା କାଳୀପୂଜା ହୋଇ ଆସୁଅଛି । ତିନି ବର୍ଷ ତଳେ କମିଟି ପକ୍ଷରୁ ପଥର କାଳୀ ପ୍ରତିଷ୍ଠା କରି ମାଆ ଦକ୍ଷିଣେଶ୍ୱରୀ କାଳୀ ପୀଠ ଦେବୀ ଭାବେ ପୂଜା ପାଇ ଆସୁଛନ୍ତି । ଚଳିତ ବର୍ଷ ବୁଢୀ କାଳୀ, ବ୍ଲକ ରୋଡ କାଳୀ, ହାଇସ୍କୁଲ ଛକ କାଳୀ ଓ ବସଷ୍ଟାଣ୍ଡ କାଳୀ କମିଟି ପକ୍ଷରୁ ଆକର୍ଷଣୀୟ ଆଲୋକ ତୋରଣ ସାଙ୍ଗକୁ ଆଲୋକ ସାଜସାଜାକୁ ସହରର ଗୁରୁତ୍ୱ ବଢାଇ ଦେଇଛନ୍ତି । ବାସୁଦେବପୁର କାଳୀପୂଜା ୯ ତାରିଖ ଚାଲିବ ବୋଲି ପୂଜା କମିଟି ପକ୍ଷରୁ ସ୍ଥିର ହୋଇଛି ।



# ସାନ ଠେଙ୍ଗାମାଡ଼ରେ ବଡ଼ଭାଇର ମୃତ୍ୟୁ

ବାଲେଶ୍ୱର, (ସବ୍ୟୁ): ବାଲେଶର ଜିଲ୍ଲା ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଅଧିନସ୍ଥ ବରଡିହା ପଞ୍ଚାୟତର ବଣକାଟି ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି । ଜମିବାଡ଼ି ବିବାଦ କାରଣରୁ ବଡ଼ ଭାଇକୁ ନିଜ ସାନ ଭାଇ ଠେଙ୍ଗାରେ ପିଟି ମାରିଦେଇଛି। ଏନେଇ ଜଳେଶର ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୁଲିସ ୧୧୧ ନମ୍ବରରେ ମାମଲା ରୁଜୁ କରି ଅଭିଯୁକ୍ତକୁ କମର୍ଦ୍ଦା ଥାନା ଇଲାକାରୁ ଗିରଫ କରିଛି। ମୃତକ ବଡ଼ଭାଇ ହେଲେ ଖୁଦିରାମ(୪୫)। ସୂଚନାନୁଯାୟୀ, ସୋମବାର ସନ୍ଧ୍ୟା ଟାରେ ଘରେ ବାଡ଼ ଘେରାକୁ କେନ୍ଦ୍ର କରି ଦୁଇ ଭାଇ ଅଭିରାମ(୪୦)ଏବଂ ଖୁଦିରାମଙ୍କ ମଧ୍ୟରେ ପାଟି ତୁଣ୍ଡ ହୋଇଥିଲା। ଏହା ଉଗ୍ର ରୂପ ନେବା ପରେ ସାନ ଭାଇ ଖୁଦିରାମ ଠେଙ୍ଗାରେ ବଡ଼ ଭାଇ ମୁଣ୍ଡକୁ ପିଟିଦେବାରୁ ସେ ଗୁରୁତର ହୋଇଥିଲେ। ଖୁଦିରାମଙ୍କୁ ପ୍ରଥମେ ହାତୀଗଡ଼ ସ୍ୱାସ୍ଥ୍ୟ କେନ୍ଦ୍ର ପରେ ବାରିପଦା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା। ହେଲେ ସେଠାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ନେବା ବାଟରେ ମଙ୍ଗଳବାର ଭୋର ୪ଟା ସମୟରେ ଖୁଦିରାମଙ୍କ ମୃତ୍ୟୁ ଘଟିଥିଲା। ବାଲେଶ୍ୱରରେ ତାଙ୍କର ମୃତଦେହ ବ୍ୟବଚ୍ଛେଦ ବୁଧବାର ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଖୁଦିରାମଙ୍କ ସ୍ତ୍ରୀ ରେବତୀ ଏ ନେଇ ବୁଧବାରଦିନ ରାଇବଣିଆ ଥାନାରେ ଅଭିଯୋଗ କରିଛନ୍ତି।

## ଉପକାରାଗାରରୁ କଏଦୀ ଫେରାର ଘଟଣା : ତଦନ୍ତ କଲେ ଏଡିଜି

ସୋର,(ସବ୍ୟୁ):ସୋର ଉପକାରାଗାରରୁ ଜଣେ କଏଦୀ ଫେରାର ହେବା ଘଟଣାରେ ଏଡିଜି ଅମିତାଭ ଠାକୁର ତଦନ୍ତ କରି ଫେରିଥିବା ଜଣାପଡିଛି। ଏକ ଚୋରି ଘଟଣାରେ ସିମୁଳିଆ ପୁଲିସ ଦ୍ୱାରା ଗିରଫ ହୋଇ ସୋର ଜେଲରେ ରହୁଥିବା ଝାଡଖଣ୍ଡ ଅଞ୍ଚଳର କଏଦୀ ଦୀପକ ରାୟ ଜେଲ ପାଚେରୀ ଡେଇଁ ଫେରାର ହୋଇଯାଇଥିଲା। ଏ ବାବଦରେ ଦୁଇ ଜଣ ୱାର୍ଡେନଙ୍କୁ ଡିଜି ନିଲମ୍ବନ କରିଛନ୍ତି।ଏଡିଜି ଅମିତାଭ ଠାକୁର, ବାରିପଦା ଜେଲର ସର୍କଲ ସୁପରିଟେଣ୍ଡେଣ୍ଟ ଉପକାରାଗାରରେ ପହଞ୍ଚି ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏଡିଜି ଶ୍ରୀ ଠାକୁର ଜେଲରେ ପହଞ୍ଚି କଏଦୀ ଜଣଙ୍କ ଯେଉଁ ଠାରେ ପାଚେରୀ ଡେଇଁ ଫେରାର ହୋଇଯାଇଥିଲା ସେହି ସ୍ଥାନ ପରିଦର୍ଶନ କରିଥିଲେ। ପରେ ଜେଲରଙ୍କ ସହିତ ବିଭିନ୍ନ ସମସ୍ୟା ବାବଦରେ ଆଲୋଚନା କରିଥିଲେ। ଜେଲରେ କର୍ମଚାରୀ ଅଭାବ ବାବଦରେ ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତରରେ ଡିଜି ସାରଙ୍କ ସହ କଥା ହୋଇ ପଦକ୍ଷେପ ନେବା ସହିତ ଫେରାର କଏଦୀଙ୍କୁ ଖୁବ ଶୀଘ୍ର ଧରାଯିବ ବୋଲି ସୂଚନା ଦେଇଛନ୍ତି।



ଗ୍ରାମବାସୀଙ୍କ ସହ ମାଦଳ ବଜାଇ ଦୀପାବଳି ପାଳୁଛନ୍ତି ମୁଖ୍ୟମନ୍ତ୍ରୀ : ରବିରାଜ

## ବୈତରଣୀ ନଦୀର ରାଜଘାଟ ବାଲି ସତ୍ୟାଗ୍ରହରେ ସତ୍ୟାଗ୍ରହ

ଆନନ୍ଦପୁର,(ସବ୍ୟୁ): ମଙ୍ଗଳବାର ଦିନ ଆନନ୍ଦପୁର ବୈତରଣୀ ନଦୀର ରାଜଘାଟଠାରେ ସତ୍ୟାଗ୍ରହ କରାଯାଇଛି। ଦୁର୍ନୀତି ବିରୋଧୀ ପ୍ରଗତିଶୀଳ ମଞ୍ଚ ଆବାହକ ଯଜ୍ଞପ୍ରସାଦ ସାହୁଙ୍କ ନେତୃତ୍ୱରେ ବାଲି ସତ୍ୟାଗ୍ରହ ହୋଇଥିଲା। ଆନନ୍ଦପୁର ଉପଖଣ୍ଡରେ ବାଲି ଚୋରାଚାଲାଣ ବେଢ଼ଧ ଚାଲିଛି। ପ୍ରଶାସନ ଏଥିରେ ଅଙ୍କୁଶ ଲଗାଇବାରେ ବିଫଳ ହୋଇଛି। ବୈତରଣୀ ସମେତ ଅନ୍ୟାନ୍ୟ ନଦୀନାଳର ସୁରକ୍ଷା ପାଇଁ ବାଲି ସତ୍ୟାଗ୍ରହ କରାଯାଇଛି ବୋଲି ଶ୍ରୀ ସାହୁ କହିଛନ୍ତି। ସାମାଜିକ କର୍ମୀ ସତ୍ୟବ୍ରତ ଜେନା କହିଥିଲେ, ବୈତରଣୀ ଆମ ଜୀବନରେଖା। ବାଲି ଚୋରି କରିବାକୁ ବିଭିନ୍ନ ସ୍ଥାନରେ ଶହଶହ ଗଛ କଟାଯାଉଥିବା ସେ ଅଭିଯୋଗ କରିଥିଲେ। ବୈତରଣୀ ଆମ ଆସ୍ଥା ଓ ବିଶ୍ୱାସର ପ୍ରତୀକ। କିଛି ମାଫିଆ ଏହାକୁ କଳାଟଙ୍କା ପାଇଁ ହତ୍ୟା କରିବାକୁ ଯୋଜନା କରୁଥିବା ମଧୁସୂଦନ ରାଉତ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୈଳାସ ସାମଲ, ନୀଳାଚଳ ବେହେରା, ଜଗବନ୍ଧୁ ଜେନା, ଦୈତାରୀ ମହାକୁ ରୋହନ ଜେନା, ପୂର୍ଣ୍ଣଚନ୍ଦ୍ର ଜେନା, ପ୍ରତାପ ଧଳ, ଦାମୋଦର ସାହୁ, ଏକଲବ୍ୟ ଧଳ, ଉତ୍ସବ ଜେନା, କୈଳାସ ଜେନା, ଶୁଭକାନ୍ତ ଜେନା ପ୍ରମୁଖ ସତ୍ୟାଗ୍ରହରେ ସାମିଲ ହୋଇଥିଲେ।

## ଅଟୋ ଓଲଟି ଜଣେ ମୃତ, ୯ ଆହତ

କେନ୍ଦୁଝର,(ଜିପ୍ର): କେନ୍ଦୁଝରଜିଲ୍ଲା ବାଂଶପାଳ ବ୍ଲକ ଯାତ୍ରା ନିକଟରେ ବୁଧବାର ସନ୍ଧ୍ୟାରେ ଯାତ୍ରା ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଅଟୋ ଓଲଟି ପିଡ଼ିବାରୁ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୯ ଜଣ ଆହତ ହୋଇଛନ୍ତି । । ଧାନଗଦି ଗ୍ରାମରେ ହାତୀ ଆକ୍ରମଣରେ ମୃତ ଯୁବକଙ୍କ ଶବଦାହ କରି ଶ୍ୱଶୁର ଘର ଲୋକେ ଓ ସମ୍ପର୍କୀୟ ନିଜ ଘରକୁ ଏକ ଅଟୋ ଯୋଗେ ଫେରୁଥିବା ଏହି ଦୁର୍ଘଟଣା ଘଟିଥିବା କୁହାଯାଇଛି ।ମୃତକ ନୟାକୋଟ ଥାନା ସୁଣ୍ଡୁରା ଗ୍ରାମର ଅନିଲ ମୁଣ୍ଡା। ଆହତମାନେ ହାଣ୍ଡିଭଙ୍ଗା ଅଞ୍ଚଳର ବୋଲି ଜଣାପଡ଼ିଛି ।ବୁଧବାର ଦିନି ଧାନଗଦି ଗ୍ରାମରେ ହାତୀ ଆକ୍ରମଣରେ ମୃତ ଶିବ ମୁଣ୍ଡାଙ୍କ ଘରକୁ ତାଙ୍କ ଶ୍ୱଶୁର ଘର ଲୋକେ ଓ ସମ୍ପର୍କୀୟମାନେ ଆସିଥିଲେ। ମେଡିକାଲରୁ ଶବ ବ୍ୟବଚ୍ଛେଦ ହୋଇ ଆସିବା ପରେ ସମସ୍ତେ ଶବଦାହରେ ସାମିଲ ହୋଇ ସନ୍ଧ୍ୟାରେ ନିଜ ଘରକୁ ଫେରୁଥିଲେ। ଏକ ଅଟୋରେ ଫେରୁଥିବା ବେଳେ ଯାତ୍ରା ପଞ୍ଚାୟତ ଅଫିସ ସମ୍ମୁଖରେ ଅଟୋଟି ଭାରସ୍ୟମ ହରାଇ ରାସ୍ତା ଉପରେ ଓଲଟି ପଡିଥିଲା। ଫଳରେ ଘଟଣା ସ୍ଥଳରେ ଜଣେ ଗୁରୁତର ହେବା ସହ ଅଟୋରେ ବସି ଥିବା ଅନ୍ୟ ୯ ଜଣ ଯାତ୍ରୀ ଆହତ ହେଇଥିଲେ। ସମସ୍ତଙ୍କୁ ସ୍ଥାନୀୟ ଲୋକେ ଓ ନୟାକୋଟ ପୁଲିସ ଉଦ୍ଧାର କରି ବାଂଶପାଳ ମେଡିକାଲରେ ଭର୍ତ୍ତି କରିଥିଲେ। ତେବେ ଗୁରୁତର ହୋଇଥିବା ହାତୀ ଆକ୍ରମଣରେ ମୃତ ଶିବଙ୍କ ସମ୍ପର୍କୀୟ ମାମୁଁ ଅନିଲ ମୁଣ୍ଡା ମେଡିକାଲରେ ମୃତ୍ୟୁ ବରଣ କରିଥିଲେ। ଅନ୍ୟ ୯ ଜଣ ମେଡିକାଲରେ ଚିକିତ୍ସିତ ହେଉଥିବା ଜଣାପ ଘଟଣା ପରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳି ଯାଇଛି। ନୟାକୋଟ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି।

## ବ୍ଲକସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା ଉଦ୍‌ଘାଟିତ

କେନ୍ଦୁଝର, (ସବ୍ୟୁ):ଗୁରୁବାର ଦିନ ଧରଣୀଧର ସ୍ପୋର୍ଟସ କମ୍ପ୍ଲେକ୍ସ ଶଙ୍କରପୁର ଠାରେ ବ୍ଲକ ସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା ଉଦ ଘାଟିତ ହୋଇଯାଇଛି। ସଦର ବ୍ଲକରେ ଅନୁଷ୍ଠିତ ଏହି ଦୌଡ଼କୁଦ ପ୍ରତିଯୋଗିତାର ଶୁଭ ଅବସରରେ ସଦର ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ କପିଳେନ୍ଦ୍ର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପତକା ଉତ୍ତୋଳନ କରିବା ସହ କ୍ରୀଡାବିତମାନଙ୍କୁ ବ୍ୟକ୍ତିଗତଭାବରେ ଶୃଙ୍ଖଳିତ ଭାବେ ଖେଳ ପ୍ରଦର୍ଶନ କରିବାପାଇଁ ଉପଦେଶ ଦେଇଥିଲେ। ଶୃଙ୍ଖଳିତ ଭାବେ ଯେ କୌଣସି କାର୍ଯ୍ୟ କଲେ ଆମ୍ଭେମାନେ ସଫଳତା ପାଇ ପାରିବା ବୋଲି ସେ ପ୍ରକାଶ କରିଥିଲେ। ସଦର ବ୍ଲକର ସମ୍ପାଦକ ଫକୀରମୋହନ ମହାନ୍ତ ମୁଖ୍ୟ ଅତିଥି ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଉପସ୍ଥିତ କ୍ରୀଡା ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନଙ୍କୁ ସାଗତ ଜଣାଇଥିଲେ। କ୍ରୀଡା ଶିକ୍ଷକ ମୌଳେନ୍ଦୁ କୁମାର ମହାନ୍ତ ଲକ୍ଷ୍ମୀ ଧର ସି ସମର ଜିତ ସିଂ ଶସ୍ମିତା ବିଶାଳ ପ୍ରିୟଙ୍କା ମହାନ୍ତ ସୁଶାନ୍ତ ବାରିକ ଶ୍ରୀନିବାସ ମଲ୍ଲୀକ ଉପସ୍ଥିତ ରହି ଖେଳ ପରିଚାଳନା କରିଥିଲେ। ପରିଶେଷରେ ଶିକ୍ଷକ ପ୍ରଦୀପ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ରୋଷିଆଙ୍କ ଆତ୍ମହତ୍ୟା

ଦୋବଲ,(ସବ୍ୟୁ): ଭଦ୍ରକ ଜିଲ୍ଲା ଧାମନଗର ଥାନା ଅଧିନ ସୋହଡା ପଞ୍ଚାୟତ ବାଲିପଡ଼ା ଗ୍ରାମର ରତ୍ନାକର ଦାଶଙ୍କ ପୁଅ ବଳରାମ ଦାଶ (୪୨) ବେକରେ ରଶି ଲାଗଇ ଆତ୍ମହତ୍ୟା କରିଥିବା ଜଣାଯାଇଛି। ରବିବାର ଦିନ ବାଲିପଡ଼ା ମେଡିକାଲ କଡ଼ରେ ଥିବା ଗୋଟିଏ ଆମ୍ବ ଗଛରେ ଗାମୁଛା ସାହାଯ୍ୟରେ ବେକରେ ଲାଗଇ ସେ ଆତ୍ମହତ୍ୟା କରିଥିଲେ। ଘଟଣା ସଂପର୍କରେ ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ଧାମନଗର ପୋଲିସ ସ୍ଥଳରେ ପହଞ୍ଚି ଶବକୁ ଜବଦ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇ ଥିଲେ । ପରେ ପରିବାର ଲୋକ ଶବକୁ ଆଣି ନିଜ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରିଥିଲେ। ବଳରାମ ଦାଶ ଗ୍ରାମରେ ବିଭିନ୍ନ ବାହାଘର ବ୍ରତ ଘରରେ ରୋଷେଇ କାମ କରି ପରିବାର ପ୍ରତିପୋଷଣ କରୁଥିଲେ। ତେବେ ସେ ଏପରି ନିଷ୍ପତ୍ତି କାହିଁକି ନେଲେ, ତାହାର ସ୍ପଷ୍ଟ କାରଣ ଜଣାପଡ଼ିନାହିଁ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ଢେଙ୍କିକୋଟରେ ଖୋଲିଲା ଉତ୍କଳ ଷ୍ଟୋର

ଢେଙ୍କିକୋଟ ,(ସବ୍ୟୁ): ଢେଙ୍କିକୋଟ ମାର୍କେଟ ସଂଲଗ୍ନ ବରାହଟିପୁରା ଛକ ନିକଟରେ ମଙ୍ଗଳବାର ଦିନ ଉତ୍କଳ ଷ୍ଟୋରର ଶୁଭାରମ୍ଭ ହୋଇଛି । ଗ୍ରାହକମାନଙ୍କୁ କମ ଦାମରେ ଭଲ ଜିନିଷ ଯୋଗାଇ ଦେବାର ଏ ହେଉଛି ସୁବର୍ଣ୍ଣ ସୁଯୋଗ । ଶୁଭ ଉଦଘାଟନୀ ଉତ୍ସବରେ ଢେଙ୍କିକୋଟର ବରିଷ୍ଠ ବ୍ୟକ୍ତି ତଥା ସମାଜସେବୀ ରାମଚନ୍ଦ୍ର ସାହୁ ନିମନ୍ତ୍ରିତ ହୋଇ ଏହାକୁ ଉଦଘାଟନ କରିଥିଲେ ।ଉକ୍ତ ଷ୍ଟୋରରେ ଗ୍ରୋସରୀ, ସ୍କୁଲ କଲେଜ ଉପକରଣ, ପିଲା ମାନଙ୍କ ପାଇଁ ଖେଳଣା, ଷ୍ଟେସନାରୀ ଜିନିଷ, ସହିତ ଅନ୍ୟାନ୍ୟ ଆବଶ୍ୟକ ଜିନିଷ ମିଳିବ ବୋଲି ଦୋକାନ ମାଲିକ ସେକ ସର୍ଫରାଜ ଆନସାରୀ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଦୋକାନର ପ୍ରୋପାଇଟର ସେକ ମୋତିନଙ୍କ ସମେତ ସେକ ତାହି ,ସେକ ଜାହି, ସେକ ଗୁନୁ,ସେକ ଆଶ୍ରବ, ଗଣମାଧ୍ୟମ ପ୍ରତିନିଧି,ଓ ସ୍ଥାନୀୟ ଭଦ୍ରବ୍ୟକ୍ତିମାନେ ଉପସ୍ଥିତଥିଲେ । ପ୍ରଥମ ଦିନରେ ଭଲ ବିକ୍ରିହୋଇଥିବାର ଜଣାପଡିଛି ।

# ଆସାମ ପଲ୍ଲବ ଦେବ ପଦଯାତ୍ରାରେ ଭାରତ ଭ୍ରମଣ

ବେତନଟୀ, (ସବ୍ୟୁ): ଆସାମ ରାଜ୍ୟର ପଲ୍ଲବ ଦେବ ନାମକ ଯୁବକ ଜଣକ ପଦଯାତ୍ରାରେ ଭାରତ ଭ୍ରମଣରେ ବାହାରି ନିଶାମୁକ୍ତ ଭାରତ ଗଠନ ପାଇଁ ଲୋକମାନଙ୍କୁ ପରାମର୍ଶ ପ୍ରଦାନ ପୂର୍ବକ ବ୍ୟାପକ ଜନମତ ସୃଷ୍ଟି କରିବାକୁ ପ୍ରୟାସ କରୁଛନ୍ତି। ୧୭୧ ଦିନର ପଦଯାତ୍ରାରେ ବିଭିନ୍ନ ରାଜ୍ୟ ଅତକ୍ରମ କରି ଓ ସୋମବାର ବେତନଟୀରେ ପହଞ୍ଚିଥିଲେ । ନିଶାମୁକ୍ତ ଭ୍ରମଣ ଭଳି ଭାଷାଭାଷୀର ପରାମର୍ଶ ଦୟକୁ ଛୁଇଁବା ଭାରତ ଗଠନର ସ୍ୱପ୍ନ ଦେଖୁଥିବା ଆସାମର ଯୁବକ ପଲ୍ଲବ ଦେବ ନିଜର ସ୍ୱପ୍ନକୁ ସାକାର କରିବାକୁ ପଦଯାତ୍ରାରେ ଭାରତ ଭ୍ରମ ପଦକ୍ଷେପକୁ ବାଛିନେଇଛନ୍ତି ପଦଯାତ୍ରା ସମୟରେ ବିଭିନ୍ନ ରାଜ୍ୟ ପରିଭ୍ରମଣ ସମୟରେ ବିଭିନ୍ନ ସମ୍ପ୍ରଦାୟ, ଭିନ୍ନଭିନ୍ନ ଭାଷା ଲୋକଙ୍କ ସଂସ୍ପର୍ଶରେ ଆସୁଥିବା ପଲ୍ଲବ ଦେବ ନିଶାମୁକ୍ତ ଭାରତ ଗଠନର ବାର୍ତ୍ତା ଦେବା ସହିତ ନିଶାଠାରୁ ଦୂରେଇ ରହିବାକୁ ପରାମର୍ଶ ଦେଉଛନ୍ତି ।ପଦଯାତ୍ରାରେ ବାହାରି ସମଗ୍ର ଭାରତ ପରିଭ୍ରମଣ କରିବାର ନିଷ୍ପତ୍ତି ତଥା ଉଦ୍ୟମ ଲୋକମାନଙ୍କ ହୃଦୟକୁ ବେଶ ପ୍ରଭାବିତ ମଧ୍ୟ କରିଛି। ୧୭୧ ଦିନର ପଦଯାତ୍ରା ପରେ ପଲ୍ଲବ ଦେବ ବେତନଟୀରେ ପହଞ୍ଚିଥିବା ବେଳେ ତାଙ୍କର ଏଭଳି ମହତ କାର୍ଯ୍ୟଧାରା ଏବଂ ଗଠନମୂଳକ ପଦକ୍ଷେପକୁ ଅଞ୍ଚଳବାସୀ ବେଶ ପ୍ରଶଂସା କରିବା ସହିତ ସ୍ୱାଗତ ମଧ୍ୟ କରିଛନ୍ତି ପରିପ୍ରେକ୍ଷୀରେ ବେତନଟୀର 'ଆମ ଗାଁ ଖଟି' ପକ୍ଷରୁ ପଲ୍ଲ ଦେବଙ୍କୁ ପୁଷ୍ପଗୁଚ୍ଛ ଏବଂ ଉପାୟନ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ସାଙ୍ଗକୁ ତାଙ୍କୁ ଉତ୍ସାହିତ ପୂର୍ବକ ତାଙ୍କର ମନବଳ ଏବଂ ଆତ୍ମବିଶାସକୁ ବଢାଇଥିଲେ । ପରେ ପରେ ସେ ପୁଣି ଥରେ ଆଗକୁ ବଢି ଚାଲିଥିଲେ ।ସେ ବୁଧବାର ସନ୍ଧ୍ୟା ସୁଦ୍ଧା ବାଲେଶର ଗୋପାଳପୁର ଠାରେ ପହଞ୍ଚିଥିବା ବେଳେ ପାଖାପାଖି ୩୦୦୦ କିଲୋମିଟର ରାସ୍ତା ଅତିକ୍ରାନ୍ତ କରିସାରିଛନ୍ତି ।



# ପିସିସି ସଭାପତିଙ୍କ ନାମରେ ଅପପ୍ରଚାର ଅଭିଯୋଗ
# ୩ ୱେବ ଚ୍ୟାନେଲ ବିରୋଧରେ ସାଇବର ଥାନାରେ କଂଗ୍ରେସର ଏତଲା

ବାଲେଶ୍ୱର,(ସବ୍ୟୁ) : ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ବିରୋଧରେ ଫୋକସ ପ୍ଲସ ସମେତ ତିନୋଟି ୱେବ ଚ୍ୟାନେଲ ଅତ୍ୟନ୍ତ ଅଶାଳୀନ ଓ ମିଥ୍ୟା ତଥା ଆମୂଳକ ଓ ବିଭ୍ରାନ୍ତମୂଳକ ସମ୍ବାଦ ପରିବେଷଣ କରି ଓଡିଶା ବାସୀଙ୍କୁ ବିଭ୍ରାନ୍ତ କରିଛନ୍ତି। ତେଣୁ ଗୁରୁବାର ଦିନ ଦଳ ପକ୍ଷରୁ ସବୁ ସଂଗଠନିକ ଜିଲ୍ଲା ସଭାପତିମାନଙ୍କ ନେତୃତ୍ୱରେ ସାଇବର ଥାନାରେ ଉକ୍ତ ୱେବ ଚ୍ୟାନେଲ ଗୁଡ଼ିକ ବିରୋଧରେ ଏତଲା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ଅପରାହ୍ନରେ ବାଲେଶ୍ୱର ଜିଲ୍ଲା ସଭାପତି ସତ୍ୟ ଶିବ ଦାସଙ୍କ ନେତୃତ୍ୱରେ କଂଗ୍ରେସ ଦଳର କର୍ମକର୍ତ୍ତା ଓ କର୍ମୀମାନେ ପୋଲିସ ଲାଇନ ଛକର ବାବା ସାହେବ ଭୀମ ରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ଠାରୁ ଏକ ଶୋଭାଯାତ୍ରାରେ ବାହାରି ସାଇବର ଥାନାରେ ପହଂଚି ଥାନା ଅଧିକାରୀଙ୍କୁ ଏତଲା ଦେଇଛନ୍ତି। ପିସିସି ସଭାପତି ଭକ୍ତ ଚରଣ ଦାସ ଦୀର୍ଘ ୫୦ବର୍ଷ ଧରି କଂଗ୍ରେସ ଦଳର ସକ୍ରିୟ ରାଜନୀତିରେ ସମ୍ପୃକ୍ତ ରହି ଦଳ ପାଇଁ ସାଲିସ ବିହୀନ ସଂଗ୍ରାମ କରି ଆସୁଥିଲାବେଳେ କୌଣସି ପ୍ରମାଣ ନ ଥାଇ ତାଙ୍କ ବିରୋଧରେ ଏଭଳି ଅମୂଳକ ଓ ବିଭ୍ରାନ୍ତି ମୂଳକ ସମ୍ବାଦ ପରିବେଷଣ କରାଯାଇ ତାଙ୍କର ଏବଂ ଦଳର ଭାବମୂର୍ତ୍ତିକୁ ମଳିନ କରିବା ପାଇଁ ଷଡଯନ୍ତ୍ର କରାଯାଇଛି ବୋଲି ଜିଲ୍ଲା ସଭାପତି ଶ୍ରୀ ଦାସ ଅଭିଯୋଗ କରିଛନ୍ତି। ତେଣୁ ଉକ୍ତ ୱେବ ପୋର୍ଟାଲର ଏଡିଟର ଇନ ଚିଫ ସୁଧାଂଶୁ ଶେଖର ରାଉତ, ଅଜୟ କୁମାର ପଣ୍ଡା ଓ ଅନନ୍ତ ନାରାୟଣ ଧଳ ଓରଫ ନାଣ୍ଟୁଙ୍କ ବିରୋଧରେ ବି ଏନ ଏସ ୨୦୨୩ର ଧାରା ୩୫୬/୬୧(୧)ଏବଂ ଆଇଟିର ଧାରା ୬୭ ମୁତାବକ ମାମଲା ରୁଜୁ କରିବାକୁ ଦାବି କରିଛନ୍ତି। ଏତଲା ପ୍ରଦାନ ସମୟରେ ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ବରିଷ୍ଠ କାଉନସିଲର୍ ପଦ୍ମଲୋଚନ ଲେଙ୍କା, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ସଞ୍ଜୀବ କୁମାର ଗିରି, ରାଜ୍ୟ ମହିଳା କଂଗ୍ରେସର ସାଧାରଣ ସମ୍ପାଦିକା ବାସନ୍ତୀ ସାମଲ, ଯୁବନେତା ସରୋଜ ଲେଙ୍କା, ରାଜ୍ୟ ମହିଳା କଂଗ୍ରେସର ସମ୍ପାଦିକା ଜ୍ୟୋତ୍ସ୍ନା ସେନାପତି, ଜିଲ୍ଲା ଯୁବ କଂଗ୍ରେସ ସଭାପତି ଇଂ. ରଞ୍ଜନ ଦାସ, କନ ବେହେରା, କହ୍ନେଇ ଚରଣ ପ୍ରଧାନ, ନିଶିତ୍ ବାରିକ, ଆଶିଷ ପଟ୍ଟନାୟକ, ଜିଲ୍ଲା ପଂଚାୟତ ପରିଷଦ ସଭାପତି ନିରଞ୍ଜନ ବେହେରା, ପୂର୍ବତନ ରେମୁଣା ବ୍ଲକ୍ ସଭାପତି ତରୁଣ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ ।


I R No 1563
Date - 10.10.25

ମାନ୍ୟବର ଆଡ଼ିସନାଲ କମିଶନର, ଶ୍ରୀ ଆଶୁତୋଷ ସାମଲ, ଓ.ଏ.ଏସ. (ଏସ.ଏ.ଜି) ଓଡ଼ିଶା
ଆଡ଼ିସନାଲ ସିଭିଲ କୋର୍ଟ ନଂ୨ଙ୍କ ଅଦାଲତ, ଭୁବନେଶ୍ୱର
ଚତୁର୍ଥ ମହଲା ହେଡ୍ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର
ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ୧୯୫୮ ଆଇନର ଧାରା ୧୫(ଖ) ଅନୁଯାୟୀ
ଓ.ଏସ.ଏସ. କେସ୍ ନଂ ୧୦୮୧/୨୦୧୫ର

କାହ୍ନୁ ମାଧବ ବେହେରା, ପିତା : ଲୁକୁନାଥ ବେହେରା ............ ବାଦୀ
ବାସସ୍ଥାନ : ଷ୍ଟେସନ ରୋଡ୍, ଛତ୍ରପୁର,
ପୋଷ୍ଟ/ଥାନା : ଛତ୍ରପୁର, ଜିଲ୍ଲା : ଗଞ୍ଜାମ (ଓଡ଼ିଶା)

ବନାମ

ମହମ୍ମଦ ମୁସାଫ ଏବଂ ଅନ୍ୟେ ............ ପ୍ରତିବାଦୀ
ପ୍ରାପ୍ତେଷୁ,

ପ୍ରତିବାଦୀ ନଂ୧ଙ୍କର : ମହମ୍ମଦ ମୁସାଫ, ପିତା : ସ୍ୱର୍ଗତଃ ହାସିନ ମହମ୍ମଦ, ବାସସ୍ଥାନ : ବେଣାପଞ୍ଜରୀ, ପୋଷ୍ଟ : ଚିରିମଲ, ଥାନା: ଜଟଣୀ, ଜିଲ୍ଲା : ଖୋର୍ଦ୍ଧା (ଓଡ଼ିଶା)
ପ୍ରତିବାଦୀ ନଂ୯ଙ୍କର : ସ୍ୱର୍ଗତଃ : ମହମ୍ମଦ ମୁକୀନ, ପିତା : ସ୍ୱର୍ଗତଃ ମନିସ ମହମ୍ମଦ, ବାସସ୍ଥାନ : ବେଣାପଞ୍ଜରୀ, ପୋଷ୍ଟ : ଚିରିମଲ, ଥାନା: ଜଟଣୀ, ଜିଲ୍ଲା : ଖୋର୍ଦ୍ଧା (ଓଡ଼ିଶା)
ପ୍ରତିବାଦୀ ନଂ୧୦ଙ୍କର : ସ୍ୱର୍ଗତଃ ମହମ୍ମଦ ଅର୍ଫାନ, ପିତା : ସ୍ୱର୍ଗତଃ ମନିସ ମହମ୍ମଦ, ବାସସ୍ଥାନ : ବେଣାପଞ୍ଜରୀ, ପୋଷ୍ଟ : ଚିରିମଲ, ଥାନା: ଜଟଣୀ, ଜିଲ୍ଲା : ଖୋର୍ଦ୍ଧା (ଓଡ଼ିଶା)
ପ୍ରତିବାଦୀ ନଂ୧୨ଙ୍କର : ମେସର୍ସ ସ୍ମାର୍ଟ ଲାଇଫ୍ ଷ୍ଟାଇଲ୍ ମଲ୍ଟିଟ୍ରେଡ୍ ପ୍ରାଇଭେଟ୍ ଲିମିଟେଡ୍, ତରଫ ପରିଚାଳନା ନିର୍ଦ୍ଦେଶକ, ଶିବ ଶଙ୍କର ଦାସ, ପିତା : ଦେବେନ୍ଦ୍ର ନାଥ ଦାସ, ବାସସ୍ଥାନ : ଡି–୧୯୦, ପ୍ରଜ୍ଞା ବିହାର, ପୋଷ୍ଟ : ବରମୁଣ୍ଡା ବି.ଡି.ଏ. କ୍ୱାର୍ଟର୍ସ, ଭୁବନେଶ୍ୱର, ଜିଲ୍ଲା : ଖୋର୍ଦ୍ଧା (ଓଡ଼ିଶା), ପିନ୍ : ୭୫୧୦୦୩ ।

ନୋଟିସ୍
ନୋଟିସ୍ ସି.ପି.ସି. ଅର୍ଡର-୫, ରୁଲ୍-୨୦ ମୁତାବକ

[illegible]

I R No 1564
Date - 10.10.25

[illegible]

I R No 1565
Date - 10.10.25

[illegible]

I R No 1566
Date - 10.10.25

[illegible]

(ଶ୍ରୀମଦ୍‌ଭଗବଦ୍ ଗୀତା ୧୮/୭୦)

-ମୋକ୍ଷଯୋଗଃ-

(ଶ୍ରୀଭଗବାନୁବାଚ)

**ଅଧ୍ୟେଷ୍ୟତେ ଚ ଯ ଇମଂ ଧର୍ମ୍ମ୍ୟଂ ସମ୍ବାଦମାବୟୋଃ ।**
**ଜ୍ଞାନଯଜ୍ଞେନ ତେନାହମିଷ୍ଟଃ ସ୍ୟାମିତି ମେ ମତିଃ ॥ ୭୦ ॥**

(ପଠତଃ ଫଳମାହ)-ଆବୟୋଃ ଇମଂ ଧର୍ମ୍ମ୍ୟଂ (ଧର୍ମ୍ମାଦନପେତଂ) ସମ୍ବାଦଂ ଯଶ୍ଚ ଅଧ୍ୟେଷ୍ୟତେ (ଜପରୂପେଣ ପଠିଷ୍ୟତି), ତେନ (ଜପେନ) ଅହଂ (ସର୍ବେଶ୍ୱରଃ) ଜ୍ଞାନଯଜ୍ଞେନ (ସର୍ବେଭ୍ୟଃ ଯଜ୍ଞେଭ୍ୟଃ ଶ୍ରେଷ୍ଠେନ) ଇଷ୍ଟଃ (ଆରାଧିତଃ) ସ୍ୟାଂ (ଭବେୟଂ) ଇତି ମେ ମତିଃ ॥ ୭୦ ॥

# ସମୟ ସହିତ ତାଳଦେଇ 'ସମୟ' ଚାଲିଛି

ଏକ ସଙ୍କଟମୟ ସାମାଜିକ ଓ ରାଜନୀତିକ ପରିସ୍ଥିତି ମଧ୍ୟରେ 'ସମୟ' ଭୂମିଷ୍ଠ ହୋଇଥିଲା, ୧୯୯୬ ଅକ୍ଟୋବର ୨ ତାରିଖରେ । 'ସମୟ' ଗତ ୨ ତାରିଖରେ ୨୯ ବର୍ଷ ଅତିକ୍ରାନ୍ତ କରି ୩୦ ବର୍ଷରେ ପଦାର୍ପଣ କରିଛି । ଇଂରେଜମାନଙ୍କର ଅନୁକରଣରେ 'ସମୟ' ୨୫ ବର୍ଷରେ ପଦାର୍ପଣ କରି ମଧ୍ୟ ସିଲଭର ଜୁବୁଲି ବା ରଜତ ଜୟନ୍ତୀ ଉତ୍ସବ ପାଳନ କରି ନଥିଲା । ପ୍ରତିଷ୍ଠାତା ସ୍ୱର୍ଗୀୟ ବସନ୍ତ କୁମାର ବିଶ୍ୱାଳ 'ସମୟ' ଦୈନିକ ସମ୍ବାଦପତ୍ର ପବିତ୍ର ଗାନ୍ଧି ଜୟନ୍ତୀରେ ଆରମ୍ଭ କରିବା ବେଳେ ଏହାର ନିରପେକ୍ଷତା ଉପରେ ଗୁରୁତ୍ୱ ଦେଇଥିଲେ । ନିଜେ ସେ ରାଜ୍ୟର ଉପ-ମୁଖ୍ୟମନ୍ତ୍ରୀ ଥିଲେ ହେଁ 'ସମୟ' ନିଜ ଗୋଡ଼ରେ ନିଜେ ଛିଡା ହୋଇ ସ୍ୱାବଲମ୍ବନଶୀଳ ହେଉ ବୋଲି ଚାହିଁଥିଲେ ।

ସେବେଠାରୁ ଠିକ୍ ୩୦ ବର୍ଷରେ ଯେତେବେଳେ 'ସମୟ' ତା'ର ବାର୍ଷିକ ଉତ୍ସବ ପାଳନ କରିଲା ଏଇ ଭୁବନେଶ୍ୱରରେ, 'ସମୟ' ର ପରିଚାଳନା ସମ୍ପାଦକ ଓ ବସନ୍ତ ବାବୁଙ୍କ କନିଷ୍ଠ ପୁତ୍ର ଶ୍ରୀ ରଞ୍ଜୀବ ବିଶ୍ୱାଳଙ୍କ ପାଟିରୁ ବାହାରି ପଡ଼ିଲା-ବହୁ ବାଧାବିଘ୍ନ ସତ୍ତ୍ୱେ 'ସମୟ' କେବେ ବି କାହା ସହିତ ସାଲିସ କରି ନାହିଁ ଓ ନିରପେକ୍ଷ ଭାବେ ଗତ ୨୯ ବର୍ଷ ଧରି ଚାଲି ଆସିଛି । ପ୍ରକୃତରେ ତାହା ହିଁ 'ସମୟ' ର ସବୁଠାରୁ ବଡ଼ ପରିଚୟ । 'ସମୟ' , 'ସମାଜ' ବା 'ସମ୍ବାଦ' ପରି ବଡ଼ କାଗଜ ହୋଇ ନପାରେ, ମାତ୍ର ନିଜସ୍ୱ ଢଙ୍ଗରେ ନିରପେକ୍ଷତା ରକ୍ଷା କରି ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛି ।

'ଅନାଶ୍ରୟା ନ ବର୍ତ୍ତନ୍ତେ କବିତା ବନିତା ଲତା' ବୋଲି ସଂସ୍କୃତରେ ଯେଉଁ କଥାଟି ରହିଛି, ତାହାର ଯଥାର୍ଥତା ଏବେ ମଧ୍ୟ ଉପଲବ୍ଧ ହୁଏ । ବିଜ୍ଞାପନ ବିନା ସମ୍ବାଦପତ୍ର ତିଷ୍ଠି ପାରେ ନାହିଁ । ଅଧିକାଂଶ ସରକାରୀ ଓ ଆଉ କିଛି ବେସରକାରୀ ବିଜ୍ଞାପନ ଉପରେ ନିର୍ଭର କରିବାକୁ ସମ୍ବାଦପତ୍ର ବା ପତ୍ରପତ୍ରିକା ବାଧ୍ୟ ହୋଇଥାଏ । ତେଣୁ ରାଜ୍ୟ ସରକାର ବା କେନ୍ଦ୍ର ସରକାର ନିରପେକ୍ଷ ନୀତିରେ ବିଜ୍ଞାପନ ଦେଲେ, ଏ ସରକାର 'ଲୋକଙ୍କ ସରକାର' ବୋଲି ପ୍ରତିପାଦିତ ହୋଇ ପାରନ୍ତା ।

'ସମୟ'ର ବାର୍ଷିକୋତ୍ସବରେ ରାଜ୍ୟ ଉଚ୍ଚଶିକ୍ଷା, କ୍ରୀଡାସେବା ଓ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ବକ୍ତବ୍ୟ ମଧ୍ୟ ବେଶ ମନୋମୁଗ୍ଧକର ଥିଲା । ସାହିତ୍ୟରୁ ସମ୍ବାଦିକତା ଓ ସାମ୍ବାଦିକତାରୁ ସାହିତ୍ୟ ସୃଷ୍ଟି ହୋଇ କିପରି ସାହିତ୍ୟ ଓ ସାମ୍ବାଦିକତାର ଉଭୟ କ୍ଷେତ୍ର ପରିପୁଷ୍ଟ ହୋଇଛି ସେ ସମ୍ପର୍କରେ ସେ ସୂଚନା ଦେଇଥିଲେ ।

ମୁଖ୍ୟବକ୍ତା ପ୍ରଫେସର କୁମରବର ଦାସଙ୍କ ବକ୍ତବ୍ୟ ମଧ୍ୟ ସମସ୍ତଙ୍କୁ ଆନନ୍ଦିତ କରିଥିଲା । ଭିନ୍ନକ୍ଷମଙ୍କ ପାଇଁ ବିଭିନ୍ନ ନୂତନ ନୀତି ଓ କାର୍ଯ୍ୟକ୍ରମ ସଂକ୍ରାନ୍ତୀୟ ସୂଚନା ଯାହା ଡାକ୍ତର ଶ୍ରୁତି ମହାପାତ୍ର ଦେଇଥିଲେ, ତାହା ମଧ୍ୟ ଦର୍ଶକମାନଙ୍କ ମନକୁ ଛୁଇଁଥିଲା ।

ବରିଷ୍ଠ ସାମ୍ବାଦିକ ଶ୍ରୀ ମନୋରଞ୍ଜନ ଯୋଶୀ ମଧ୍ୟ ନିଜ ଅଭିଜ୍ଞତାରୁ କହିଥିଲେ ଯେ ସାମ୍ବାଦିକମାନେ ସକାଳେ ତଳ ସ୍ତରର ଲୋକଙ୍କ ସହିତ ମିଶି ପାରନ୍ତି ଓ ସଞ୍ଜବେଳେ ଉପରସ୍ତରର ଲୋକଙ୍କ ସହିତ ଷ୍ଟାର ହୋଟେଲରେ ବସି ଖାଇ ପାରନ୍ତି । ଏପରି ଭାଗ୍ୟ ସମସ୍ତଙ୍କର ନଥାଏ ।

କିଛି ଦିନ ବିଳମ୍ବରେ ପାଳନ କରାଯାଇଥିବା 'ସମୟ' ର ବାର୍ଷିକୋତ୍ସବ ପୃଷ୍ଠଭୂମିରେ ଥାଇ ଯିଏ ଏହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ, ସେ ହେଉଛନ୍ତି ଶ୍ରୀ ଚିରଞ୍ଜୀବି ବିଶ୍ୱାଳ, ଶ୍ରୀମତୀ ତେଜଲ ବିଶ୍ୱାଳ, ଶ୍ରୀମତୀ ଅନିତା ମହାନ୍ତି (ପରିଚାଳନା ନିର୍ଦ୍ଦେଶିକା) । ଯେଉଁ ସହଯୋଗୀମାନେ ଏହି ଉତ୍ସବକୁ ସଫଳ କରିଛନ୍ତି, ସେମାନଙ୍କ ମଧ୍ୟରେ 'ସମୟ'ର ସାଧାରଣ ପରିଚାଳକ ଶ୍ରୀ ପ୍ରଦୀପ୍ତ କୁମାର ଲେଙ୍କା, ପ୍ରକାଶକ ଶ୍ରୀ ସତ୍ୟ ନାରାୟଣ ମହାନ୍ତି, ସମ୍ପାଦକ ଶ୍ରୀ ପପୁ ମହାନ୍ତି, ଶ୍ରୀ ବିଜନ କୁମାର ପାଢ଼ୀ ପରିଚାଳକ (ବିତ୍ତ) ଓ ଅନ୍ୟ ସମସ୍ତେ ଧନ୍ୟବାଦାର୍ହ ।

## ସଙ୍କଳ୍ପ

**ମିଶୁ ମୋର ଦେହ ଏ ଦେଶ ମାଟିରେ,**
**ଦେଶବାସୀ ଚାଲିଯାଆନ୍ତୁ ପିଠିରେ ।**
**ଦେଶର ସ୍ୱରାଜ୍ୟ ପଥେ ଯେତେ ଗାଡ଼,**
**ପୂରୁ ତହିଁ ପଡ଼ି ,ମୋର ମାଂସ ହାଡ଼ ।**
**ଗୋପବନ୍ଧୁ ଦାସ**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ନାୟକ- ଖଳନାୟକ: ଅସ୍ପଷ୍ଟ ହେଇଯାଉଥିବା ବିଭାଜିକା ରେଖା



ଡ. ମୃଣାଳ ଚାଟାର୍ଜୀ

ଛୋଟ ପିଲାଙ୍କ ଗପବହିରେ ମଣିଷକୁ ବୁଝିବା ଭାରି ସହଜ ଆଉ ସରଳ ଥିଲା । ଯେକୌଣସି ଗପରେ ନାୟକ ବା ନାୟିକା କିଏ ଆଉ ଖଳନାୟକ ବା ଖଳନାୟିକା କିଏ ତାହା ଆରମ୍ଭରୁ ଜଣାପଡିଯାଏ । ନାୟକ ହେଲା ଭଲ ଲୋକ । ସେ କେବେ ଦୁଷ୍ଟବୁଦ୍ଧି ରଖେ ନାହିଁ । ସେ ଗୁଣର ସାଗର । ଆଉ ଯିଏ ଖଳନାୟକ ସିଏ ଗୋଟେ ଖରାପ ଲୋକ । ତା ମୁଣ୍ଡରେ ଦୁର୍ଗୁଣ ଭର୍ତ୍ତି ।

ସାଧାରଣତଃ ପିଲାଙ୍କ ଗପବହିରେ ଗପର କାହାଣୀ ଗଢ଼ିବା ପାଇଁ କେତୋଟି ଛାଞ୍ଚ ଆଉ କେତୋଟି ଫର୍ମୁଲା ଅଛି । ଗପ ସେଇ ଛାଞ୍ଚରେ ପଡ଼େ, ସେଇ ଫରମୁଲାରେ ଚାଲେ । ଗୋଟେ ଛାଞ୍ଚ ହେଲା: ଖରାପ ଲୋକ ସିଏ, ଯିଏ ନିଜ ସ୍ୱାର୍ଥ ପାଇଁ ହେଉ ବା ଈର୍ଷାରେ-ସବୁବେଳେ ଭଲଲୋକଙ୍କ ପଛରେ ପଡିଥାଏ । ତାଙ୍କୁ ଖାଲରେ ପକେଇବାପାଇଁ, ଫାନ୍ଦରେ ପକେଇବା ପାଇଁ ଚେଷ୍ଟା କରେ । କିନ୍ତୁ ଈଶ୍ୱର ସବୁବେଳେ ଭଲ ଲୋକମାନଙ୍କୁ ରକ୍ଷା କରନ୍ତି, ଆଉ ଖରାପ ଲୋକମାନଙ୍କୁ ଦଣ୍ଡ ଦିଅନ୍ତି ଆଉ ଗୋଟେ ଛାଞ୍ଚ ହେଲା: ଖଳନାୟକ ସାଧାରଣ ଲୋକମାନଙ୍କ ଉପରେ ଅତ୍ୟାଚାର କରେ । ନାୟକ ସର୍ବଗୁଣ ସମ୍ପନ୍ନ ଏବଂ ଭଲ ଲୋକ । ସେ ଖଳନାୟକକୁ ବିରୋଧ କରନ୍ତି ଏବଂ ତା ସହିତ ଲଢ଼େଇ କରନ୍ତି । ଆଉ ଅନ୍ତିମ ଲଢ଼େଇରେ ଭଲ ଲୋକମାନେ ଜିତନ୍ତି ।

ସମୟ ସହିତ ଦେଖୁଛି, ନାୟକ ଆଉ ଖଳନାୟକର ବିଭାଜିକା ରେଖା କ୍ରମଶଃ ଅସ୍ପଷ୍ଟ ହୋଇଯାଉଛି । ଗୋଟେ ସମୟର ଲକ୍ଷ୍ୟ କଲି ଯେ ନାୟକ ଏମିତିରେ ହୁଏତ ହିଂସା କରୁଛି, ଖରାପ କାମ କରୁଛି କିନ୍ତୁ ତା' ହୃଦୟଟା ଭଲ । ସେ ହିଂସାର ଜବାବ ବୁଦ୍ଧିମତାରେ ଦେଉ ନାହିଁ । ସେ ହିଂସାର ଜବାବ ଅଧିକ ହିଂସାରେ ଦେଉଛି । ଏପଟେ ଦେଖିଲାବେଳକୁ ଯିଏ ଖଳନାୟକ ସିଏ ଖଳ କିନ୍ତୁ ଜନ୍ମରୁ ଖଳ ନୁହଁ । କୌଣସି ଘଟଣା ବା ବ୍ୟବସ୍ଥା ତାକୁ ଖଳ ହେବାପାଇଁ ବାଧ୍ୟ କରିଛି, ବା ଆଡ଼େଇ ଦେଇଛି ।

ପିଲାଙ୍କ ଗପବହିରେ ନାୟକ ଆଉ ଖଳନାୟକକୁ ସ୍ପଷ୍ଟ ଚିହ୍ନି ହେଉଥିଲା, କିନ୍ତୁ ଏ କ୍ଷେତ୍ରରେ ନାୟକ ଆଉ ଖଳନାୟକକୁ ସଙ୍ଗେ ସଙ୍ଗେ ଚିହ୍ନି ହେଉନାହିଁ ଗୋଟେ ସମୟପରେ ଚିହ୍ନି ହେଉଛି, କିନ୍ତୁ ନାୟକ ପ୍ରତି ସଂପୂର୍ଣ୍ଣ ବିଶ୍ୱାସ ଆଉ ଆସୁନାହିଁ କି ଖଳନାୟକ ପ୍ରତି ଅସୀମ ଘୃଣା ମଧ୍ୟ ଆସୁନାହିଁ । ବରଂ ଖଳନାୟକ ପ୍ରତି ସହାନୁଭୂତି ଆସୁଛି ଆଉ ନାୟକର ଗୁଣବତ୍ତାରେ କେମିତି ଟିକିଏ ସନ୍ଦେହ ହେଉଛି ।

ବୟସ ଆଉ ଟିକିଏ ବଢ଼ିଲା ପରେ ଏବେ ଯେଉଁ ଉପନ୍ୟାସ ପଢୁଛି, ସିନେମା ଦେଖୁଛି ସେଥିରେ ନାୟକ ଆଉ ଖଳନାୟକ ଭିତରର ଯେଉଁ ବିଭାଜିକା ରେଖାଟି ଆହୁରି ଅସ୍ପଷ୍ଟ ହେଇଯାଇଛି । ଏମାନେ ଦୁହେଁ ହୁଏତ ଏକା କାମ କରୁଛନ୍ତି କିନ୍ତୁ ଭିନ୍ନ ଭିନ୍ନ ଦୃଷ୍ଟିଭଙ୍ଗୀରେ କରୁଛନ୍ତି । ଏମାନେ ଉଭୟଙ୍କ ଉପରେ ଚାପ ରହିଛି । ଏ କ୍ଷେତ୍ରରେ ପାଠକଙ୍କୁ କରିଦିଆଯାଉଛି ବିଚାରକ । ସିଏ ଜାଣନ୍ତୁ, ବିଚାର କରନ୍ତୁ ଯେ କିଏ ଯାଙ୍କ ଭିତରୁ ନାୟକ ଆଉ କିଏ ଯାଙ୍କ ଭିତରୁ ଖଳନାୟକ ।

ଏହାର ସବୁଠୁ ବଡ଼ ଉଦାହରଣ ରାମାୟଣ ଓ ମହାଭାରତ ଭଳି ମହାକାବ୍ୟର କାହାଣୀ ଏବଂ ଚରିତ୍ରଗୁଡ଼ିକ ଏ ଦୁଇ ମହାକାବ୍ୟର ପ୍ରତ୍ୟେକ ଚରିତ୍ରକୁ ଯଦି ଭଲ ଭାବେ ଅନୁଧ୍ୟାନ କରିବେ, ପ୍ରତ୍ୟେକ ଚରିତ୍ରର ଜୀବନ କାହାଣୀର ସବୁ ଗଳ୍ପଗୁଡ଼ିକ ପଢିବେ – ତେବେ ନାୟକ କିଏ ଆଉ ଖଳନାୟକ କିଏ – ତାହା ନିରୂପଣ କରିବା କଷ୍ଟ ହୋଇ ଉଠିବ ।

ରାମାୟଣର ସୂର୍ପଣଖା ହୁଅନ୍ତୁ ବା ମହାଭାରତର ଶକୁନି ହୁଅନ୍ତୁ-ସେମାନଙ୍କୁ ଖଳ ବୋଲି କହିବା ପୂର୍ବରୁ ଆପଣଙ୍କୁ ଅନେକ ଭାବିବା ପାଇଁ ପଡିବ ନୈତିକତାର ବହୁ ପରତକୁ ଭଲ ଭାବେ ଅନୁଧାବନ କରିବାକୁ ପଡ଼ିବ ।

ଗଳ୍ପ ଉପନ୍ୟାସ କାବ୍ୟ, ନାଟକ ଏବଂ ଚଳଚ୍ଚିତ୍ରରେ ଯେମିତି 'ସୁ' ଆଉ 'କୁ' ର ବିଭାଜିକା ରେଖା ଅସ୍ପଷ୍ଟ ହେଇଯାଉଛି, ଠିକ୍ ସେମିତି ସମାଜର 'କୁ' ଆଉ 'ସୁ' ବିଭାଜିକା ରେଖା ଅସ୍ପଷ୍ଟ ହେଇ ଆସୁଛି ।

ଓଏଏସ ପରୀକ୍ଷା ୨୦୧୯ରେ ଯିଏ ପ୍ରଥମ ହେଇଥିଲେ, ସିଏ ସଂପ୍ରତି ଲାଞ୍ଚ ନେଇ ଧରାପଡିଲେ । ଏ ଖବର ଗଣମାଧ୍ୟମରେ ପ୍ରସାରିତ ହେବାପରେ ଅନେକେ ବିଭିନ୍ନ ପ୍ରକାର ମନ୍ତବ୍ୟ ଦେଲେ । ସଂଖ୍ୟାଗରିଷ୍ଠ ଲୋକେ ଏହାକୁ କଠୋର ଶବ୍ଦରେ ନିନ୍ଦା କଲେ । ତେବେ ବେଶ କିଛି ଲୋକ ଏଥିପାଇଁ ଆମ ଶିକ୍ଷା ବ୍ୟବସ୍ଥାକୁ ଦାୟୀ କଲେ । କହିଲେ, ଯେ ଆମର ଶିକ୍ଷା ବ୍ୟବସ୍ଥା ଏମିତି ହେଲାଣି ଯେ ଏ ବାପା ମା'ମାନେ ପିଲାମାନଙ୍କୁ ତାଙ୍କର ସର୍ବସ୍ୱ ବ୍ୟୟ କରି ପାଠ ପଢାଉଛନ୍ତି ଏବଂ ଆଶା କରୁଛନ୍ତି ଯେ ସେ ଚାକିରି ବାକିରି ପାଇଲେ ଯେଉଁ ଖର୍ଚ୍ଚ ତା ଉପରେ ହେଇଛି ତାକୁ ଭରଣା କରିବେ । ଏ କ୍ଷେତ୍ରରେ ସେ ପିଲା ଲାଞ୍ଚ ନବନି ତ ଆଉ କ'ଣ କରିବ?

ବେସରକାରୀ କ୍ଷେତ୍ରରେ ଡାକ୍ତରୀ ପଢ଼ିବା ପାଇଁ କୋଟିଏ ଉପରେ ଟଙ୍କା ଖର୍ଚ୍ଚ ହେଉଛି ସେ କ୍ଷେତ୍ରରେ ପାସ କରି ବାହାରିଥିବା ପିଲାଟି ସେ ଟଙ୍କା ଆୟ କରିବା ଉପରେ ଅଧିକ ଜୋର ଦେବ ନ ରୋଗୀ ସେବା ଉପରେ? ପୋଲିସ ସବଇନ୍ସପେକ୍ଟର ପରୀକ୍ଷାରେ ଯିଏ ଲାଞ୍ଚ ଦେଇ ଚାକିରି ପାଇଥାନ୍ତା, ସେ ଲୋକଙ୍କ ସେବା କରିଥାନ୍ତା ନା ନିଜେ ଦେଇଥିବା ଟଙ୍କା କେତେ ଶୀଘ୍ର ଗୋଟେଇବ ତାର ଫିକର କରିଥାନ୍ତା! ଲାଞ୍ଚ ଦେଇ ଚାକିରୀ ପାଇଥିବା ପ୍ରାର୍ଥୀମାନଙ୍କ ଭିତରୁ ଅନେକେ ଏମିତି ଅଛନ୍ତି, ଯେଉଁମାନେ ହୁଏତ ସେ ଚାକିରି ପାଇଁ ଯୋଗ୍ୟ କିନ୍ତୁ ଲାଞ୍ଚ ନ ଦେଲେ ଚାକିରି ମିଳିବ ନାହିଁ ଏଇ ଭୟରେ ବି ଅନେକେ ଲାଞ୍ଚ ଦେଇଛନ୍ତି । 'ଲାଞ୍ଚ ନ ଦେଲେ ଚାକିରି ମିଳେ ନାହିଁ' – ଏ ଧାରଣା ଆମ ଶାସନ ବ୍ୟବସ୍ଥାର ପାରଦର୍ଶିତା ଉପରେ ଏକ କଳା ପ୍ରଶ୍ନଚିହ୍ନ ।

ବର୍ତ୍ତମାନ ସମୟର ସବୁଠୁଁ ବଡ଼ ବିଡ଼ମ୍ବନା ହେଲା: କୌଣସି ବ୍ୟକ୍ତିଙ୍କୁ ଆମେ ଗୋଟାପଣେ ନୀତିନିଷ୍ଠ ଭଲ ଲୋକ ବୋଲି ବିଶ୍ୱାସ କରି ପାରୁ ନାହୁଁ , କୋଣସି ପ୍ରତିଷ୍ଠାନ (ଇନ୍ସଟିଚ୍ୟୁସନ)କୁ ଆମେ ନିରପେକ୍ଷ ଓ ନୀତିନିଷ୍ଠ ବୋଲି ବିଶ୍ୱାସ କରି ପାରୁ ନାହୁଁ । ଏକ ଘନ ଅବିଶ୍ୱାସର କୁହୁଡ଼ି ଆମ ଦୃଷ୍ଟିକୁ ଧୂମିଳ କରି ଦେଉଛି ।

**ପ୍ରଫେସର, ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମାସ୍ କମ୍ୟୁନିକେସନ (IIMC), ଢଙ୍କାର ମାର୍ଗ, ଢେଙ୍କାନାଳ-୭୫୯୦୦୧, ଓଡ଼ିଶା**
**ମୋ-୯୧ ୯୪୩୭୦ ୨୬୧୯୪**
www.mrinalchatterjee.com

# କାର୍ତ୍ତିକ ମାହାତ୍ମ୍ୟ ଓ ଶଂଖାସୁର ବଧ



ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକ

*'କାର୍ତ୍ତିକ ମାସ ଆଗମନେ,*
*ଜଣାଇ ବିଷ୍ଣୁ ସନ୍ନିଧାନେ ।*
*ବୋଲନ୍ତି ଏ କାର୍ତ୍ତିକ ମାସ,*
*ତୁମ୍ଭେ କରିବ ଜଳେ ବାସ ।*
*ଯେବଣ ଜନ ପ୍ରାତଃକାଳେ,*
*ସ୍ନାନ କରିବ ଯାଇ ଜଳେ ।*
*ନିୟମେ ହେବ ବ୍ରହ୍ମଚାରୀ,*
*ହବିଷ୍ୟ ଅନ୍ନ ଭୋଗକରି ।*
*କରିବେ ତୁମ୍ଭନାମ ଜପ,*
*ଖଣ୍ଡିବେ ଶତଜନ୍ମ ପାପ ।'*

ଶ୍ରୀମଦ୍ ବ୍ୟାସଦେବ କୃତ 'ପଦ୍ମପୁରାଣ'ର ଉତ୍ତରଖଣ୍ଡର ଅଂଶବିଶେଷରେ ଓଡିଆ କାର୍ତ୍ତିକ ମାହାତ୍ମ୍ୟ । ଏହା ଓଡ଼ିଶାର ଘରେ ଘରେ କାର୍ତ୍ତିକମାସରେ ପାଠ କରାଯାଏ ।

ଏକଦା ଦେବର୍ଷି ନାରଦ ସ୍ୱର୍ଗରୁ ପାରିଜାତ ପୁଷ୍ପ ଆଣି ମର୍ତ୍ତ୍ୟଲୋକରେ ଦ୍ୱାରକାଧାମରେ ସ୍ୱୟଂ ଭଗବାନ କୃଷ୍ଣଙ୍କୁ ଅର୍ପଣ କରିଥିଲେ । ଶ୍ରୀକୃଷ୍ଣ ତାକୁ ଆଦରରେ ଗ୍ରହଣ କରି ନିଜର ପତ୍ନୀ ମାନଙ୍କ ମଧ୍ୟରେ ବାଣ୍ଟି ଦେଇଥିଲେ । ମାତ୍ର ଅଷ୍ଟପାଟବଂଶୀଙ୍କ ମଧ୍ୟରେ ଅନ୍ୟତମ ରାଜା ଶକ୍ରାଜିତଙ୍କ କନ୍ୟା ଦେବୀ ସତ୍ୟଭାମାଙ୍କୁ ଦେବାକୁ ଭୁଲିଗଲେ । ଦେବୀ ଅଭିମାନ କରିବାରୁ ତାଙ୍କୁ ସନ୍ତୁଷ୍ଟ କରିବାକୁ ଶ୍ରୀକୃଷ୍ଣ ତାଙ୍କୁ ସାଙ୍ଗରେ ନେଇ ପାରିଜାତ ବୃକ୍ଷ ସ୍ୱର୍ଗରୁ ଆଣି ନିଜ ଉଦ୍ୟାନରେ ଲଗାଇଲେ । ଦେବୀ ସତ୍ୟଭାମା ଅତ୍ୟନ୍ତ ଆନନ୍ଦିତ ହୋଇ ପ୍ରଭୁ ଶ୍ରୀକୃଷ୍ଣଙ୍କ ଓଜନର ଧନରତ୍ନ ସ୍ୱର୍ଣ୍ଣ ଆଦି ଦାନକରିବାକୁ କୃଷ୍ଣଙ୍କୁ ତାଙ୍କ ତୁଳାଦଣ୍ଡର ଗୋଟିଏ ପାଖରେ ବସାଇ ଅନ୍ୟ ପାଖରେ ତାଙ୍କର ସମସ୍ତ ସ୍ୱର୍ଣ୍ଣ ରତ୍ନ ଆଦି ରଖିବାରୁ ତାହା ନିଅଣ୍ଟ ହେଲା । ପ୍ରଭୁ ଜାଣିଲେ ସତ୍ୟଭାମାଙ୍କର ସମ୍ପତ୍ତିର ଗର୍ବ ହୋଇଗଲାଣି । ପ୍ରଭୁ ତ ଗର୍ବଗଞ୍ଜନ, କାହାରି ଗର୍ବ ସହି ପାରନ୍ତି ନାହିଁ । ପ୍ରଚୁର ଧନରତ୍ନ ଥିବାର ଗର୍ବ ଭାଙ୍ଗିବାକୁ ଶ୍ରୀକୃଷ୍ଣ ଏକ ଲୀଳା ରଚିଲେ । ତାଙ୍କର ସମସ୍ତ ଧନରତ୍ନ ତରାଜୁର ଅପର ପାଖରେ ରଖିବାରୁ ତାହା ଶ୍ରୀକୃଷ୍ଣଙ୍କ ଓଜନଠାରୁ କମ୍ ପଡିଲା । ସତ୍ୟଭାମା ବ୍ୟସ୍ତହୋଇ ଗୋଟିକ ପରେ ଗୋଟିଏ ଅଳଙ୍କାର ରଖିବା ପରେ ବି ତାହା କମ୍ ପଡିବାରୁ ବ୍ୟସ୍ତ ହୋଇଗଲେ । ଶ୍ରୀକୃଷ୍ଣ ତାଙ୍କୁ ଗୋଟିଏ ତୁଳସୀ ପତ୍ର ରଖିବାକୁ କହିବାରୁ ତାହାହିଁ ସେ କଲେ । ଏବେ ଦୁଇପାଖ ସମାନ ହୋଇଗଲା । ଏହାଦେଖି ସତ୍ୟଭାମା ଆଶ୍ଚର୍ଯ୍ୟ ହୋଇ ତୁଳସୀର କଣ ଏମିତି ମହିମା ଅଛି ବୋଲି ଶ୍ରୀକୃଷ୍ଣଙ୍କୁ ପଚାରିଲେ । ତା'ପରେ ଶ୍ରୀକୃଷ୍ଣ ତୁଳସୀ ମହିମା କହିବା ସହିତ କାର୍ତ୍ତିକ ମାହାତ୍ମ୍ୟ ଏହିପରି ଭାବରେ ଆରମ୍ଭ କରାଯାଇଛି । ବେଦୋଦ୍ଧାର ପ୍ରସଙ୍ଗ ଏବଂ ତୁଳସୀ ମାହାତ୍ମ୍ୟ ପ୍ରସଙ୍ଗ ମଧ୍ୟ ଏହି କଥାର ପରିସରଭୁକ୍ତ ।

ଅନେକ ଦିନ ପୂର୍ବେ ଦେବଶର୍ମା ନାମକ ଏକ ବ୍ରାହ୍ମଣ, ବ୍ରହ୍ମହୋତ୍ର ନାମରେ ଅନ୍ୟଜଣେ ବ୍ରାହ୍ମଣ ପୁତ୍ରଙ୍କୁ ନିଜର କନ୍ୟା ସହିତ ବିବାହ କରାଇ ଗୃହଜାମାତା ଭାବରେ ରଖିଥିଲେ । ଶ୍ୱଶୁର ଓ ଜାମାତା ଦିନେ କାଷ୍ଠ ସଂଗ୍ରହ କରିବାପାଇଁ ବଣକୁ ଯାଇଥିଲେ ।

ସେଠାରେ ଅସୁରମାନଙ୍କ ଦ୍ୱାରା ନିହତ ହେଲେ । ତାଙ୍କର ରୂପବତୀ ଓ ଗୁଣବତୀ କନ୍ୟା ଭଗବାନଙ୍କୁ ଆଶ୍ରୟ କରି କଠୋର କାର୍ତ୍ତିକ ବ୍ରତ ନିଷ୍ଠାର ସହ ପାଳନକରି ପରଜନ୍ମରେ ରାଜା ଶକ୍ରାଜିତଙ୍କ କନ୍ୟା ସତ୍ୟଭାମା ରୂପରେ ଜନ୍ମହେଲେ ଏବଂ ଶ୍ରୀକୃଷ୍ଣଙ୍କୁ ସ୍ୱାମୀ ରୂପରେ ପ୍ରାପ୍ତ ହେଲେ । ଏକଥା ଶ୍ରୀକୃଷ୍ଣ ସତ୍ୟଭାମାଙ୍କ ଆଗ୍ରହ ଯୋଗୁଁ ତାଙ୍କୁ କହିଥିଲେ । ତାଙ୍କର ପୂର୍ବ ସ୍ୱାମୀ ଚନ୍ଦ୍ରହୋତ୍ର ଏବେ ଭକ୍ତ ଅକ୍ରୁର ଏବଂ ପିତା ଦେବଶର୍ମା ଏବେ ରାଜା ଶକ୍ରାଜିତ୍ । ସର୍ବମାନ୍ୟ ତୁଳସୀବୃକ୍ଷ ହିଁ ହିତକାରୀ ପାରିଜାତ ପୁଷ୍ପ ବହନ କରିଛି ଯାହାକୁ ଶ୍ରୀକୃଷ୍ଣ ସତ୍ୟଭାମାଙ୍କୁ ଅର୍ପଣ କରିଥିଲେ । ଏହାପରେ ଶ୍ରୀକୃଷ୍ଣ ଦେବୀ ସତ୍ୟଭାମାଙ୍କ ଅନୁରୋଧରେ ତୁଳସୀ ମହିମା ଓ କାର୍ତ୍ତିକ ବ୍ରତକଥା ପ୍ରକାଶ କରିଥିଲେ ।

ସୁନ୍ଧୁରାଜଙ୍କ ପୁତ୍ର ଶଂଖାସୁର ଚାରିବେଦକୁ ଚୋରି କରିନେବାରୁ ସ୍ୱୟଂ ଭଗବାନ ମୀନରୂପ ଗ୍ରହଣ କରି ତାକୁ ବଧ କଲେ ଓ ଶଂଖାସୁରର ଉତ୍ପାତରୁ ଧରାକୁ ମୁକ୍ତ କଲେ । ଦେବରାଜ ଇନ୍ଦ୍ର ମଧ୍ୟ ଅତ୍ୟନ୍ତ ଅହଂକାର କରୁଥିଲେ ନିଜର ପଦମର୍ଯ୍ୟାଦା ପାଇଁ । ତେଣୁ ତାଙ୍କର ଗର୍ବ ଭଙ୍ଗ କରିବା ପାଇଁ ଶଙ୍ଖାସୁର ବାରମ୍ବାର ଆକ୍ରମଣ କରି ତିନିଲୋକକୁ ଅତିଷ୍ଠ କରିଥିଲା । ଦେବତା, ଯକ୍ଷ, ମାନବମାନଙ୍କୁ ଘୋର ଦୁଃଖ ଦେଉଥିଲା । ବେଦ ଚୋରି କରିନେବା ହେତୁ ହୋମ, ଯଜ୍ଞ ଆଦି ହୋଇପାରୁ ନଥିଲା । ତେଣୁ ସଂସାରରେ ଶସ୍ୟ ଉତ୍ପାଦନ କମିଗଲା –

*'ବେଦ ବିହୁନେ ମୁନିଜନେ,*
*ହୋମ ନ କଲେ ହୁତାଶନେ*
*ହବି ନ ପାଇ ସୁର ଲୋକେ*
*ବଞ୍ଚନ୍ତେ ଦୁଃଖ ଅତିରେକେ ।'*

ତେଣୁ ସବୁ ଦେବଗଣ ମିଳି ବୈକୁଣ୍ଠଲୋକରେ ଯାଇ ବିଷ୍ଣୁଙ୍କୁ ସ୍ତୁତିକଲେ । ବିଷ୍ଣୁ ଅନନ୍ତ ଶୟନରୁ ଉଠି ଯୋଗନିଦ୍ରା ତେଜି ଦେବତାମାନଙ୍କ କଥା ଶୁଣିଲେ । ତାପରେ ଦେବଗଣଙ୍କୁ ଆଶ୍ୱାସନା ଦେଇ କହିଲେ ଏହିପରି କଲେ ଯାଇ ସକଳ ବିଘ୍ନ ଦୂର ହୋଇପାରିବ ।

*'ଆଜିଠାରୁ ଏ ଦେବଗଣ*
*କରିବେ ଯଜ୍ଞ ଆଚରଣ*
*କାର୍ତ୍ତିକମାସେ ପ୍ରାତଃସ୍ନାନ*
*ଆବର ତୁଳସୀ ସେବନ*
*ହୋଇବେ ନିରାମିଷ ଭୋଜି*
*କ୍ରୋଧ ମତ୍ସ୍ୟର ମୋହ ତେଜି*
*ସକଳ ବିଘ୍ନ ଯିବ କ୍ଷୟ*
*ମରିବ ସେ ଦନୁ ତନୟ ।'*

ଆଶ୍ୱିନ ଶୁକ୍ଳ ଏକାଦଶୀରେ ମୀନରୂପରେ ଜଳରେ ଭଗବାନ ବିଷ୍ଣୁ ପ୍ରବେଶ କଲେ । ବିନ୍ଧ୍ୟ ପର୍ବତରେ ବାସ କରୁଥିବା କାଶ୍ୟପ ଋଷି ଚତୁର୍ମାସ୍ୟା ବ୍ରତକରି ସରସ୍ୱତୀ ନଦୀରେ ସ୍ନାନକରି ଦେବତା, ପିତୃ ଓ ସୂର୍ଯ୍ୟଙ୍କୁ ଜଳଦାନ ଅର୍ଘ୍ୟ ରୂପରେ ଅଞ୍ଜଳିରେ ତୋଳି ଧରିବାବେଳେ ଭଗବାନ ବିଷ୍ଣୁ କ୍ଷୁଦ୍ର ମତ୍ସ୍ୟରୂପରେ ଋଷିଙ୍କ ଆଞ୍ଜୁଳି ମଧ୍ୟକୁ ପ୍ରବେଶ କଲେ । ଋଷି ଭାବିଲେ ଏ ଛୋଟମୀନଟି ବଡମୀନମାନଙ୍କ ଭୟରେ ମୋ ହାତରେ ଆସି ଆଶ୍ରୟ ନେଇଛି । ମୁଁ ତାକୁ ନିଶ୍ଚୟ ଯତ୍ନରେ ରକ୍ଷା କରିବି । ଏହା ବିଚାର କରି ସେ ତାକୁ କମଣ୍ଡଳୁ ମଧ୍ୟରେ ରଖି ଆଶ୍ରମକୁ ନେଇଆସିଲେ । ଆଶ୍ରମରେ ପହଞ୍ଚି କମଣ୍ଡଳୁ ମଧ୍ୟରୁ ଏକସ୍ୱର ଶୁଣିଲେ ଛୋଟ ମତ୍ସ୍ୟଟି ଡାକି କହିଲା ଏ ଛୋଟ କମଣ୍ଡଳୁରେ ମୋତେ ପର୍ଯ୍ୟାପ୍ତ ସ୍ଥାନ ହେଉନାହିଁ । ମୋତେ ବଡସ୍ଥାନରେ ନେଇ ରଖ । ଋଷି ଆଶ୍ଚର୍ଯ୍ୟ ହୋଇ ଜାଣିଲେ ଯେ ଏ ସାମାନ୍ୟ ମତ୍ସ୍ୟ ନୁହେଁ । ସେ ତାକୁ ଗୋଟିଏ କୂପ ମଧ୍ୟରେ ଛାଡିଲେ ।

ସେଠାରେ ସେ ଆହୁରି ବଢିଯିବାରୁ ତାକୁ ଗୋଟିଏ ଜଳାଶୟ ମଧ୍ୟରେ ଛାଡିଲେ । ସେଠାରେ ମଧ୍ୟ ତାଙ୍କର ଆହୁରି ବୃଦ୍ଧି ଘଟିଲା । ସେ ଜାଣିଲେ ଯେ ଏ ସୁବର୍ଣ୍ଣମୟ ଶରୀର ସାଧାରଣ ମତ୍ସ୍ୟ ଆଦୌ ନୁହେଁ, ସେ ନିଶ୍ଚୟ ଭଗବାନଙ୍କ ଅବତାର । ତାକୁ ବହୁକଷ୍ଟରେ ନେଇ ସମୁଦ୍ରରେ ଛାଡିଲେ । ସେଠାରେ ସୁବର୍ଣ୍ଣମୟଶରୀର ଧରି ଚକ୍ ଚକ୍ ଦିଶିଲା ଏବଂ ବିଶାଳରୁ ବିଶାଳତର ରୂପ ଧାରଣ କଲା । ଭୟଙ୍କର ଶବ୍ଦ କରି ସମୁଦ୍ରକୁ ଘାଣ୍ଟି ଚକଟି ପକାଇଲା –

*'ଗିରି ସଦୃଶ ପୁଚ୍ଛମାନ*
*ଗର୍ଜନେ ଆବୃତ୍ତ ଗଗନ ।*
*ଧରଣୀ ହୋଏ ଟଳମଳ*
*ସିନ୍ଧୁ ଉଛୁଳି ଲଙ୍ଘେ କୂଳ ।*
*ନିଃଶ୍ୱାସ ପବନ ବତାସେ*
*ପର୍ବତେ ଉଡିଲେ ଆକାଶେ ।*
*ସମୁଦ୍ରେ ପଶି ମହାମୀନ*
*ଚହଟି କରଇ ଗର୍ଜନ ।'*
*(କାର୍ତ୍ତିକ ମାହାତ୍ମ୍ୟ)*

ସାଗରର ଜଳକୁ ନିଜ ପକ୍ଷ ବିସ୍ତାରକରି ପକ୍ଷରେ ଆୟତ୍ତକରି ବିରାଟ ରୂପଧାରଣ କରି ସିନ୍ଧୁଜଳକୁ ତଳ ଉପର କରି ଶୁଖାଇଦେବାରୁ ତା ମଧ୍ୟରେ ଶଙ୍ଖାସୁର ଦୃଶ୍ୟ ହେଲା । ସାଙ୍ଗେ ସାଙ୍ଗେ ବିଷ୍ଣୁ ନିଜରୂପଧରି ଶଙ୍ଖାସୁରକୁ ବନ୍ଦୀକରି ତାର ଦୁଇ ଡେଣାକୁ ଧରି ତା' ମୁଖରେ ମୁଖ ଲଗାଇ ଜୋରରେ ପବନପୁରାଇ ଫୁଙ୍କି ଦେବାରୁ ତାର ଦେହ ଖଣ୍ଡ ଖଣ୍ଡ ହୋଇ ଭାଙ୍ଗି ଛିନଛତ୍ର ହୋଇ ଚାରିଆଡେ ପଡିଲା । ତା' ପରେ ସେ ଯେଉଁ ଚତୁର୍ବେଦଙ୍କୁ ନେଇ ତା' ପେଟଭିତରେ ଲୁଚାଇ ରଖିଥିଲା ସେମାନେ ନିଜରୂପ ଧରି ବାହାରି ଆସିଲେ । ସେଗୁଡିକୁ ବିଷ୍ଣୁ ବ୍ରହ୍ମାଙ୍କୁ ଅର୍ପଣ କରିଦେଲେ । କାର୍ତ୍ତିକ ମାସରେ ଦେବତା, ମନୁଷ୍ୟମାନେ ବିଭିନ୍ନ ଧର୍ମ କାର୍ଯ୍ୟ କରିବାରୁ ବେଦ ଉଦ୍ଧାର କରାଯାଇପାରିଲା । ତେଣୁ ଏହି ମାସଟିକୁ ଧର୍ମ ମାସ ରୂପେ ପାଳନ କଲେ ଅନେକ ବିଘ୍ନ ଦୂର ହୁଏ ବୋଲି କୁହାଯାଇଛି କାର୍ତ୍ତିକ ମାହାତ୍ମ୍ୟରେ ।

**ଭୁବନେଶ୍ୱର ୧୬,**
**ମୋ-୮୮୯୫୨୭୪୭୯୪**

# ମନେପଡ଼ନ୍ତି ଯଶସ୍ୱୀ ଗାଳ୍ପିକା ରେଣୁବାଳା

## ଇଂ ଅଭୟ ସୂତାର

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**

ଅନୁଭୂତି ଓ ଅନୁଭବର ନାରୀଟିଏ ଥିଲେ କଥାଶିଳ୍ପୀ ରେଣୁବାଳା ନାୟକ। ବ୍ୟକ୍ତିଗତ ଓ ସାରସ୍ୱତ ସମ୍ପର୍କରେ କଲ୍ୟାଣକାରୀ ଗାଳ୍ପିକାଙ୍କ ନିବିଡ଼ ସଂସ୍ପର୍ଶରେ ଆସିଛନ୍ତି ବହୁ ଶିକ୍ଷାବିତ୍, ବୈଜ୍ଞାନିକ ତଥା ବୁଦ୍ଧିଜୀବୀ। ସେ ଥିଲେ ଖୁବ୍ ଅନୁପମା, ସବୁବେଳେ ହୃଦୟରୁ ଉଛୁଳୁ ଥିଲା ସ୍ନେହର କଳସ। ସକଳ ସମସ୍ୟାକୁ ସହ୍ୟକରି ହିମାଳୟ ପରି ଧୈର୍ଯ୍ୟ ରକ୍ଷା ସହ ଓଡ଼ିଆ କଥା ସାହିତ୍ୟରେ ମଗ୍ନ ରହିଥିଲେ। ଦୈନନ୍ଦିନ ଜୀବନରେ କଠିନ ପରିଶ୍ରମ ଗାଳ୍ପିକାଙ୍କ ସ୍ୱଚ୍ଛ ଓ ନିର୍ମଳ ହୃଦୟର ବ୍ୟବହାର ସମସ୍ତଙ୍କ ପାଇଁ ପ୍ରୀତିପଦ ଥିଲା। ଆମ ଚିର ଆରାଧ୍ୟା ଏହି ସୌଭାଗ୍ୟବତୀ ସାରସ୍ୱତ ସାଧିକା ସବୁଠି ରଖିଥିଲେ ଏକ ସ୍ୱତନ୍ତ୍ର ପରିଚୟ । ଓଡ଼ିଆ ଗଳ୍ପର ପାଠକଙ୍କ ପାଖରେ ଆଦୌ ଅପରିଚିତା ସେ ନ ଥିଲେ । ପ୍ରଚାର ପ୍ରସାର ଠାରୁ ବହୁ ଦୂରରେ ରହି ନିଜସ୍ୱ ସାଧନା ମାଧ୍ୟମରେ ଓଡ଼ିଆ ସାହିତ୍ୟ ଜଗତରେ ସୁନାମର ଅଧିକାରିଣୀ ଥିଲେ ସେ ।

ଓଡ଼ିଆ ଭାଷାର ବହୁ ପ୍ରତିଷ୍ଠିତ ପତ୍ରପତ୍ରିକାରେ ନିଜ ଗଳ୍ପଗୁଡ଼ିକ ପ୍ରକାଶ କରି ନିଜ ସ୍ୱତନ୍ତ୍ର ଦୃଷ୍ଟିଭଙ୍ଗୀର ଯଥାର୍ଥତା ପ୍ରତିପାଦନ କରିଯାଇଛନ୍ତି। ସ୍ୱାମୀ ଓଡ଼ିଆ ସାହିତ୍ୟର କବି ଉମାକାନ୍ତ ନାୟକଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ପାଠକମାନଙ୍କ ପାଇଁ ଉଦାହରଣ ସ୍ୱରୂପ ଦେଇ ଯାଇଛନ୍ତି ୪ଖଣ୍ଡ ମୂଲ୍ୟବାନ ଗଳ୍ପପୁସ୍ତକ ସମୟର ଅନ୍ୱେଷଣ, ମାଟିଫୁଲ , ତୁମବିନା ଓ ଅକୁହାକଥା ସହ ଶହଶହ ଗଳ୍ପ ଓ କବିତା। ୧୯୫୩ ମସିହା ଜାନୁୟାରୀ ୧ ତାରିଖରେ ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ନିକଟସ୍ଥ ବାହାଦଲପୁର ଗ୍ରାମରେ ଜନ୍ମିତ ଏହି କଥାଶିଳ୍ପୀଙ୍କ ଭାଗ୍ୟ ଖୁବ୍ ସହାୟକ ହୋଇଥିଲା। ବହୁ ସମସ୍ୟାବହୁଳ ପରିବେଶ ଓ ପରିସ୍ଥିତିରେ। ଚରମ୍ପା ନିକଟବର୍ତ୍ତୀ କଣ୍ଟାପାଳ ଗାଁର ବୋହୂ ହୋଇ ଆମ ସମାଜରେ ପ୍ରଚଳିତ ଅସଂଗତି, ବୈଷମ୍ୟ, ଦାରିଦ୍ର୍ୟ ଓ ଅସହାୟତାକୁ କେନ୍ଦ୍ରକରି ଯେଉଁ ଅଶାନ୍ତି ସୃଷ୍ଟି ହେଉଥିଲା, ତାହାକୁ ଗଳ୍ପ ମାଧ୍ୟମରେ ପ୍ରକାଶ କରିଥିଲେ ସେ । ଆଧୁନିକ ବିଜ୍ଞାନର ସୁଖରୁ ବଞ୍ଚିତ, ସମୟର ଅଭାବ ଓ ନିଜ ଜନ୍ମ ମାଟିରେ କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ନାମରେ ମଧ୍ୟଇଂରାଜୀ ଓ ଉଚ୍ଚବିଦ୍ୟାଳୟର ପ୍ରତିଷ୍ଠା ପାଇଁ ସ୍ୱାମୀଙ୍କ ଅଭିଳାଷକୁ ପରିପୂରଣ ସହ ଅସଂଖ୍ୟ ଅକଥନୀୟ ପ୍ରତିକୂଳ ଗ୍ରାମ୍ୟପରିବେଶରେ ଭାଙ୍ଗି ପଡି ନଥିଲେ । ନିଜ ସାହିତ୍ୟ ସାଧନାରେ ବ୍ରତୀ ହେବାକୁ ସେ ଯେପରି ଶପଥ ନେଇଥିଲେ, ତାହା ପ୍ରତ୍ୟେକ ମହିଳାଙ୍କ ପାଇଁ ପ୍ରକୃତରେ ପ୍ରେରଣାର ଉତ୍ସ।

ଏହି ଜିଜ୍ଞାସୁ ଲେଖିକା ରେଣୁବାଳାଙ୍କ ଚେତନାର ବଳୟ ଥିଲା ଖୁବ୍ ସଂପ୍ରସାରିତ। ପାଠକଙ୍କ ପାଇଁ ଲେଖିକାଙ୍କ କର୍ତ୍ତବ୍ୟ ଥିଲା ବଡ଼ କଥା । ଏକ ଭିନ୍ନ ସ୍ୱାଦର ସ୍ୱାଭିମାନୀ ଲେଖିକା ରେଣୁବାଳା ମାନବବାଦ ଓ ଆଧ୍ୟାତ୍ମବାଦ ଉପରେ ଗଭୀର ଅଧ୍ୟୟନ କରିଥିଲେ ଓ ସେହି ପ୍ରଗାଢ଼ ଅଧ୍ୟୟନକୁ ଭିତ୍ତିକରି ସମାଜର ମୂଲ୍ୟବୋଧର ଶ୍ରୀବୃଦ୍ଧି ନିମନ୍ତେ ସ୍ୱତଃ ଯେପରି ସେ ଶପଥ ନେଇଥିଲେ । ନିଜର ଉଦ୍ୟମ ବଳରେ ପାଠକଙ୍କ ପାଇଁ ରଚନା ଶୈଳୀ ସ୍ୱତନ୍ତ୍ର ଓ ଭାବଗର୍ଭକ ହୋଇଥିବାରୁ ଆମ ସାରସ୍ୱତ ଜଗତରେ ସେ ଆଲୋଚିତ ହୋଇ ରହିବେ। ପବିତ୍ର ଶ୍ରାଦ୍ଧ ଦିବସରେ ଏହି ବହୁମୁଖୀ ପ୍ରତିଭାଧରଙ୍କ ସାରସ୍ୱତ ଯାତ୍ରାର ଜୟଗାନ କରୁଛୁ।

**ସଭାପତି(କାର୍ଯ୍ୟକାରୀ)**
**ଜିଲ୍ଲା ଲେଖକ ସାମ୍ମୁଖ୍ୟ, ଭଦ୍ରକ**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସାମ୍ବାଦିକତା...

ଜନ୍ମ ନେଇଥିଲା । ସେହି ବର୍ଷ 'ସମୟ'ର ପ୍ରତିଷ୍ଠାତା ସ୍ୱର୍ଗତ ବସନ୍ତ କୁମାର ବିଶ୍ୱାଳ ଜନ୍ମ ଗ୍ରହଣ କରିଥିଲେ । ୨୦୩୬ ମସିହାରେ ଓଡ଼ିଶା ଶହେ ବର୍ଷ ପୂର୍ତ୍ତି ପାଳନ କରିବାକୁ ଯାଉଥିବାବେଳେ ସେହି ସମୟରେ ସ୍ୱର୍ଗତ ବିଶ୍ୱାଳଙ୍କର ମଧ୍ୟ ଜନ୍ମ ଶତବାର୍ଷିକୀ ପାଳନ କରାଯିବ । ଆଗାମୀ ୧୧ ବର୍ଷ ପରେ 'ସମୟ'ର ପ୍ରତିଷ୍ଠାତାଙ୍କ ୧୦୦ତମ ଜନ୍ମତିଥି ପାଳନ ହେଉଥିବା ବେଳେ ରାଜ୍ୟ ବି ଶତବାର୍ଷିକୀ ପାଳନ କରୁଥିବ । ସେଥିପାଇଁ ଏବେଠୁ ରଣନୀତି ପ୍ରସ୍ତୁତ କରିବାକୁ ପଡ଼ିବ । ସାମ୍ବାଦିକତା ବୃତ୍ତି ନୁହେଁ ବ୍ରତ, ଧନ୍ଦା ନୁହେଁ ଏକ ଧର୍ମ । ଏହା ବିଜ୍ଞାପନର ବିପଣୀ ନୁହେଁ, ଏକ ବିଚାର । ଏକଥା 'ସମୟ' ସମସ୍ତଙ୍କୁ କହିଛି ଏବଂ ଆଜି ପର୍ଯ୍ୟନ୍ତ ପାଳନ କରିଛି । ସାମ୍ବାଦିକମାନେ ସରକାରଙ୍କ କଥା ଲୋକଙ୍କ ପାଖରେ ଏବଂ ଲୋକଙ୍କ କଥାକୁ ସରକାରଙ୍କ ନିକଟରେ ପହଞ୍ଚାଉଛନ୍ତି । ନିରପେକ୍ଷତା, ସଚ୍ଚୋଟତା ଏବଂ ନିର୍ଭୀକତା ଏହି ତିନୋଟି ବିନ୍ଦୁକୁ ଗ୍ରହଣ କରିବା, ତା'ହେଲେ ଗଣମାଧ୍ୟମ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେବନାହିଁ । ଯେଉଁ କଥା ପ୍ରଶାସନ ଓ ସରକାର ବହୁ ସମୟରେ କରିପାରି ନଥାନ୍ତି, ସାମ୍ବାଦିକମାନେ କରି ଦେଖାଇଥାନ୍ତି ବୋଲି ଶ୍ରୀ ସୁରଜ କହିଥିଲେ ।

ଉତ୍ସବରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଫକୀରମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର କୁମରବର ଦାସ କହିଥିଲେ ଯେ ତଥ୍ୟରୁ ତତ୍ତ୍ୱ । ତଥ୍ୟକୁ ନେଇ ସାମ୍ବାଦିକତା, ନିରପେକ୍ଷତା, ନିର୍ଭୀକତା ଓ ମାନବିକତା । ସେହିପରି ଭିଜନ ଓ ମିଶନ ସ୍ପଷ୍ଟ ହେଲେ ହିଁ କାର୍ଯ୍ୟର ସଫଳତା ମିଳିଥାଏ । ଏହାର ବଡ଼ ଉଦାହରଣ ହେଉଛନ୍ତି ଭୀମ ଭୋଇ । ବିନା କଲେଜ ଓ ବିଶ୍ୱବିଦ୍ୟାଳୟରେ ପାଠ ନ ପଢ଼ି ବି ସେ ବିଶ୍ୱ ଚେତନା ସୃଷ୍ଟି କରିପାରିବାରେ ସଫଳ ହୋଇଥିଲେ । ନିଶା ଓ ପେସାକୁ ଯିଏ ମିଳିତ କରିପାରିଛି, ସେ ସଫଳ ହୋଇ ପାରିଛି । ଡିଗ୍ରୀ ଭିତରେ ଜ୍ଞାନ ସୀମିତ ନୁହେଁ । ନିରପେକ୍ଷ ଓ ନିର୍ଭୀକତା ହିଁ ସାମ୍ବାଦିକତାର ମୂଳମନ୍ତ୍ର । ହେଲେ ବର୍ତ୍ତମାନ ଭାରତରେ ସାମ୍ବାଦିକତା ବିପଦରେ ରହିଛି । ପ୍ରତ୍ୟେକ ୩ ଦିନରେ ଦେଶରେ ଜଣେ ସାମ୍ବାଦିକ ହତ୍ୟାର ଶିକାର ହେଉଛନ୍ତି । ଏହା ସତ୍ତ୍ୱେ ବି ସାମ୍ବାଦିକତା ବଞ୍ଚିଛି, ବଞ୍ଚିଥିବ । 'ସମୟ' ଦୀର୍ଘପଥ ଅତିକ୍ରମ କରି ବେଶ ସଫଳ ହୋଇଛି ବୋଲି ସେ କହିଥିଲେ ।

ପ୍ରାରମ୍ଭରେ 'ସମୟ'ର ମୁଖ୍ୟ ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ । 'ସମୟ'ର ପରିଚାଳନା ସମ୍ପାଦକ ତଥା ପୂର୍ବତନ ସାଂସଦ ରଞ୍ଜୀବ ବିଶ୍ୱାଳ କହିଛନ୍ତି ଯେ, ଅନେକ ଘାତ ପ୍ରତିଘାତ ଭିତରେ ଗତିକରି 'ସମୟ' ଅନେକାଂଶରେ ସଫଳ ହୋଇଛି । ନିଜର ସ୍ୱତନ୍ତ୍ର ପରିଚୟ ନିଜେ ସୃଷ୍ଟି କରିପାରିଛି । ସରକାର ଓ ବିରୋଧୀଙ୍କ ଭଲ କାର୍ଯ୍ୟକୁ ପ୍ରଶଂସା କରିବା ସହ ଯେଉଁ କାର୍ଯ୍ୟ ଜନହିତକର ନୁହେଁ, ତାହା ଲୋକଙ୍କୁ ଅବଗତ କରାଇଛି । ଏହି ସଂସ୍ଥା କାହାକୁ କେବେ ବ୍ୟକ୍ତିଗତ ଆକ୍ଷେପ କରିନାହିଁ । କେବଳ ଜନହିତକର କାର୍ଯ୍ୟକୁ ସର୍ବଦା ଗୁରୁତ୍ୱ ଦେଇଆସିଛି । ଆଗକୁ ଏହି ପ୍ରକ୍ରିୟା ଜାରି ରହିବ ବୋଲି ସେ ପ୍ରକାଶ କରିଥିଲେ ।

ସ୍ୱାଭିମାନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ସୃତି ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ମୁଁ ଯେତେବେଳେ ପ୍ରଶାସନିକ ସେବା ଚାକିରି ପାଇ ବି ଦିବ୍ୟାଙ୍ଗ ହୋଇଯାଇଥିଲି । ସେଥିପାଇଁ ଚାକିରି ହରାଇଥିଲି । କାରଣ ସେତେବେଳେ ଦିବ୍ୟାଙ୍ଗ ପାଇଁ କିଛି ନିୟମ ନଥିଲା । ହେଲେ ଗଣମାଧ୍ୟମ ଯୋଗୁଁ ଦିବ୍ୟାଙ୍ଗ ପାଇଁ ୫ଟି ଆଇନ ଆସିପାରିଛି । ଏବେ ଦିବ୍ୟାଙ୍ଗଙ୍କୁ ସରକାରୀ ସୁବିଧା ମିଳିଛି । ଗଣମାଧ୍ୟମର ଭୂମିକା ଅନନ୍ୟ ବୋଲି ସେ କହିଥିଲେ ।

ଓଟିଭିର ପଶ୍ଚିମ ଓଡିଶା ମୁଖ୍ୟ ମନୋରଞ୍ଜନ ଯୋଶୀ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି କହିଥିଲେ, ସମୟ କେତେବେଳେ କ'ଣ କରିବ, କେହି କହିପାରିବେନି । ସମୟ ସବୁବେଳେ ବଳବାନ । ମୁଁ 'ସମୟ'ରୁ କାର୍ଯ୍ୟ ଆରମ୍ଭ କରିଥିଲି । ପରେ ମୋ ଜୀବନର ଗତିପଥ ବଦଳି ଗଲା । ମୁଁ ପଶ୍ଚିମ ଓଡ଼ିଶାରେ ବୈଦ୍ୟୁତିକ ଗଣମାଧ୍ୟମକୁ ଯାଇ କ୍ୟାରିୟର ଆରମ୍ଭ କଲି । ତାହା ହିଁ ସମୟର ଖେଳ ବୋଲି ସେ କହିଛନ୍ତି । 'ସମୟ'ର ପ୍ରକାଶକ ସତ୍ୟନାରାୟଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

ଏହି ଅବସରରେ ହାଇଟେକ ହସ୍ପିଟାଲର ମ୍ୟାନେଜିଂ ଟ୍ରଷ୍ଟି ସୁରେଶ ପାଣିଗ୍ରାହୀ, ଆପୋଲୋ ହସ୍ପିଟାଲର ସିଓଓ ଡା. ଆଲୋକ ଶ୍ରୀବାସ୍ତବ, ନେତାଜୀ ଗ୍ରୁପ୍ ଅଫ୍ ଇନ୍ଷ୍ଟିଚ୍ୟୁସନର ସେକ୍ରେଟାରୀ ବିଜନ କୁମାର ଜେନା, ସ୍ତମ୍ଭକାର ପ୍ରହଲାଦ କୁମାର ସିଂହଙ୍କ ସମେତ ବାଲେଶ୍ୱରର ବରିଷ୍ଠ ସାମ୍ବାଦିକ ରଞ୍ଜନ କୁମାର ବାଗ୍, ଭବାନୀପାଟଣାର ବରିଷ୍ଠ ସାମ୍ବାଦିକ ଶାନ୍ତନୁ କୁମାର ବେହେରା, ବାରିପଦାର ବରିଷ୍ଠ ସାମ୍ବାଦିକ ସୌମ୍ୟରଞ୍ଜନ ପଟ୍ଟନାୟକ, ଭଦ୍ରକର ବରିଷ୍ଠ ସାମ୍ବାଦିକ ପ୍ରିୟଦର୍ଶନ ଶୁଭବ୍ରତ ବୋଇତି ଏବଂ ପାରାଦ୍ୱୀପର ବରିଷ୍ଠ ସାମ୍ବାଦିକ ସୁବ୍ରତ କୁମାର ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବନ୍ଦନା ଗୋସ୍ୱାମୀ ଏବଂ ତାଙ୍କ ଟିମ୍‌ର ସଦସ୍ୟମାନେ ଉତ୍କଳ ସଙ୍ଗୀତ ଗାନ କରିଥିଲେ ।

## ୧ ଲକ୍ଷ...

ସହିତ ରାଜ୍ୟର ଅନ୍ୟ ସ୍ଥାନରେ ଯେଉଁଠି ରାଜ୍ୟ ସରକାର ଜମି ଯୋଗାଇଦେବେ, ସେଠାରେ ମଧ୍ୟ ଆଉଏକ ଆଲୁମିନିଅମ୍ ପାର୍କ ପ୍ରତିଷ୍ଠା କରାଯିବ । ଏହି ଦୁଇଟି ଅତ୍ୟାଧୁନିକ ପାର୍କରେ ଅତ୍ୟନ୍ତ ଉନ୍ନତ ଗ୍ରେଡ୍‌ର ଆଲୁମିନିଅମ୍ ଆଲୟ ପ୍ରସ୍ତୁତ ହେବ । ଏହି ଆଲୁମିନିଅମ୍ ଆଲୟ ଏରୋସ୍ପେଶ୍, ଇଲେକ୍ଟ୍ରିକ୍ ଭେହିକିଲ୍ସ ଓ ପ୍ରତିରକ୍ଷା କ୍ଷେତ୍ରରେ ବ୍ୟବହାର ହୋଇପାରିବ । ଏହାଦ୍ୱାରା ଡାଉନ୍‌ଷ୍ଟ୍ରିମ୍ ଶିଳ୍ପ କ୍ଷେତ୍ରରେ ବ୍ୟାପକ ପୁଞ୍ଜି ନିବେଶ ଆସିବ ଏବଂ ଏମ୍.ଏସ୍.ଏମ୍.ଇ ଶିଳ୍ପରେ ବିପୁଳ ଅଭିବୃଦ୍ଧି ହୋଇପାରିବ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟ ସରକାର ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତର ପରିକଳ୍ପନାର ସଫଳ ରୂପାୟନ ପାଇଁ ପ୍ରତିଶ୍ରୁତିବଦ୍ଧ । ଭିତ୍ତିଭୂମିର ବିକାଶ ତଥା ବେଦାନ୍ତ ଭଳି କମ୍ପାନୀର ପୁଞ୍ଜି ବିନିଯୋଗ ଜରିଆରେ ଓଡିଶା ସରକାର ଏହି ଲକ୍ଷ୍ୟ ହାସଲ କରିବେ । ଶିଳ୍ପ ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଏକ ଗ୍ଲୋବାଲ୍ ହବ୍ ହେବାପାଇଁ ଓଡିଶା ବର୍ତ୍ତମାନ ସମ୍ପୂର୍ଣ୍ଣଭାବେ ପ୍ରସ୍ତୁତ । ଆମର ଏହି ଉଦ୍ୟମ ଦ୍ୱାରା କେବଳ ଅର୍ଥନୈତିକ ଅଭିବୃଦ୍ଧି ଆସିବ ନାହିଁ ଏହାଦ୍ୱାରା ଯୁବବର୍ଗଙ୍କ ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି ହେବା ସହିତ ଜନସାଧାରଣଙ୍କୁ ସଶକ୍ତ କରିବ ଏବଂ ୨୦୩୬ ସୁଦ୍ଧା ୫୦୦ ବିଲିଅନ୍ ଡଲାର ଅର୍ଥନୀତିରେ ପରିଣତ ହେବାପାଇଁ କ୍ଷେତ୍ର ପ୍ରସ୍ତୁତ କରିବ । ଓଡିଶାର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଏହି ପୁଞ୍ଜି ନିବେଶ ଏକ ଗେମ୍-ଚେଞ୍ଜର ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ଏହି ବୈଠକରେ ବେଦାନ୍ତ ଗ୍ରୁପ ଅଧ୍ୟକ୍ଷ ବେଦାନ୍ତର ଶିଳ୍ପ ପ୍ରକଳ୍ପ ଗୁଡିକୁ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସରକାରଙ୍କ ସହଯୋଗ ପାଇଁ ଧନ୍ୟବାଦ ପ୍ରଦାନ କରିଥିଲେ । ଏହି ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଖଣି ଓ ଇସ୍ପାତ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ସାଲେପୁରର ୧୮ ପରିବାର ପାଇଲେ ରୁଫଟପ୍ ସୋଲାର ବ୍ୟବସ୍ଥା

ଭୁବନେଶ୍ୱର,(ସବ୍ୟୁ):ଟିପିସିଓଡିଏଲ୍ ପିଏମ୍ ସୂର୍ଯ୍ୟ ଘର: ମୁଫ୍ତ ବିଜିଳି ଯୋଜନାରୟୁଟିଲିଟି ଲେଡ ଏଗ୍ରିଗେସନ (ୟୁଏଲ୍‌ଏ) ମଡେଲ୍ ଅଧୀନରେ ରୁଫଟପ୍ ସୋଲାର ସ୍ଥାପନକୁ ତ୍ୱରାନ୍ୱିତ କରିଛି । ଏହି ପ୍ରୟାସର ଉଦ୍ଦେଶ୍ୟ ହେଉଛି ଗ୍ରାମୀଣ ପରିବାରମାନଙ୍କୁ ସ୍ୱଚ୍ଛ, ଭରସାଯୋଗ୍ୟ ଓ ଶସ୍ତା ଶକ୍ତି ଯୋଗାଇବା ସହିତ ଉଚ୍ଚ ଗୁଣମାନ ଓ ସୁରକ୍ଷିତ ସ୍ଥାପନା ସୁନିଶ୍ଚିତ କରିବା ।

ୟୁଏଲ୍‌ଏ ମଡେଲ୍ ଅଧୀନରେ, ଟିପିସିଓଡିଏଲ୍ ଏକ ସୁବିଧା ପ୍ରଦାନକାରୀ ଭାବରେ କାର୍ଯ୍ୟ କରେ । ଏହା ଗ୍ରାହକଙ୍କ ଚାହିଦାକୁ ଏକାଠି କରି, ବୈଷୟିକ କାର୍ଯ୍ୟାନ୍ୱୟନ ଉପରେ ନଜର ରଖେ ଏବଂ ଗାଁ ଗୁଡ଼ିକରେ ରୁଫଟପ୍ ସୋଲାର ପ୍ରଣାଳୀର ସହଜ ସ୍ଥାପନାକୁ ସୁନିଶ୍ଚିତ କରେ । ଏହି ପଦ୍ଧତି ଶୀଘ୍ର କାର୍ଯ୍ୟକାରିତା, ମାନକ ଗୁଣବତ୍ତା ପାଳନ ଏବଂ ଉପଭୋକ୍ତାଙ୍କ ପାଇଁ ଅଧିକ ସୁବିଧା ନିଶ୍ଚିତ କରିପାରିଛି । ଏହି ପଦକ୍ଷେପର ଅଂଶ ସ୍ୱରୂପ, ସାଲେପୁର ଡିଭିଜନ ଅନ୍ତର୍ଗତ କୁରୁଜଙ୍ଗ ପ୍ରଥମ ଗ୍ରାମ ଭାବେ ଉପକୃତ ହୋଇଛି, ଯେଉଁଠାରେ ୧୮ଟି ପରିବାର ପ୍ରତ୍ୟେକ ୮୭୬୪ ଟଙ୍କା ମୂଲ୍ୟରେ ରୁଫଟପ୍ ସୋଲାର ପ୍ରଣାଳୀ ସ୍ଥାପନ କରିଛନ୍ତି । ଏଥିରେ ୧ କିଲୋଓ୍ୱାଟର ସଂଯୋଗ ପାଇଁ ୫୦୦୦ ଟଙ୍କା ଓ ୩୭୬୪ ଟଙ୍କାର ଏକ ଅତିରିକ୍ତ ସୋଲାର ମିଟର ଚାର୍ଜ ଓ ମାଗଣାରେ ନେଟ୍ ମିଟର ସ୍ଥାପନ ଅନ୍ତର୍ଭୁକ୍ତ ।

# ଆସସ ପକ୍ଷରୁ ବାଲେଶ୍ୱରରେ ନୂଆ ସେବା କେନ୍ଦ୍ରର ଶୁଭାରମ୍ଭ

ବାଲେଶ୍ୱର(ସବ୍ୟୁ) :ଏକ ଅଗ୍ରଣୀ ପ୍ରଯୁକ୍ତି ବ୍ରାଣ୍ଡ ଆସସ ଇଣ୍ଡିଆ ପକ୍ଷରୁ ବାଲେଶ୍ୱରରେ ଏକ ନୂଆ ଆସସ ଅନୁମୋଦିତ ସେବା କେନ୍ଦ୍ର ଏବଂ ଅନ-ସାଇଟ ସହାୟତାର ଉଦଘାଟନ ସହିତ ନିଜର ବିକ୍ରୟ ପରବର୍ତ୍ତୀ ସେବା ନେଟଓ୍ୱାର୍କର ସମ୍ପ୍ରସାରଣ ଘୋଷଣା କରାଯାଇଛି । ଏହି ପଦକ୍ଷେପ ବ୍ରାଣ୍ଡର ବ୍ୟକ୍ତିଗତ ଭାବେ ଉନ୍ନତ ଗ୍ରାହକ ଅଭିଜ୍ଞତା ପ୍ରଦାନ ଏବଂ ନିର୍ଭରଯୋଗ୍ୟ ବିକ୍ରୟ ପରେ ସହାୟତାର ସହଜ ଉପଲବ୍ଧତା ନିଶ୍ଚିତ କରିବା ପାଇଁ ପ୍ରତିବଦ୍ଧତାକୁ ଦୃଢ କରୁଛି । ଏହା ସହିତ ଆସସ ଗୁଡ଼ଗାଓଁ, ଚଣ୍ଡୀଗଡ଼, ଜଲନ୍ଧର, ଲୁଧିଆନା, ଜୟପୁର, ଚେନ୍ନାଇ ଏବଂ ପୁଣେ ଆଦି ସହରଗୁଡ଼ିକରେ ମଧ୍ୟ ସେବା କେନ୍ଦ୍ର ଖୋଲୁଛି । ଏହି ସମ୍ପ୍ରସାରଣ ସହିତ ଆସସ ତା'ର ସର୍ବଭାରତୀୟ ସେବା ଉପସ୍ଥିତିକୁ ଆହୁରି ଦୃଢ କରିବାକୁ ଲକ୍ଷ୍ୟ ରଖିଛି ଯାହା ଅନ-ସାଇଟ ସମର୍ଥନ, ଦ୍ରୁତ ସେବା ସମୟ, ଉନ୍ନତ ସୁବିଧା ଏବଂ ଲାପଟପ୍, ଡେସ୍କଟପ୍ ଓ ଆକ୍ସେସୋରୀଜ ଆଦି ବିସ୍ତୃତ ଉତ୍ପାଦ ପାଇଁ ଅଧିକ ନିରବଚ୍ଛିନ୍ନ ମାଲିକାନା ଅଭିଜ୍ଞତା ପ୍ରଦାନ କରିବ ।

ଏହି ଉଦଘାଟନ ଅବସରରେ ଆସସ ସିଏସସି ଭାରତର ଜାତୀୟ ସେବା ପରିଚାଳକ ବିଶାଲ ମହାଲସେକର ମନ୍ତବ୍ୟ ଦେଇ କହିଛନ୍ତି ଯେ, ଆସସରେ ଗ୍ରାହକ ସନ୍ତୁଷ୍ଟି ହେଉଛି ଆମର ମୂଳ ଲକ୍ଷ୍ୟ । ଆମର ସେବା ନେଟଓ୍ୱାର୍କର ସମ୍ପ୍ରସାରଣ ଆମର ସମୟୋପଯୋଗୀ, ଦକ୍ଷ ଏବଂ ଉଚ୍ଚମାନର ବିକ୍ରୟ ପରବର୍ତ୍ତୀ ସହାୟତା ପ୍ରଦାନ କରିବା ପାଇଁ ନିରନ୍ତର ପ୍ରୟାସକୁ ପ୍ରତିଫଳିତ କରୁଛି । ନୂତନ କେନ୍ଦ୍ରଗୁଡ଼ିକରେ ପ୍ରିମିୟମ ସହାୟତା, ଅନ-ସାଇଟ ମରାମତି ସୁବିଧା, ଡିଓଏ ପରିଚାଳନା ଓ ଅନ୍ୟାନ୍ୟ ମୁଖ୍ୟ ସେବା ଉପଲବ୍ଧ । ଗ୍ରାହକମାନେ ମୂଳ ଖୁଚୁରା ଯନ୍ତ୍ରାଂଶ, ସ୍ୱଚ୍ଛ ସେବା ପ୍ରକ୍ରିୟା ଏବଂ ସେମାନଙ୍କ ମରାମତି ସ୍ଥିତି ଉପରେ ବାସ୍ତବ ସମୟ ଅପଡେଟର ସୁବିଧା ପାଇବେ ।

# ଶ୍ରୀରାମଦୟା ପରିଷଦ ବାର୍ଷିକ ଅଧିବେଶନ ଉଦ୍‌ଘାଟିତ



ନିରାକାରପୁର, (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ସ୍ଥିତ ଅଗ୍ରଣୀ ପ୍ରାଚୀନ ଧର୍ମାନୁଷ୍ଠାନ ୪୩ ତମ ବାର୍ଷିକ ଅଧିବେଶନ ଗୁରୁବାର ଦିନ ଉଦଘାଟିତ ହୋଇଯାଇଛି । ଏହି ଅବସରରେ ଜୀଉମାନେ ଏକ ବିରାଟ ପଟୁଆର ରେ ରାମ ମନ୍ଦିରରୁ ବାହାରି ନିରାକାରପୁର ବଜାର ଦେଇ ଗଣେଶ ପଡିଆ ସ୍ଥିତ ନୀଳକେ=ଶର ମନ୍ଦିର ଯାଇ (ହରି) ପ୍ରଭୁ ରାମଚନ୍ଦ୍ର ହର (ପ୍ରଭୁ ନୀଳକେ=ଶର ) ସହିତ ଭେଟ ହୋଇଥିଲା ।ଏହି ସମୟରେ ଅଂଚଳବାସୀଙ୍କ ପକ୍ଷରୁ ଅତସାବାଜୀ ଫୁଟାଇ ଭବ୍ୟ ସ୍ୱାଗତ କରାଯାଇଥିଲା । ପରେ ଉତ୍କଳିକା ସଂଗୀତ ଏକାଡେମୀ କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଭକ୍ତଗଣ ଉପଭୋଗ କରିଥିଲେ ୯ ଆସନ୍ତା କାଲି ଠାରୁ ଓଡ଼ିଶାର ପ୍ରମୁଖ ପ୍ରବଚକ ଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଆରମ୍ଭ ହୋଇ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ଚାଲିବା ପାଇଁ ପରିଷଦ ପକ୍ଷରୁ ସୂଚନା ମିଳିଛି ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଅଂଚଳର ସମସ୍ତ ଭକ୍ତବନ୍ଧୁମାନଙ୍କ ସହଯୋଗ ଓ ଉପସ୍ଥିତି ପାଇଁ ପରିଷଦ ସଭାପତି ଡ. ମୃତୁଞ୍ଜୟ ରଥ, ସୂଚନା ଓ ଗଣମାଧ୍ୟମ ଦାୟିତ୍ୱ ରେ ଥିବା ବେଣୁଧର ଚମ୍ପତିରାୟ ଓ ଦୀପକ ପ୍ରଧାନ ଅନୁରୋଧ କରିଛନ୍ତି ।

# ଚୋରି ଅଭିଯୋଗରେ ଯୁବକ ଗିରଫ

ସାକ୍ଷୀଗୋପାଳ ,(ସବ୍ୟୁ): ସତ୍ୟବାଦୀ ଥାନା ଅନ୍ତର୍ଗତ ବାଲିହୁଡା ଗ୍ରାମର ଆଲୋକ ଭୋଇ ( ୨୧ ) କୁ ସତ୍ୟବାଦୀ ପୋଲିସ ଚୋରି ଅଭିଯୋଗରେକେଶ ନଂ ୩୭୨/୨୫ରେ ଗିରଫ କରି କୋର୍ଟ ଚାଲାଣ କରିଛି । ସତ୍ୟବାଦୀ ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ ବୁଧବାର ସନ୍ଧ୍ୟା ପ୍ରାୟ ସାଢ଼େ୫ଟାରେବାଲିହୁଡା ଗ୍ରାମର ଆଲୋକ ଭୋଇ (୨୧) ବାଲିହୁଡ଼ି ଗ୍ରାମର ଅଭିଯୋଗକାରୀ ବିଜୟ କୁମାର ଦାସଙ୍କ ଘର ପାଚେରୀ ଡେଇଁ ଘରେ ଥିବା ଗୋଟିଏ ପାଣି ପମ୍ପ ଓ ଗୋଟିଏ ଗ୍ରାଇଣ୍ଡର ଚୋରି କରିଥିଲେ ଓ ତାଙ୍କ ଘରେ ଥିବା ଲୁହା ଭଣ୍ଡାର ମଧ୍ୟ ଭାଙ୍ଗିବାକୁ ଚେଷ୍ଟା କରିଥିଲେ । ଏହି ସମୟରେ ଅଭିଯୋଗ କାରୀଙ୍କ ପଡ଼ୋଶୀ ସତ୍ୟପ୍ରକାଶ ଦାସ କିଛି ଶବ୍ଦ ଶୁଣି ଗାଁ ଲୋକଙ୍କୁ ଡାକିଥିଲେ । ଗାଁ ଲୋକ ପହଞ୍ଚି ଆଲୋକ ଭୋଇକୁ କାବୁ କରିବା ସହ ଘଟଣା ସମ୍ପର୍କରେ ସ୍ଥାନୀୟ ସରପଞ୍ଚଙ୍କୁ ଜଣାଇଥିଲେ । ପରେ ସରପଞ୍ଚ ସତ୍ୟବାଦୀ ପୋଲିସକୁ ଖବର ଦେଇଥିଲେ । ଗିରଫ ଅଭିଯୁକ୍ତ ଆଲୋକ ଠାରୁ ଗୋଟିଏ ପାଣି ପମ୍ପ ଓ ଏକ ଗ୍ରାଇଣ୍ଡରକୁ ସତ୍ୟବାଦୀ ପୋଲିସ ଉଦ୍ଧାର କରିଥିଲେ ।

# ଦୁଇ ବାଇକ ଧକ୍କା : ଯୁବକ ମୃତ

ବାଲିପାଟଣା ,(ସବ୍ୟୁ): ଗୁରୁବାର ଅପରାହ୍ନରେ ନୂଆସାହି ନିମାପଡ଼ା କେନାଲ ବନ୍ଧ ରାସ୍ତାରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟି ଜଣକର ମୃତ୍ୟୁ ହୋଇଛି ।ମିସ୍ତ୍ରୀ କାମ କରୁଥିବା ପୂର୍ଣ୍ଣଚନ୍ଦ୍ର ଭୋଇ ବାଇକରେ ନିମାପଡ଼ା ପଟୁ ତାଙ୍କର ନିଜ ଗ୍ରାମ ମୁଣ୍ଡହଣାପାଟଣା ଫେରୁଥିବା ବେଳେ ନୂଆସାହି ପଟୁ ଦୃତଗତିରେ ଯାଉଥିବା ସ୍କୁଟି ସହିତ ମୁହାଁମୁହିଁ ଧକ୍କା ହୋଇଥିଲା । ପୂର୍ଣ୍ଣ ମଟର ବାଇକ ସହିତ କୁଞ୍ଚପଦା ଠାରେ ଗଛରେ ପିଟି ହେଇ ଯିବାରୁ ମୁହଁ ଛାତିରେ ଆଘାତ ଲାଗିଥିଲା ।

# ବାଇକ ଧକ୍କାରେ ସାଇକେଲ ଆରୋହୀ ମୃତ

ବାଲୁଗାଁ ,(ସବ୍ୟୁ): ବୁଧବାର ବିଳମ୍ବିତ ରାତିରେ ବାଲୁଗାଁ ଥାନା ଅଧିନ ବାଙ୍କିଆପଲ୍ଲୀ ଛକ ଠାରେ ଏକ ବାଇକ ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି । ମୃତକ ଜଣଙ୍କ ବାଙ୍କିଆପଲ୍ଲୀ ଅଞ୍ଚଳର କାର୍ତ୍ତିକ ବେହେରା ( ୫୮) ବୋଲି ଜଣାପଡ଼ିଛି । କାର୍ତ୍ତିକ ସ୍ଥାନୀୟ ଆଙ୍କୁଲାଚଟି ବଜାରରୁ ସଉଦା କିଣି ସାଇକେଲ ଯୋଗେ ଘରକୁ ଫେରୁଥିଲେ । ରାତି ପ୍ରାୟ ୯ ଟାରେ ରେ ବିପରୀତ ଦିଗରୁ ଆସୁଥିବା ଏକ ହିରୋ ହୋଣ୍ଡା ବାଇକ ବାଙ୍କିଆ ପଲ୍ଲୀ ଛକ ଠାରେ ସାଇକେଲକୁ ଧକ୍କା ଦେଇଥିଲା । ଫଳରେ କାର୍ତ୍ତିକ ଗୁରୁତର ଆହତ ହୋଇଥିଲେ । ଚିକିତ୍ସା ପାଇଁ ତାଙ୍କୁ ବାଲୁଗାଁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ମାତ୍ର କିଛି ସମୟ ପରେ ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା । ଖବର ପାଇ ବାଲୁଗାଁ ପୋଲିସ ପହଞ୍ଚି ମୃତ ଦେହ ଏବଂ ଦୁର୍ଘଟଣା ଗ୍ରସ୍ତ ବାଇକକୁ ଜବତ କରିଥିଲେ । ଏ ନେଇ ବାଲୁଗାଁ ପୋଲିସ ୩୪୪/୨୫ ରେ ଏକ ମାମଲା କରିବା ସହ ଶବ ବ୍ୟବଚ୍ଛେଦ ପରେ ତାଙ୍କ ପରିବାରକୁ ହସ୍ତାନ୍ତର କରିଛି ।


## ବିକ୍ରୟ ଦଲିଲ ହଜିଛି

ମୁଁ ଶ୍ରୀମତୀ ପ୍ରଭାତି ପଣ୍ଡା, ବୟସ- ୬୬ ବର୍ଷ, ଆଧାର ନଂ.: ୫୯୪୪୩୪୯୧୦୫୬୨, ସ୍ୱାମୀ: ଅନିଲ ପ୍ରସାଦ ପଣ୍ଡା, ବାସସ୍ଥାନ ଠିକଣା- ସାଃ ଶ୍ରୀରାମପୁର, ପୋଃଥାନା: ଯାଜପୁର ଟାଉନ, ଜିଲ୍ଲା: ଯାଜପୁର, ପିନ୍-୭୫୫୦୦୧, ଓଡ଼ିଶା, ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ, ଯାଜପୁରଙ୍କ ଅଦାଲତରେ ଏକ ସତ୍ୟପାଠ ମାଧ୍ୟମରେ ଘୋଷଣା କରୁଛି କି, ତା.୦୭.୦୯.୨୦୨୫ରିଖରେ ମୋ ଗୃହ ସ୍ଥାନାନ୍ତର କରୁଥିବା ସମୟରେ ମୋର ନାମରେ ଥିବା ଏକ ମୂଳ ବିକ୍ରୟ ଦଲିଲ ଯାହାର ନଂ.: ୪୧୨୮, ତା.୦୫.୦୫.୧୯୯୦ କେଉଁଠାରେ ହଜିଯାଇଛି । ଏହି ଦଲିଲ ଦର୍ଶିତ ସମ୍ପତ୍ତି: ମ୍ୟୁଟେସନ୍ ଖାତା ନଂ.: ୪୬୪/୪୬୯୨, ପ୍ଲଟ୍ ନଂ.: ୧୪୮୦/୧୮୩୧/୫୩୬୧, କ୍ଷେତ୍ର: ଏକର୦.୦୫୦ଡିସିମିଲି, ଅନୁରୂପ ଖାତା ନଂ.: ୪୬୪/୧୨୧, ପ୍ଲଟ୍ ନଂ.: ୧୪୮୦/୧୮୩୧, କିମସ: ପତିତ, କ୍ଷେତ୍ର: ଏକର୦.୦୫୦ଡିସିମିଲି, ତହସିଲ: ଭୁବନେଶ୍ୱର, ମୁଁ ଏହି ସମ୍ପତ୍ତିର ଦଲିଲକୁ କୌଣସି ବ୍ୟାଙ୍କ/ଘରୋଇ ବ୍ୟାଙ୍କ/ଆର୍ଥିକ ସଂସ୍ଥାରେ ବନ୍ଧକ ରଖି ନାହିଁ । ସମସ୍ତ ଚେଷ୍ଟା ସତ୍ତ୍ୱେ ମଧ୍ୟ ଏହି ଦଲିଲକୁ ମୁଁ ପାଇପାରୁନାହିଁ, ଯଦି କେହି ଉପରୋକ୍ତ ଦଲିଲ କୁ ପାଆନ୍ତି, ତେବେ ମୋ.୭୭୮୮୮୪୧୮୨୬ରେ ମୋତେ ଜଣାଇବାକୁ ଅନୁରୋଧ ।



GOVERNMENT OF ODISHA : DEPARTMENT OF WATER RESOURCE
OFFICE OF THE SUPERINTENDING ENGINEER,
NABARANGPUR IRRIGATION DIVISION
NABARANGPUR,DIST-NABARANGPUR(ODISHA)
Email ID-senidivision@gmail.com

Lr no. 1553 Dated. 18.10.25

A-758

E-PROCUREMENT NOTICE
BID IDENTIFICATION NO-SE-NID- 04 /2025-26 (01-06)

1. Nature of the work - Construction of Trough wall & Renovation of canal syphon.
2. Total Nos. of works - 06 (Six) Nos.
3. Tender cost of the works-From Rs.7.53 lakhs to Rs.6.71 lakhs (excluding GST)
4. Class of Contractor - *D'& *C Class
5. Period of completion-01(One) Month
6. Other details as follows

| Procurement Officer | Bid Identification No. | Availability of Bid on-line | | Last date & time of seeking tender clarification | Date & Time & Place of opening of Tender |
|---|---|---|---|---|---|
| Superintending Engineer, Nabarangpur Irrigation Division, Nabarangpur | SE-NID-04/2025 26 (01-06) | 27.10.2025 (10.00 AM) | 10.11.2025 (up to 05.00 PM) | 30.10.2025 up to 5.00 PM | 11.11.2025 at 11.00 AM in the O/o the Superintending Engineer, Nabarangur Irrigation Division, Nabarangpur |

Further details can be seen from the Government web site www.tendersodisha.gov.in Addendum/Corrigendum/Cancellation if any required will be published in Govt.website only.

Superintending Engineer
Nabarangpur Irrigation Division, Nabarangpur

OIPR : 32361/11/0016/2526


# ଷ୍ଟାର ଫିଜିକ୍ସ କ୍ଲାସେସ୍‌ର ବାର୍ଷିକ ଉତ୍ସବ




ନିମାପଡା, (ସବ୍ୟୁ): ନିମାପଡା ସ୍ଥିତ ଷ୍ଟାର ଫିଜିକ୍ସ କ୍ଲାସେସର ଦ୍ୱିତୀୟ ବାର୍ଷିକ ଉତ୍ସବ ଓ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ସମାରୋହ ଉତ୍ସବ ସ୍ଥାନୀୟ ଶ୍ରୀରାମ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ଜୁଏଲ ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ନିମାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ଡଃ. ରବିନ୍ଦ୍ର ନାଥ ପାଢୀ,ମୁଖ୍ୟବକ୍ତା ଭାବେ ଗଣିତ ଅଧ୍ୟାପକ ସୁବ୍ରତ କୁମାର ମହାନ୍ତି,ସମ୍ମାନୀତ ଅତିଥିଭାବେ ଅଧ୍ୟାପକ ମାନସ ରଂଜନ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଫିଜିକ୍ସ ବିଷୟର ମହ%୦ ଓ ଏହାର ଜୀବନମୁଖୀ ମୂଲ୍ୟ ବିଷୟରେ ଉପସ୍ଥାପନ କରିବା ସହିତ ପାଠ ସହିତ ବିଭିନ୍ନ ପ୍ରତିଯୋଗିତା,ଖେଳକୁଦରେ ଭାଗ ନେଲେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଥିବା ଅର୍ନ୍ତନିହିତ ଗୁଣ ପରିପ୍ରକାଶ ହୋଇଥାଏ ବୋଲି ଅତିଥିମାନେ ମତ ପ୍ରକାଶ କରିବା ସହିତ ଷ୍ଟାର ଫିଜିକ୍ସ କ୍ଲାସେସ୍ ନିଷ୍ଠାର ସହିତ ଗୁଣାତ୍ମକ ଶିକ୍ଷାଦାନ ପାଇଁ ସଂସ୍ଥାର ନିର୍ଦ୍ଦେଶକ ଶ୍ରୀ ତ୍ରିପାଠୀଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ। ଏହି ଅବସରରେ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ସାର୍ଟିଫିକେଟ ଓ କପ ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା


## AFFIDAVIT

By an affidavit before the Executive Magistrate, Kujanga.I, Dipti Ranjan Bhuyan, father of Arpita Bhuyan At- Nabeghara, Nuagan, Dt-Jagatsinghpur , Pin - 754141 declare that my daughter Kumari Arpita Bhuyan s name has been wrongly recorded as Arpita Bhuyan and I have changed her name from Arpita Bhuyan to Kumari Arpita Bhuyan .Henceforth, she shall be known as Kumari Arpita Bhuyan for all future purposes.



## ଘୋଷଣା

ଭୁବନେଶ୍ୱରର ନୋଟାରୀ ସମ୍ମୁଖରେ ଏକ ସତ୍ୟପାଠ ଅନୁଯାୟୀ ମୁଁ ଚଞ୍ଚଳା ସାହୁ, ୫୯ ବର୍ଷ ବୟସ, ମହେଶ୍ୱର ସାହୁ, ପୁରୀ ଜିଲ୍ଲା, ପୁରୀ ର ଆଟ-ବାରବାଟି ନୂଆ ସାହି, ମୋର ସମ୍ପତ୍ତି ଖାତା ନମ୍ବର ୧୨୯/୨୪, ପ୍ଲଟ ନମ୍ବର-୩୧/୪୪୬ ମୂଳ ROR (ପଟ୍ଟା) ଡକ୍ୟୁମେଣ୍ଟ (ROR-No-129/24) Mobile No. ୯୩୩୭୦୯୪୯୪୯/୯୭୭୭୦୭୧୦୮୪ ମଙ୍ଗଳା ମନ୍ଦିର ନିକଟରେ, Puri- ୭୫୨୦୦୧ ତାରିଖ ୨୩/୧୦/୨୦୨୫ରେ ହରାଇଛି । ଯଦି କେହି ଏହି ଡକ୍ୟୁମେଣ୍ଟ ପାଆନ୍ତି, ଦୟାକରି ଏହି ନମ୍ବରରେ ଯୋଗାଯୋଗ କରନ୍ତୁ ।

ପ୍ରଭାକର ପଟ୍ଟନାୟକ
ମୋବାଇଲ ନମ୍ବର - ୯୭୭୮୦୭୦୫୯୦



OFFICE OF THE EXECUTIVE ENGINEER
RURAL WORKS DIVISION, MOHANA

No- 4036 Date : 22.10.25

O - 1099

1st CORRIGENDUM

In continuation to this office bid identification No. Online Tender 06/MOHANA/2025-26 Invited vide this office letter no 3595 dtd 23.09.2025, is hereby cancelled due to some unavoidable circumstance.

Sd/- Executive Engineer
R.W. Division, Mohana

OIPR : 25148/11/0054/2526



OFFICE OF THE EXECUTIVE ENGINEER (AGRIL.),
AGRICULTURE ENGINEERING DIVISION, KENDRAPARA
E-mail ID - eeag-kendrapara@gov.in

L-90

Govt, of Odisha "e" procurement Notice

Bid Identification No.. E.E. (A), Kendrapara Division-06/2025-26

The Executive Engineer (Agril.), Agriculturs Engineering Division, Kondrapara on behalf of Governor of Odisha, invites percentage rate bids in single cover system in ONLINE MODE, for 04 Numbers of Projects of Kendrapara & Jajpur district

1. Estimated Cost -: As mentioned against column No-03
2. Bid Cost : As mentioncd against each in Column - 04
3. Period of completion : Calendar Months Mentioned in Column - 06
4. No. of works (Tender) : 04 nos.
5. Class ot Contractor : As Mentioned in Column - 05
6. Date & Time ot availability of bid document in the portal : from Dt. 24.10.2025 at 10. 00 Am to Dt. 03.11.2025 up to 5.00 P.M.
7. Last date / time for receipt of bids in the portal : Dt. 03.11.2025 up to 5.00 P.M.
8. Date of submission of documents : Dt. 24.10.2025 at 10.00 AM to Dt. 04.11.2025 up to 5.00 P.M. (Except Holidays)
9. Date & time of opening of online bids : Dt. 06.11.2025 at 11.00 AM & onwards.
10. Name and address of the officer inviting Bid : **Executive Engineer, (Agril), Agriculture Engineering Division, Kendrapara.**

Further details can be seen from the e-procurement portal **https://tendersodisha.gov.in**

A. All the volume / documents shall be uploaded in the portal by the Procurement Officer. Administrator and published by Procurement Officer Publisher (Officer Inviting tender)
B. The Tender documents published by the Tender inviting Officer (Procurement Officer Publisher) in the website **"http://tendersodisha.gov.in"** will appear in the Latest.
C. The Bidders have to participate in ONLINE bidding only. Further details can be seen from the website **"http://tendersodisha.gov.in"** . Any addendum/corrigendum/cancellation of tender can also be seen in the said website.

Sd/- Executive Engineer (Agril.)
Agriculture Engineering Division, Kendrapara

OIPR : 01471/11/0016/2526



ODISHA COOPERATIVE TASAR &
SILK FEDERATION (SERIFED) LTD.
Sahid Nagar. Janpath. Bhubaneswar-751 007.
Tel : 2545586/2545852,
email- serifedodisha@gmail.com, website- www.serifedodisha.in

CAD - 2082

TENDER CALL NOTICE

BID IDENTIFICATION NO:- VI-11(02)/SERIFED/2025-26/1327/Dt. 22.10.2025

The MANAGING DIRECTOR (SERIFED), Odisha, Bhubaneswar invites sealed tenders in single cover bids from the registered contractors for 01 no of work in Khordha District. The bid documents such as DTCN/BOQ etc. can be seen/downloaded from the website : www.sidacodisha.org.in during the period dt. 25.10.2025 to 5.00 PM up to 29.10.2025. Tender shall be received till 5.00 PM on 29.10.2025 & shall be opened at 11.30 AM on 30.10.2025. Any addendum / corrigendum / cancellation of tender can also be seen in the said website.

OIPR : 31005/11/0021/2526 Sd/- MANAGING DIRECTOR



ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
ଆକାଶ ଶୋଭା ବିଲ୍‌ଡିଂ
ପଣ୍ଡିତ ଜବାହାରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ପତ୍ର ସଂଖ୍ୟା : ୧୯୫୦୧/ଭୁ.ଉ.କ., ଭୁବନେଶ୍ୱର ତା.୦୯.୧୦.୨୪ ରିଖ ୨୦୨୫

BDA-Estat 2-ALLOT-0090-2025

CAD- 2083

ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, **Plot No-N4/161, Mz :** ଜୟଦେବ ବିହାର, ଭୁବନେଶ୍ୱରଙ୍କୁ ବୀର କିଶୋର ମଲ୍ଲିକ, ପିତା- ସ୍ୱର୍ଗତ ପୁରୁଷୋତ୍ତମ ମଲ୍ଲିକ, ଗ୍ରାମ/ପୋଷ୍ଟ-ଜମ୍ବାରା, ଥାନା- ନନ୍ଦୀ ପୋଡା, ଜିଲ୍ଲା - କେଉଁଝର, ପିନ୍-୭୫୮୦୨୨, ଓଡ଼ିଶାଙ୍କ ନାମରେ ଆବଣ୍ଟନ କରାଯାଇଥିଲା । ଆବଣ୍ଟନ ଗ୍ରାହୀ ବୀର କିଶୋର ମଲ୍ଲିକ ଗତ ତା. ୨୮.୧୨.୨୦୨୩ ରିଖରେ ମୃତ୍ୟୁବରଣ କରିଛନ୍ତି । **(Death Certificate Issue No. 246/2024, Legal Heir Certificate No. 82910, Dt. 26.05.2024** ଅନୁଯାୟୀ ବୀର କିଶୋର ମଲ୍ଲିକଙ୍କର ଉତ୍ତରାଧିକାରୀ (୧) ତାରାମଣି ମଲ୍ଲିକ (ସ୍ତ୍ରୀ) (୨) ଚିତ୍ତରଞ୍ଜନ ମଲ୍ଲିକ (ପୁତ୍ର) (୩) ନିରଞ୍ଜନ ମଲ୍ଲିକ (ପୁତ୍ର) (୪) ତପସ୍ୱିନୀ ମଲ୍ଲିକ (ବିବାହିତା କନ୍ୟା) (୫) ପଦ୍ମିନୀ ମଲ୍ଲିକ (ବିବାହିତା କନ୍ୟା) ଅଟନ୍ତି ।

ବର୍ତ୍ତମାନ ଉପରୋକ୍ତ ଉତ୍ତରାଧିକାରୀ ମାନଙ୍କ ମଧ୍ୟରୁ ଚିତ୍ତରଞ୍ଜନ ମଲ୍ଲିକ, ତପସ୍ୱିନୀ ମଲ୍ଲିକ, ଇପ୍ସିତା ପ୍ରଧାନ ଓରଫ ପଦ୍ମିନୀ ମଲ୍ଲିକ ପଞ୍ଜିକୃତ ନାଦାବି ପତ୍ର **(Registered Deed of Relinquishment Document No. 11082502501 dated. 24.03.2025** ମାଧ୍ୟମରେ ଉକ୍ତ ପ୍ଲଟରେ ଥିବା ନିଜର ଅଧିକାର/ଅଂଶକୁ ନିରଞ୍ଜନ ମଲ୍ଲିକଙ୍କୁ ହସ୍ତାନ୍ତର କରିଛନ୍ତି ।

ନିରଞ୍ଜନ ମଲ୍ଲିକ ଉକ୍ତ ପ୍ଲଟର ମାଲିକାନା ସତ୍ତ୍ୱ ତାଙ୍କ ନିଜ ନାମରେ ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଏଣୁ ଉକ୍ତ ପ୍ଲଟର ମାଲିକାନାସତ୍ତ୍ୱ ଉତ୍ତରାଧିକାରୀ ସୂତ୍ରରେ (୧) ତାରାମଣି ମଲ୍ଲିକ (୨) ନିରଞ୍ଜନ ମଲ୍ଲିକଙ୍କ ନାମରେ ପରିବର୍ତ୍ତନ କରିବା ପରିପ୍ରେକ୍ଷୀରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ସୂଚନା ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍ ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ସତ୍ତ୍ୱ (୧) ତାରାମଣି ମଲ୍ଲିକ (୨) ନିରଞ୍ଜନ ମଲ୍ଲିକଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ ।

ସ୍ୱା/- ଅତିରିକ୍ତ ଆୟୁକ୍ତ (ମାହାଲ-୨)
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

OIPR : 13033/11/0392/2526


# ବିପୁଳ ପରିମାଣର ମଦ ଜବତ, ବେପାରୀ ଗିରଫ

ବାଲିଅନ୍ତା, (ସବ୍ୟୁ): ବାଳକାଟି ଫାଣ୍ଡି ରଥିଜେମା ଅଶିଘର ସାହିରେ ଜଣେ ନିଶା ବ୍ୟବସାୟୀଙ୍କ ଘର ଉପରେ ଅବକାରୀ ପୁଲିସ ଚଡଉ କରି ବିପୁଳ ପରିମାଣର ବିଦେଶୀ ମଦ ଜବତ କରିବା ସହ ଏଥିରେ ସମ୍ପୃକ୍ତି ଥିବା ବ୍ୟବସାୟୀଙ୍କୁ ଗିରଫ କରିଛି । ଗିରଫ ବ୍ୟବସାୟୀ ହେଲେ ନୃସିଂହ ଚରଣ ସାହୁ(ନୁରିଆ) । ତାଙ୍କ ଠାରୁ ଅବକାରୀ ପୁଲିସ ୩ ବସ୍ତା ମଦ ଜବତ କରିଛି । ଯାହାର ପରିମାଣ ୭୦ ରୁ ୮୦ ଲିଟର ହେବବୋଲି ଅବକାରୀ ଅଧିକାରୀ କହିଛନ୍ତି । ସେହିପରି ନୃସିଂହ ଏହି ବ୍ୟବସାୟରେ ବ୍ୟବହୃତ କରିଥିବା ସ୍କୁଟିକୁ ଜବତ କରିନାହିଁ ପୁଲିସ । ପ୍ରକାଶଥାଉକି ନୃସିଂହ ବାଳକାଟି, ରଥିଜେମା, ହୀରାପୁର ଓ ଟଙ୍କପାଣି ବଜାରରେ ନିଜ ସ୍କୁଟି ଯୋଗେ ଏହି ବ୍ୟବସାୟ କରିଥାଏ । ଏପରିକି ନିଶା ସେବନ ନିମନ୍ତେ ଅନୁସାଙ୍ଗିକ ସାମଗ୍ରୀ ଯୋଗାଇଥାଏ । ଏନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ଅଭିଯୋଗ ହେବାପରେ ଅବକାରୀ ପୁଲିସ ଘର ଉପରେ ଚଢାଉ କରି ଜବତ କରିଥିଲା





ମୁଖ୍ୟଅତିଥି ତଥା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ପରିଚାଳନା ସଂପାଦକ ରଞ୍ଜୀବ ବିଶ୍ୱାଳ



ସମ୍ବର୍ଦ୍ଧିତ ହେଉଛନ୍ତି ପ୍ରଫେସର କୁମରବର ଦାସ ଓ ବରିଷ୍ଠ ସାମ୍ବାଦିକ ମନୋରଞ୍ଜନ ଯୋଶୀ



ସମ୍ବର୍ଦ୍ଧିତ ହେଉଛନ୍ତି ଡ. ସୃତି ମହାପାତ୍ର



ସମ୍ବର୍ଦ୍ଧିତ ହେଉଛନ୍ତି ଆପୋଲୋ ହସ୍ପିଟାଲର ସିଓଓ ଡ. ଆଲୋକ ଶ୍ରୀବାସ୍ତବ



ସମ୍ବର୍ଦ୍ଧିତ ହେଉଛନ୍ତି ନେତାଜୀ ଏବଂ ଶ୍ରୀରାମ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନର ଅଧ୍ୟକ୍ଷ ବିଜନ କୁମାର ଜେନା



ସମ୍ବର୍ଦ୍ଧିତ ହେଉଛନ୍ତି ସ୍ତମ୍ଭକାର ପ୍ରହଲାଦ କୁମାର ସିଂହ

ପୁରସ୍କୃତ ସାମ୍ବାଦିକ :



ରଞ୍ଜନ ବାଗ୍ (ବାଲେଶ୍ୱର)



ଶାନ୍ତନୁ ବେହେରା (ଭବାନୀପାଟଣା)



ସୌମ୍ୟ ରଞ୍ଜନ ପଟ୍ଟନାୟକ (ବାରିପଦା)



ପ୍ରିୟଦର୍ଶନ ଶୁଭବ୍ରତ ବୋଇତି (ଭଦ୍ରକ)



ସୁବ୍ରତ କୁମାର ନାୟକ (ପାରାଦୀପ)

# ଝାଡୁଦାର ଚାକିରି ଠକେଇ ମାମଲା : ୬୨ଲକ୍ଷ ଟଙ୍କା ସହ ୨ଗିରଫ

ସମ୍ବଲପୁର,(ସବ୍ୟୁ): ସରକାରୀ ସଂସ୍ଥାରେ ମିଥା ଝାଡୁଦାର ଚାକିରି ପ୍ରଲୋଭନ ଦେଖାଇ କୋଟିକୋଟି ଟଙ୍କା ଠକେଇ ମାମଲା ଘଟଣା ପଦାକୁ ଆସିଛି। ଠକେଇ ଅଭିଯୋଗ ପରେ ବୁର୍ଲା ଥାନା ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନଙ୍କ ଠାରୁ ୬୨ଲକ୍ଷ ୧ହଜାର ଟଙ୍କା , ଏକ ଭ୍ୟାନ, ଏକ କାର, ୨ଟି ମୋବାଇଲ ଫୋନ, ଆଶାୟୀଙ୍କ ଆଧାରକାର୍ଡ, ବ୍ୟାଙ୍କ ପାସ୍‌ବୁକ୍ ଓ ଫଟୋ ଆଦି ଜବତ ହୋଇଛି। ଅଭିଯୁକ୍ତ ମାନଙ୍କୁ ପୋଲିସ ରିମାଣ୍ଡରେ ଆଣିବ ବୋଲି ସମ୍ବଲପୁର ଆରକ୍ଷୀ ଅଧିକ୍ଷକ ମୁକେଶ କୁମାର ଭାମୁ ସୂଚନା ଦେଇଛନ୍ତି। ଆରମେକ୍ସ ଇଣ୍ଟରନେସନାଲ ପ୍ରାଇଟେ ଲିମିଟେଡ ନାମକ ଏକ ସଂସ୍ଥା ରୋଜଗାର ଆଳରେ ଜଣ ପିଛା ୧୨ହଜାର ଟଙ୍କା ଆଦାୟ କରୁଥିଲା। ପ୍ରାୟ ୧ବର୍ଷ ହେବ ବିଭିନ୍ନ ଗାଁଗଣ୍ଡାକୁ ଯାଇ ସଫେଇ କର୍ମଚାରୀ ପାଇଁ ଆଶାୟୀଙ୍କୁ ଟାର୍ଗେଟ କରୁଥିଲା। ସରକାରୀ ସ୍ୱୀକୃତିପ୍ରାପ୍ତ



ଠିକା ସଂସ୍ଥା ବୋଲି ପରିଚୟ ଦେବା ସହ ନିଯୁକ୍ତି ଆଳରେ ନକଲି ଚାକିରି ବିକ୍ରି କରୁଥିଲା। ତେବେ ୨ହଜାର ବ୍ୟକ୍ତି ଅଗ୍ରୀମ ଟଙ୍କା ଦେଇ ନିଜର ନାମ ପଞ୍ଜିକୃତ କରିଥିଲେ। ସଫେଇ ସମୟର ଫଟୋ ହ୍ୱାଟଆପ ଗ୍ରୁପରେ ପୋଷ୍ଟ ମଧ କରାଯାଉଥିଲା। ଏପରିକି ସଫେଇ କର୍ମଚାରୀଙ୍କ କାର୍ଯ୍ୟ ଦିବସ ହିସାବ କରି ଦୈନିକ ୪୦୦ଟଙ୍କା ଦରମା ପ୍ରଦାନ କରାଯାଉଥିଲା।

ପ୍ରଥମ ପର୍ଯ୍ୟାୟରେ ନିଯୁକ୍ତି ପାଇଥିବା କିଛି ସଫେଇ କର୍ମଚାରୀ ଦରମା ଆକାରରେ ସେମାନଙ୍କ ଟଙ୍କା ଫେରି ପାଇଥିବା ଜଣାପଡିଛି। ଏହା ଜଣାପଡିବା ପରେ ନିଯୁକ୍ତି ପାଇଁ ଆଶାୟୀଙ୍କ ଭିଡ ଜମିଥିଲା। ଏହି ସମାବେଶରେ ଜିଲ୍ଲାପାଳ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଆଶାୟୀଙ୍କୁ କୁହାଯାଇଥିଲା। ମାତ୍ର ଜିଲ୍ଲାପାଳ ଯୋଗ ନଦେବାରୁ କିଛି ଆଶାୟୀ ଟଙ୍କା ଫେରାଇବକୁ ଦାବି କରିଥିଲେ। ଏହି ସମାବେଶ ପରିଚାଳନା କରୁଥିବା ଲୋକଙ୍କୁ ପୋଲିସ ଟ୍ରାକ୍ କରି ଥାନାକୁ ଆଣି ପଚରାଉଚରା କରିଥିଲା। ତଦନ୍ତ ବେଳେ ଏହି ମହାଘୋଟାଲା ଘଟଣା ପଦାକୁ ଆସିଛି। ଚାକିରୀ ଆଳରେ ପ୍ରାୟ ୨କୋଟି ଟଙ୍କା ଆଦାୟ କରାଯାଇଛି। ଏନେଇ ବୁର୍ଲା ଥାନା ପୋଲିସ ୪୬୪/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଛି। ତଦନ୍ତ ବେଳେ ସମ୍ବଲପୁର ସହର ବଡବଜାର ଅଞ୍ଚଳର ରାହୁଲ ରାୟ(୩୨) ଓ ବୁର୍ଲା ଥାନା ଅନ୍ତର୍ଗତ ସାତୁପାଲିର ପଦ୍ମାବତୀ ତାଣ୍ଡି(୩୪)ଙ୍କୁ ଗିରଫ କରାଯାଇଛି। ତେବେ ଏହି ଠକେଇ ସଂସ୍ଥାର ମୁଖ୍ୟ ସୌମ୍ୟ ସାହୁ ଫେରାର ଥିବା ଜଣାପଡିଛି। ବୁର୍ଲା ଏସ୍‌ଡିପିଓ ବାଲେଶ୍ୱର ବିଧି ଓ ବୁର୍ଲା ଥାନା ଅଧିକାରୀ ସୌମ୍ୟ ବଳିୟାରସିଂ ଉପସ୍ଥିତ ଥିଲେ।

# ସ୍ୱାସ୍ଥ୍ୟ ଓ ସମାଜ ସେବା ସଭିଁଙ୍କର ବ୍ରତ ହେଉ: ଶୁରେଶ ପାଣିଗ୍ରାହୀ

ଭୁବନେଶ୍ୱର (ସବ୍ୟୁ): ଏକବିଂଶ ଶତାବ୍ଦୀରେ ମଣିଷ ଯେତେ ଆଗକୁ ଗଲେ ମଧ୍ୟ ଅନେକ ମୌଳିକ ସମସ୍ୟା ଏବଂ ଆବଶ୍ୟକତା ଭିତରେ ଶିକ୍ଷା ଓ ସ୍ୱାସ୍ଥ୍ୟ ସଦା ସର୍ବଦା ସଭିଁଙ୍କ ପାଖରେ ପହଁଞ୍ଚିବା ଦରକାରବୋଲି ହାଇଟେକ୍ ଗ୍ରୁପ୍‌ର ମ୍ୟାନେଜିଙ୍ଗ ଟ୍ରଷ୍ଟି ସିଇଓ ଶୁରେଶ କୁମାର ପାଣିଗ୍ରାହୀ କହିଛନ୍ତି। ପ୍ରତିଷ୍ଠିତ ଖବର କାଗଜ ସମୟର ୨୯ତମ ସ୍ୱର୍ଣ୍ଣ କ୍ଷେତ୍ର ଦିବସରେ ମୁଖ୍ୟ ଅତିଥି ଓଡିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ, ଉଚ୍ଚଶିକ୍ଷା ଓ କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ହାଇଟେକ୍‌ର ସ୍ୱାସ୍ଥ୍ୟ ସେବାକୁ ଭୂୟଶୀ ପ୍ରଶଂସା କରିଥିବାବେଳେ ବିଶିଷ୍ଟ ସମାଜ ସେବୀ ଡ. ଶ୍ରୁତି ମହାପାତ୍ର ହାଇଟେକ୍‌ର ସମସ୍ତ ସେବାକୁ ରାଜ୍ୟ ପାଇଁ ଉତ୍ସର୍ଗୀକୃତ କହିଥିଲେ। ବିଶିଷ୍ଟ ଅର୍ଥନୀତିଜ୍ଞ ତଥା ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଡକ୍ଟର କୁମର ବର ଦାସ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ହାଇଟେକ୍‌ରେ ବୈପ୍ଳବିକ ପରିବର୍ତ୍ତନ ପାଇଁ ସାଧୁବାଦ ଜଣାଇଛନ୍ତି। ଏହି ଅବସରରେ ମ୍ୟାନେଜିଙ୍ଗ ଟ୍ରଷ୍ଟି ଶୁରେଶ କୁମାର ପାଣିଗ୍ରାହୀଙ୍କୁ ମୁଖ୍ୟ



ଅତିଥି ସୂର୍ଯ୍ୟବଂଶୀ ସୂରଜ ସମ୍ବର୍ଦ୍ଧିତ କରିଥିବାବେଳେ ଜୟଦେବ ଭବନର ସହସ୍ରାଧିକ ଦର୍ଶକଙ୍କର କରତାଳିରେ ପରିବେଶ ଆହ୍ଲାଦିତ ହେଉଥିଲା ଏବଂ ଏହି କ୍ରମରେ ଶୁରେଶ ପାଣିଗ୍ରାହୀ କହିଛନ୍ତି ଯେ, ଶିକ୍ଷା ଓ ସ୍ୱାସ୍ଥ୍ୟ ପ୍ରତ୍ୟେକଙ୍କ ଘରେ ପହଁଞ୍ଚାଇବାର ହାଇଟେକ୍ ଗ୍ରୁପ ସଦା ସର୍ବଦା ଚେଷ୍ଟା କରିବା ସହ ଏ କ୍ଷେତ୍ରରେ ସାହାଯ୍ୟ ସହଯୋଗର ହାତ ବଢାଇବା ପାଇଁ ପ୍ରତିଶୃତିବଦ୍ଧ।

# ଏନକାଉଣ୍ଟର : ଟଳିଲେ ୪ ବିହାରୀ ଅପରାଧୀ

ନୂଆଦିଲ୍ଲୀ: ବୁଧବାର ରାତିରେ ଦିଲ୍ଲୀ ପୁଲିସର ସ୍ୱତନ୍ତ୍ର ଅପରେସନରେ ୪ ବିହାରୀ ଅପରାଧୀ ନିହତ ହୋଇଛନ୍ତି । ଦିଲ୍ଲୀର ରୋହିଣୀ ଅଞ୍ଚଳରେ ଗତକାଲି ଦିଲ୍ଲୀ ପୁଲିସ କ୍ରାଇମବ୍ରାଞ୍ଚ ଏବଂ ବିହାର ପୋଲିସର ମିଳିତ ଅପରେସନରେ କୁଖ୍ୟାତ ସିଗମା ଆଣ୍ଡ କମ୍ପାନୀ ଗ୍ୟାଙ୍ଗର ୪ ସଦସ୍ୟଙ୍କ ମୃତ୍ୟୁ ହୋଇଛି । ଗୁଳି ବିନିମୟରେ ଚାରି ଜଣ ଆହତ ହୋଇଥିଲେ ଏବଂ ସେମାନଙ୍କୁ ରୋହିଣୀର ଡକଫର ବି.ଆର. ଆମ୍ବେଦକର ହସ୍ପିଟାଲକୁ ପଠାଯାଇଥିଲା, ଯେଉଁଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ । ଏଥିରେ ଗ୍ୟାଙ୍ଗ ମୁଖିଆ ରଞ୍ଜନ ପାଠକ ମଧ୍ୟ ସାମିଲ ଥିଲେ ।

ପୁଲିସ ଅନୁଯାୟୀ, ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ଏହି ଗ୍ୟାଙ୍ଗ ରାଜ୍ୟରେ ଆତଙ୍କ ସୃଷ୍ଟି କରିବାକୁ ଯୋଜନା କରୁଥିଲା କିନ୍ତୁ





ଉଭୟ ରାଜ୍ୟର ପୁଲିସ ଠାରୁ ଗୁଇନ୍ଦା ସୂଚନା ପାଇବା ପରେ ସେମାନଙ୍କ ଯୋଜନାକୁ ପଣ୍ଡ କରାଯାଇଥିଲା । ପୁଲିସ ଏନକାଉଣ୍ଟରରେ ନିହତ ଚାରି ଅପରାଧୀ ବିହାରରୁ ନେପାଳ ପର୍ଯ୍ୟନ୍ତ ସକ୍ରିୟ ଥିଲେ ଏବଂ ଅନେକ ଅପରାଧ କରିଥିଲେ । ଉଲ୍ଲେଖନୀୟ ଯେ ସିଗମା ଆଣ୍ଡ କମ୍ପାନୀ ନେତା ରଞ୍ଜନ ପାଠକ ସୀତାମାଢ଼ିରେ ଜଣେ ପ୍ରମୁଖ ବ୍ୟକ୍ତିଙ୍କ ହତ୍ୟା ପରେ ଗଣମାଧ୍ୟମକୁ ତାଙ୍କର ବାୟୋଡାଟା ପଠାଇଥିଲେ । ଏହା ବ୍ୟତୀତ, ବିହାର ପୁଲିସ ନିକଟରେ ଗ୍ୟାଙ୍ଗରୁ ଏକ ଅଡିଓ କଲ୍ ପାଇଥିଲା, ଯେଉଁଥିରେ ନିର୍ବାଚନ ହିଂସା ଘଟାଇବାର ଷଡ଼ଯନ୍ତ୍ର ପ୍ରକାଶ କରାଯାଇଥିଲା ।

ରଞ୍ଜନ ପାଠକଙ୍କ ନେତୃତ୍ୱରେ ଗ୍ୟାଙ୍ଗର ଅବଶିଷ୍ଟ ସଦସ୍ୟମାନେ ବିହାରର ସୀତାମାଢ଼ିର ଏବଂ ଜଣେ ଦିଲ୍ଲୀର ହୋଇଥିବାବେଳେ ନିହତ ଅପରାଧୀଙ୍କ ମଧ୍ୟରେ ଗ୍ୟାଙ୍ଗ ନେତା ରଞ୍ଜନ ପାଠକ (୨୫ ବର୍ଷ), ବିମଲେଶ ମାହାତୋ(୨୫ ବର୍ଷ), ମନୀଷ ପାଠକ (୩୩ ବର୍ଷ), ଅମନ ଠାକୁର (୨୧ ବର୍ଷ) ବୋଲି ଜଣାପଡିଛି । ପୁଲିସ ଅନୁଯାୟୀ, ଏହି ଗ୍ୟାଙ୍ଗ ନେପାଳ ସୀମାରୁ ଦିଲ୍ଲୀ ପର୍ଯ୍ୟନ୍ତ ବ୍ୟାପିଥିଲା ଏବଂ ବିହାରରେ ଅନେକ ଅପରାଧିକ କାର୍ଯ୍ୟ କରିଥିଲା । ଜଣାପଡ଼ିଛି ଯେ ଗ୍ୟାଙ୍ଗ ନିର୍ବାଚନ ପୂର୍ବରୁ ରାଜ୍ୟରେ ଆତଙ୍କ ସୃଷ୍ଟି କରିବାକୁ ଷଡଯନ୍ତ୍ର କରୁଥିଲା । ଦିଲ୍ଲୀ ପୋଲିସ ଏବଂ ବିହାର ପୋଲିସ ଦୀର୍ଘ ଦିନ ଧରି ଏହି ଗ୍ୟାଙ୍ଗକୁ ଖୋଜୁଥିଲା । ଗୁଇନ୍ଦା ସୂଚନା ଆଧାରରେ, ଏହି ମିଳିତ ଅଭିଯାନ ସଫଳ ହୋଇଥିଲା । ଦିଲ୍ଲୀ ପୋଲିସ ଡିସିପି (କ୍ରାଇମ୍ ବ୍ରାଞ୍ଚ) କହିଛନ୍ତି ଯେ ବାହାଦୁର ଶାହ ମାର୍ଗରେ ଡକଫର ଆମ୍ବେଦକର ଚୌକ ଏବଂ ପାନସାଲି ଚୌକ ମଧ୍ୟରେ ଖସିଯିବାକୁ ଚେଷ୍ଟା କରି ଦୁର୍ବୃତ୍ତମାନେ ଗୁଳି ଚଳାଇଥିଲେ । ପୁଲିସ ଜବାବରେ ଗୁଳି ଚଳାଇଥିଲା, ଫଳରେ ଚାରି ଜଣଙ୍କର ମୃତ୍ୟୁ ହୋଇଥିଲା ।

# ମୁନିରଙ୍କୁ ତାଲିବାନର ଖୋଲା ଚ୍ୟାଲେଞ୍ଜ

ଇସଲାମବାଦ : ପାକିସ୍ତାନ ଆର୍ମି ମୁଖ୍ୟ ଫିଲ୍ଡ ମାର୍ଶଲ ଅସିମ ମୁନିଙ୍କୁ ଓପନ ଚ୍ୟାଲେଞ୍ଜ ଦେଇଛି ତେହରିକ-ଇ-ତାଲିବାନ ପାକିସ୍ତାନ ବା ଟିଟିପି । ଗୋଟିଏ ଭିଡିଓ ଜାରି କରି ଟିଟିପିର ଜଣେ କମାଣ୍ଡର ସିଧାସଳଖ ମୁନିରଙ୍କୁ ଧମକାଇଛି । ପାକିସ୍ତାନ ଆର୍ମି ମରିବା ପାଇଁ ସୈନ୍ୟ ପଠାଇବା ବନ୍ଦ କରୁ । ସୈନ୍ୟଙ୍କ ବଦଳରେ ବରିଷ୍ଠ ଅଧିକାରୀମାନେ ନିଜେ ଯୁଦ୍ଧ କ୍ଷେତ୍ରକୁ ଆସନ୍ତୁ ବୋଲି ଟିଟିପି କହିଛି ।

ଅକେଟାବର ୮ରେ ଟିଟିପି ପକ୍ଷରୁ ଖାୟବର ପାଖତୁନଖ୍ୱାର କୁରାମ ଠାରେ କରିଥିବା ଆମ୍ବୁସର ଦୃଶ୍ୟ ଭିଡିଓରେ ରହିଛି । ଟିଟିପିର ଏହି ଆମ୍ବୁସରେ ୨୨ ଜଣ ପାକିସ୍ତାନୀ ସୈନ ନିହତ ହୋଇଥିଲେଛ ଏଥିସହ ପାକିସ୍ତାନ ସେନାର ଗୁଳିଗୋଳା ଓ ଗାଡ଼ିକୁ ଟିଟିପି ଦଖଲ କରି ନେଇଥିଲା । ଏସବୁ ଦୃଶ୍ୟ ଭିଡିଓରେ ରହିଛି । କିନ୍ତୁ ପାକିସ୍ତାନ ସରକାର ଆମ୍ବୁସରେ ୧୧ ଜଣ ସୈନ୍ୟ ପ୍ରାଣ ହରାଥିବା କହିଛନ୍ତି । ଏବେ କିନ୍ତୁ ଟିଟିପି ଭିଡିଓ ଜାରି କରି ସବୁ ମିଛର ଗୁମର ଖୋଲି ଦେଇଛି ।

ଭିଡିଓରେ ଟିଟିପି କମାଣ୍ଡର କାଜିମ



ସିଧାସଳଖ ମୁନିରଙ୍କ ଉଦ୍ଦେଶ୍ୟରେ କହୁଛି ଯେ ଯଦି ତୁମେ ଜଣେ ପୁରୁଷ, ତା'ହେଲେ ଆମକୁ ସାମ୍ନା କର ।

ଅକ୍ଟୋବର ୨୧ରେ ପାକିସ୍ତାନ ପକ୍ଷରୁ କାଜିମ ସମ୍ପର୍କରେ ତଥ୍ୟ ହାସଲ କରିବା ପାଇଁ ୧୦ କୋଟି ପାକିସ୍ତାନ ମୁଦ୍ରାର ପୁରସ୍କାର ଘୋଷଣା କରାଯାଇଥିଲା । ଏହାପରେ କାଜିମ ଭିଡିଓ ଜାରି କରି ମୁନିର ଓ ପାକିସ୍ତାନ ସେନାକୁ ଚ୍ୟାଲେଞ୍ଜ କରିଛି ।

ଟିଟିପି ଆଫଗାନିସ୍ତାନରେ ସକ୍ରିୟ ରହିଥିବାରୁ ପାକିସ୍ତାନ ନିକଟରେ ଏୟାର ଷ୍ଟ୍ରାଇକ କରିଥିଲା । ଏଥିଯୋଗୁ ଆଫଗାନର କ୍ଷମତାସୀନ ତାଲିବାନ ଓ ପାକିସ୍ତାନ ସେନା ମଧ୍ୟରେ ଜୋରଦାର ଲେଇ ହୋଇଥିଲା । ଦୀର୍ଘ ସମୟର ଲଢେଇ ପରେ ଦୁଇ ଦେଶ ମଧ୍ୟରେ ଯୁଦ୍ଧ ବିରତି ଲାଗୁ ହୋଇଛି । ତଥାପି ଟିଟିପି ପକ୍ଷରୁ ପାକିସ୍ତାନ ସେନାକୁ ଯୁଦ୍ଧ କ୍ଷେତ୍ରକୁ ଆସିବା ଆହ୍ୱାନ ଦିଆଯାଇଛି ।

# ଜଷ୍ଟିସ ସୂର୍ଯ୍ୟକାନ୍ତ ପରବର୍ତ୍ତୀ ସିଜେଆଇ

ନୂଆଦିଲ୍ଲୀ : ସୁପ୍ରିମକୋର୍ଟର ପରବର୍ତ୍ତୀ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ହେବେ ବୋଲି ସୂଚନା ମିଳିଛି । ତାଙ୍କ ନିଯୁକ୍ତି ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି । ସରକାରଙ୍କ ପକ୍ଷରୁ ପରବର୍ତ୍ତୀ ପ୍ରଧାନବିଚାରପତିଙ୍କ ନାମ ସୁପାରିଶ କରିବା ପାଇଁ ସୁପ୍ରିମକୋର୍ଟ ଚିଠି ଲେଖା ଯାଇଛି । ଆସନ୍ତା ନଭେମ୍ବର ୨୩ରେ ବର୍ତ୍ତମାନର ପ୍ରଧାନବିଚାରପତି ବିଆର ଗଭାଇ ଅବସର ଗ୍ରହଣ କରିବେ । ରିପୋର୍ଟ ଅନୁଯାୟୀ ପ୍ରଧାନବିଚାରପତି ବିଆର ଗଭାଇଙ୍କୁ ସରକାରଙ୍କ ପକ୍ଷରୁ ଚିଠି ଲେଖାଯାଇ ଆସନ୍ତାକାଲି ସୁଧା ତାଙ୍କ ଉତ୍ତରାଧିକାରୀ ଚୟନ ପାଇଁ ଅନୁରୋଧ କରାଯାଇଛି । କେନ୍ଦ୍ର ଆଇନମନ୍ତ୍ରଣାଳୟ ପକ୍ଷରୁ ଲେଖାଯାଇଥିବା ଚିଠିରେ ପ୍ରଧାନବିଚାରପତି ତାଙ୍କ ପରବର୍ତ୍ତୀ ଉତ୍ତରାଧିକାରୀଙ୍କ ନିଯୁକ୍ତି ଲାଗି ସୁପାରିଶ କରିବେ । ବର୍ତ୍ତମାନର ପ୍ରଧାନବିଚାରପତିଙ୍କ ପରେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ହେଉଛନ୍ତି ସୁପ୍ରିମକୋର୍ଟର ବରିଷ୍ଠ ବିଚାରପତି । ନିଯୁକ୍ତି ପ୍ରକ୍ରିୟା ଶେଷ ହେଲା ପରେ ଜଷ୍ଟିସ ସୂର୍ଯ୍ୟକାନ୍ତ ନଭେମ୍ବର ୨୪ରେ ଦାୟିତ୍ୱ ଗ୍ରହଣ କରିବେ । ତାଙ୍କ କାର୍ଯ୍ୟକାଳ ଅନୁନ୍ୟ ୧୫ ମାସ ରହିବ । ୨୦୨୭ ଫେବୃଆରୀ ୯ ପର୍ଯ୍ୟନ୍ତ ସେ ଦୟିତ୍ୱରେ ରହିବେ ବୋଲି ଜଣାପଡିଛି ।




# ତେଜସ୍ୱୀ ବିରୋଧୀ ମେଣ୍ଟର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ

ନୂଆଦିଲ୍ଲୀ : ବ୍ୟାପକ ଆଲୋଚନ ଓ ପର୍ଯ୍ୟାଲୋଚନା ପରେ ବିହାର ବିଧାନସଭା ନିର୍ବାଚନ ଲାଗି ମହାଗଠବନ୍ଧନର ଆସନ ବୁଝାମଣା ଚୂଡାନ୍ତ ହୋଇଛି । କେବଳ ଆସନ ବୁଝାମଣା ଚୂଡାନ୍ତ ହୋଇନାହିଁ ବରଂ ମହାଗଠବନ୍ଧନର ମୁଖ୍ୟମନ୍ତ୍ରୀ ଚେହେରା ଭାବେ ଆରଜେଡି ନେତା ତେଜସ୍ୱୀ ଯାଦବ ଓ ଉପମୁଖ୍ୟମନ୍ତ୍ରୀ ଚେହେରା ଭାବେ ବିକାଶଶୀଳ ଇନସାନ ପାର୍ଟିର ମୁଖ୍ୟ ମୁକେଶ ସାହାଣୀଙ୍କ ନାମ ଘୋଷଣା କରାଯାଇଛି । ଏହାଛଡା ନିର୍ବାଚନ ପରେ ଅନ୍ୟତମ ଉପମୁଖ୍ୟମନ୍ତ୍ରୀ ପଦବୀ ପାଇଁ ନାମ ବିଚାର କରାଯିବ ବୋଲି ମହାଗଠବନ୍ଧନର ନେତାମାନେ ସୂଚନା ଦେଇଛନ୍ତି ।

ମହାଗଠବନ୍ଧନରେ ଆସନ ବୁଝାମଣା ଲାଗି ଟଣାଓଟରା ଲାଗି ରହିଥିଲା । ପ୍ରାୟ ୧୨ରୁ ଅଧିକ ଆସନରେ ମହାଗଠବନ୍ଧନରେ ସାମିଲ ହୋଇଥିବା ଦଳ ଗୁଡିକ ପରସ୍ପର ବିରୁଦ୍ଧରେ ପ୍ରାର୍ଥୀ ଦେଇଥିଲେ । ଶେଷ ମୁହୂର୍ତ୍ତରେ ବିରୋଧୀ ମେଣ୍ଟ ଇଣ୍ଡିଆକୁ ମଜବୁତ କରିବା ଲାଗି କଂଗ୍ରେସ ନେତା ରାହୁଲ ଗାନ୍ଧି ହସ୍ତକ୍ଷେପ କରିଥିଲେ । ତାଙ୍କ ପ୍ରତିନିଧି ଭାବେ ରାଜସ୍ଥାନର ପୂର୍ବ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ବିହାର ଯାଇଥିଲେ । ସବୁ ଦଳର ନେତାଙ୍କ ସହ ଆଲୋଚନା କରି ନିଷ୍ପତ୍ତିକୁ ଚୂଡାନ୍ତ କରିଥିଲେ । ନିଷ୍ପତ୍ତି ଚୂଡାନ୍ତ ହେବାପରେ ମହାଗଠବନ୍ଧନ ପକ୍ଷରୁ ଏକ ମିଳିତ ସାମ୍ବାଦିକ ସମ୍ମିଳନୀ କରାଯାଇଥିଲା । ଏଥିରେ



ଗଠବନ୍ଧନରେ ଥିବା ସବୁ ଦଳ ଉପସ୍ଥିତ ଥିଲେ । ଅଶୋକ ଗେହଲଟ କହିଥିଲେ ଯେ, ତେଜସ୍ୱୀ ହେଉଛନ୍ତି, ଜଣେ ଯୁବକ ଓ ପ୍ରମୁଖ ନେତା । ଆମର ବିଶ୍ୱାସ ଯେ ସେ ସମସ୍ତଙ୍କ ଆଶାଆକାଂକ୍ଷାକୁ ପୂରଣ କରିବେ । ସେହିଭଳି ଉପମୁଖ୍ୟମନ୍ତ୍ରୀ ଚେହେରା ଭାବେ ଘୋଷଣା କରାଯାଇଛି । ତେବେ ଏହି ସାମ୍ବାଦିକ ସମ୍ମିଳନୀରେ ଆସନ ବୁଝାମଣା ନେଇ କୌଣସି ଘୋଷଣା ହୋଇନାହିଁ । ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଆସନ୍ତା ୨୮ ତାରିଖରେ ଇଣ୍ଡିଆ ବ୍ଲକର ମିଳିତ ଇସ୍ତାହାର ପ୍ରକାଶ ପାଇବ । ତେବେ କିଛି ଆସନରେ ବନ୍ଧୁତ୍ୱପୂର୍ଣ୍ଣ ଲଢ଼େଇ ନେଇ କଥା ଉଠିବାରୁ ଆସନ ବୁଝାମଣା ଉପରେ ଅଚଳାବସ୍ଥା ସୃଷ୍ଟି ହୋଇଥିଲା । ।

ଗଣମାଧ୍ୟମକୁ ତେଜସ୍ୱୀ କହିଥିଲେ ଯେ ସେ ମହାଗଠବନ୍ଧନର ସବୁ ନେତାଙ୍କୁ ଧନ୍ୟବାଦ ଦେଉଛନ୍ତି । ବିଶେଷକରି କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧି, ରାହୁଲ ଗାନ୍ଧି ଓ ମଲ୍ଲିକାର୍ଜୁନ ଖଡଗେ ତାଙ୍କ ଉପରେ ବିଶ୍ୱାସପ୍ରକଟ କରିଥିବାରୁ ସେ ଧନ୍ୟବାଦ ଦେଉଛନ୍ତି । ମୁଁ କେବଳ ଏକୁଟିଆ ମୁଖ୍ୟମନ୍ତ୍ରୀ ନୁହେଁ । ବିହାରର ସମସ୍ତେ ଏବେ ଚେଞ୍ଜ ମେକର ବୋଲି ସେ କହିଥିଲେ । ଏନଡିଏ ଏପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ଚେହେରା ଘୋଷଣା କରିନାହୁଁ । ଆମେ ପ୍ରଥମରୁ କହିଛୁ ନୀତିଶ କୁମାରଙ୍କୁ ବିଜେପି ମୁଖ୍ୟମନ୍ତ୍ରୀ କରିବାକୁ ଚାହୁଁ ନାହୁଁ । ବିଜେପି ଏବେ ଆଞ୍ଚଳିକ ଦଳ ଗୁଡିକୁ ଶେଷ କରିବାକୁ ଚାହୁଁଛି । ଅଶୋକ ଗେହଲଟ ମଧ୍ୟ ଏନଡିଏର ମୁଖ୍ୟମନ୍ତ୍ରୀ ଚେହେରା ବୋଲି ପ୍ରଶ୍ନ ଉଠାଇଥିଲେ । ମହାରାଷ୍ଟ୍ରରେ ଏକନାଥ ସିନ୍ଦେଙ୍କ ନେତୃତ୍ୱରେ ଏନଡିଏ ନିର୍ବାଚନ ଲଢ଼ିଲା । ହେଲେ ବିଜେପିର ଦେବେନ୍ଦ୍ର ଫଡନାଭିସ ମୁଖ୍ୟମନ୍ତ୍ରୀ ହେଲେ । ତେବେ ବିଜେପିର ବିହାର ମିଡିଆ ଇନଚାର୍ଜ ସୋସିଆଲ ମିଡିଆରେ ଉଲ୍ଲେଖ କରିଛନ୍ତି ଯେ ବିରୋଧୀ ମେଣ୍ଟ ମଧ୍ୟରେ ଚାଲିଥିବା ଅନ୍ତକନ୍ଧଳ ଏବେ ସାମ୍ନାକୁ ଆସିଛି । ପୂର୍ବରୁ ରାହୁଲ ଗାନ୍ଧି ତେଜସ୍ୱୀ ଯାଦବଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ବିଚାର କରୁନଥିଲେ । ତେଜସ୍ୱୀ ତାଙ୍କ ପୋଷ୍ଟରରୁ ରାହୁଲ ଗାନ୍ଧିଙ୍କ ଫଟୋ ହଟାଇ ଦେଇଥିଲେ ।

## ଛଟ୍ ପୂଜା ପାଇଁ ଷ୍ଟେସନରେ ଭିଡ

ସୁରଟ: ଗୁଜୁରାଟ ସୁରଟର ଉଧନା ରେଳ ଷ୍ଟେସନରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି । ପ୍ରାୟ ୬ ହଜାରରୁ ଅଧିକ ଯାତ୍ରୀ ଉଧନା ଷ୍ଟେସନରୁ ବିହାର ଏବଂ ପୂର୍ବ ଭାରତକୁ ଯାଉଥିବା ଟ୍ରେନରେ ଚଢିବା ପାଇଁ ଷ୍ଟେସନ ମୁହାଁ ହୋଇଛନ୍ତି । ଆଉ ଏହି ଭିଡ ଏତେ ବଢି ଯାଇଛି ଯେ ପ୍ରାୟ ୧ କିଲୋମିଟର ଯାଏଁ ଲମ୍ବା ଧାଡ଼ିରେ ଠିଆ ହୋଇଛନ୍ତି ଲୋକେ ।ଆଗକୁ ଛଟ ପୂଜା ଥିବାରୁ ଲୋକେ କର୍ମ କ୍ଷେତ୍ରରୁ ଘରକୁ ଯାଉଛନ୍ତି । ଛଟ ପୂଜା ସହ ଆଗାମୀ ଦିନରେ ବିହାର ନିର୍ବାଚନ ଥିବାରୁ ଏକାଠିରେ ଛୁଟି କାଟିବାକୁ ଲୋକେ ଘର ମୁହାଁ ହୋଇଥିବା ବେଳେ ଏ ଭିଡ଼ ହଠାତ ବଢିଯାଇଛି । ତେବେ ଘଣ୍ଟେ କି ଦୁଇ ଘଣ୍ଟା ନୁହେଁ ପ୍ରାୟ ୧୦ ଘଣ୍ଟା କେହି କେହି ଧାଡିରେ ଛିଡା ହେବା ପରେ ଷ୍ଟେସନରେ ପହଞ୍ଚିବାକୁ ସକ୍ଷମ ହୋଇଛନ୍ତି । ହଜାର ହଜାର ଲୋକ ପରିବାର ସହିତ ଘରକୁ ଯାଉଥିବା ବେଳେ ନାହିଁ ନଥିବା ଭିଡରେ ଫସି ହନ୍ତସନ୍ତ ହୋଇଛନ୍ତି ।

# ଦୀନଦୟାଲ ଅନ୍ତ୍ୟୋଦୟ ଯୋଜନା : ୪.୬ କୋଟି ମହିଳା ଚାଷୀ ଉପକୃତ

ନୂଆଦିଲ୍ଲୀ : ଦୀନଦୟାଲ ଅନ୍ତ୍ୟୋଦୟ ଯୋଜନା - ଜାତୀୟ ଗ୍ରାମୀଣ ଜୀବିକା ମିଶନ (ଡିଏୱାଇ-ଏନଆରଏଲଏମ) ହେଉଛି ଭାରତ ସରକାରଙ୍କ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ଏକ ପ୍ରମୁଖ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ । ଏହା ଗରିବ ପରିବାରଗୁଡ଼ିକୁ ଲାଭଦାୟକ ଆତ୍ମନିଯୁକ୍ତି ଏବଂ ଦକ୍ଷ ମଜୁରି ନିଯୁକ୍ତି ସୁଯୋଗ ପାଇବାକୁ ସକ୍ଷମ କରି ଦାରିଦ୍ର୍ୟ ହ୍ରାସ କରିବା ପାଇଁ କାର୍ଯ୍ୟକାରୀ କରାଯାଉଛି ଯାହା ଫଳରେ ଗରିବ ଲୋକଙ୍କ ପାଇଁ ସ୍ଥାୟୀ ଏବଂ ବିବିଧ ଜୀବିକା ବିକଳ୍ପ ସୃଷ୍ଟି କରାଯାଇପାରିବ । ଡିଏୱାଇ-ଏନଆରଏଲଏମ ଗ୍ରାମୀଣ ଗରିବ ପରିବାରଗୁଡ଼ିକୁ ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି)ରେ ସାମିଲ କରିବା ସହ ସେମାନଙ୍କୁ ଆର୍ଥିକ କାର୍ଯ୍ୟକଳାପ ପାଇଁ ନିରନ୍ତର ପ୍ରୋତ୍ସାହିତ ଓ ସମର୍ଥନ କରୁଛି । ଏହାଦ୍ୱାରା ସେମାନେ ଦାରିଦ୍ର୍ୟରୁ ମୁକ୍ତ ହେବା ସହିତ ନିଜର ଆୟ ବୃଦ୍ଧି କରିପାରୁଛନ୍ତି ।

ଡିଏୱାଇ-ଏନଆରଏଲଏମ ଗରିବ, ବିଶେଷକରି ମହିଳାମାନଙ୍କ ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି) ଭଳି ଦୃଢ଼ ପ୍ରତିଷ୍ଠାନ ଗଠନ କରିବାକୁ ଏବଂ ଏହି ପ୍ରତିଷ୍ଠାନଗୁଡ଼ିକୁ ବିଭିନ୍ନ ଆର୍ଥିକ ସେବା ଏବଂ ଜୀବିକା ପାଇବାକୁ ସକ୍ଷମ କରିବାକୁ ପ୍ରୋତ୍ସାହିତ କରେ । ଏହି ସଂସ୍ଥାଗୁଡ଼ିକ ସେମାନଙ୍କୁ ସେମାନଙ୍କର ଜୀବିକାକୁ ବିବିଧ କରିବା, ଆୟ ବୃଦ୍ଧି କରିବା ଏବଂ ଜୀବନର ଗୁଣବତ୍ତା ଉନ୍ନତ କରିବା ପାଇଁ ଦୀର୍ଘକାଳୀନ ସହାୟତା ପ୍ରଦାନ କରନ୍ତି । ମିଶନର ଅଧିକାଂଶ ହସ୍ତକ୍ଷେପ ଏସଏଚଜି ଲାଗି ସୁବିଧା ଦେଇଥାଏ ।

ଏହି ଯୋଜନାରେ ବର୍ତ୍ତମାନ ସୁଦ୍ଧା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ୧୧ ଲକ୍ଷ କୋଟି ଟଙ୍କାର ଆନୁଷ୍ଠାନିକ ଋଣ ପ୍ରଦାନ କରାଯାଇଛି । ଉଲ୍ଲେଖନୀୟ ଲକ୍ଷ ଉଦ୍ୟୋଗକୁ ସମର୍ଥନ ଯୋଗାଇ ଦିଆଯାଇଛି ।ଡିଏୱାଇ-ଏନଆରଏଲଏମ ୨୮ଟି ରାଜ୍ୟ ଏବଂ ୬ଟି କେନ୍ଦ୍ରଶାସିତ ପ୍ରଦେଶର ୧୦.୦୫ କୋଟି ଗ୍ରାମୀଣ ମହିଳା ପରିବାରକୁ ୯୦.୯୦ ଲକ୍ଷରୁ ଅଧିକ ସ୍ୱୟଂ



ମହିଳାମାନେ ନିଜେ କାର୍ଯ୍ୟକାରୀ କରୁଛନ୍ତି ଏବଂ ବୃଦ୍ଧି କରୁଛନ୍ତି ଯେଉଁମାନଙ୍କୁ ସମ୍ପ୍ରଦାୟ ସମ୍ବଳ ବ୍ୟକ୍ତି (ସିଆରପି) ଯଥା କୃଷି ସଖୀ, ପଶୁ ସଖୀ, ବ୍ୟାଙ୍କ ସଖୀ, ବୀମା ସଖୀ, ବ୍ୟାଙ୍କିଂ କରେସପଣ୍ଡେଣ୍ଟ ସଖୀ, ଇତ୍ୟାଦି ଭାବେ ତାଲିମ ଦିଆଯାଇଛି । ଏହି ଯୋଜନା ଆନୁଷ୍ଠାନିକ ଋଣ, ଜୀବିକା ସୁଦୃଢ଼ିକରଣ, ହକ୍ ଏବଂ ସାର୍ବଜନୀନ ସେବା ଉପଲବ୍ଧତା ବିଷୟ ହେଉଛି ୯୮ ପ୍ରତିଶତ ଋଣଗ୍ରହିତା ଋଣ ପରିଶୋଧ କରିଛନ୍ତି । ଡିଏୱାଇ-ଏନଆରଏଲଏମ "ମହିଳା କିଷାନ' ଭାବେ ୪.୬୨ କୋଟି ମହିଳା ଚାଷୀଙ୍କୁ ପ୍ରୋତ୍ସାହିତ କରିଛି । ସେହିପରି ୩.୫ ଲକ୍ଷ ପଶୁସଖୀ ଓ କୃଷିସଖୀଙ୍କୁ ପ୍ରୋତ୍ସାହନ ଦିଆଯାଇଛି । ଷ୍ଟାର୍ଟଅପ୍ ଗ୍ରାମ ଉଦ୍ୟୋଗ ବିକାଶ କାର୍ଯ୍ୟକ୍ରମରେ ୨୮୨ ଲକ୍ଷ ବ୍ଲକରେ ୩.୭୪ ସହାୟକ ଗୋଷ୍ଠୀରେ ସଂଗଠିତ କରିଛି । ୬ ହଜାରରୁ ଅଧିକ କୃଷି କ୍ଲଷ୍ଟର ବିକଶିତ କରାଯାଇଛି । ୧.୯୫ ଲକ୍ଷ ଉତ୍ପାଦକ ଗୋଷ୍ଠୀ ଦ୍ୱାରା ୫୦ ଲକ୍ଷ ଗ୍ରାମୀଣ ମହିଳା ଲାଭ ପାଇଛନ୍ତି । ଏସଏଚଜିଗୁଡ଼ିକୁ ସହଜ ବ୍ୟାଙ୍କ ଋଣ ଯୋଗାଇ ଦେବା ପାଇଁ ବ୍ୟାଙ୍କଗୁଡ଼ିକ ଦ୍ୱାରା ୪୭,୯୫୨ ବ୍ୟାଙ୍କ ସଖୀ ନିୟୋଜିତ ହୋଇଛନ୍ତି ।

# ରାଷ୍ଟ୍ରପତିଙ୍କ ଐତିହାସିକ ଶବରୀମାଳା ଗସ୍ତ

ଶବରୀମାଳା: ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କେରଳର ପବିତ୍ର ଶବରୀମାଳା ଶ୍ରୀ ଆୟାପ୍ପା ମନ୍ଦିରରେ ପ୍ରବେଶ କରି ଇତିହାସ ରଚିଛନ୍ତି । ୬୭ ବର୍ଷୀୟ ରାଷ୍ଟ୍ରପତି ମୁର୍ମୁ ଏହା ଦ୍ୱାରା ଭାରତର ପ୍ରଥମ ମହିଳା ରାଷ୍ଟ୍ରପତି ଭାବେ ଏହି ପବିତ୍ର ତୀର୍ଥସ୍ଥଳରେ ପ୍ରାର୍ଥନା କରିଛନ୍ତି । କେରଳକୁ ୪ ଦିନିଆ ଗସ୍ତରେ ଥିବା ରାଷ୍ଟ୍ରପତି ମୁର୍ମୁ ପାରମ୍ପରିକ ଭାବେ ଭଗବାନ ଆୟାପ୍ପାଙ୍କୁ ପୂଜା କରିଥିଲେ । ପଶ୍ଚିମଘାଟରେ ଅବସ୍ଥିତ ଶବରୀମାଳା ଭଗବାନ ଆୟାପ୍ପାଙ୍କ ପ୍ରମୁଖ ତୀର୍ଥସ୍ଥଳ । ଏହି ମନ୍ଦିରରେ ୧୦ରୁ ୫୦ ବର୍ଷ ବୟସର ମହିଳାମାନଙ୍କୁ ପ୍ରବେଶ ନିଷେଧ ଥିଲା । ୨୦୧୮ ରେ ସୁପ୍ରିମକୋର୍ଟଙ୍କ ଐତିହାସିକ ନିର୍ଦ୍ଦେଶ ଦ୍ୱାରା ଏହି ନିୟମ ରଦ୍ଦ ହୋଇଥିଲା ଏବଂ ଏକ ନୂଆ ଅଧ୍ୟାୟ ଆରମ୍ଭ ହୋଇଥିଲା । ରାଷ୍ଟ୍ରପତି ମୁର୍ମୁଙ୍କ ଯାତ୍ରା



ଏହାର କୌଣସି ପରମ୍ପରା ଭାଙ୍ଗିନାହିଁ ବରଂ ଶତାବ୍ଦୀପୁରୁଣା ରୀତିନୀତି ସହ ଆଧୁନିକ ଗ୍ରହଣୀୟତାର ଏକ ପ୍ରତୀକାତ୍ମକ ମୁହୂର୍ତ୍ତ ସୃଷ୍ଟି କରିଛି । ଏହା ଭକ୍ତି ଓ ଏକତାର ବାର୍ତ୍ତା ଦେଇଛି । ଗୁରୁବାର ପୂର୍ବାହ୍ନ ୧୧ଟାପରେ ରାଷ୍ଟ୍ରପତି ମନ୍ଦିରରେ ପହଞ୍ଚିବା ପରେ ପ୍ରଥମେ ଗଣପତି ମନ୍ଦିରରେ ପ୍ରାର୍ଥନା କରିଥିଲେ ।

## ବାରାଣସୀରେ ଇଣ୍ଡିଗୋ ବିମାନର ଜରୁରୀ ଅବତରଣ

ନୂଆଦିଲ୍ଲୀ: କୋଲକାତାରୁ ଶ୍ରୀନଗରକୁ ଉଡ଼ାଣ କରୁଥିବା ଏକ ଇଣ୍ଡିଗୋ ବିମାନ ଗୁରୁବାର ଉତ୍ତରପ୍ରଦେଶର ବାରାଣସୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ଜରୁରୀ ଅବତରଣ କରିଛି । ବିମାନରୁ ଇନ୍ଧନ ଲିକ୍ ହେଉଥିବା ଜଣାପଡ଼ିବା ପରେ ସମସ୍ତ ୧୬୬ ଯାତ୍ରୀ ଏବଂ ବିମାନ କର୍ମଚାରୀଙ୍କୁ ସୁରକ୍ଷିତ ଭାବେ ବିମାନରୁ ବାହାର କରାଯାଇଛି । କର୍ତ୍ତୃପକ୍ଷ ସ୍ପଷ୍ଟ କରିଛନ୍ତି ଯେ ସ୍ଥିତି ଏବେ ନିୟନ୍ତ୍ରଣାଧୀନ ରହିଛି ଏବଂ ବିମାନବନ୍ଦରରେ ସ୍ୱାଭାବିକ ଅପେରସନ୍ ଆରମ୍ଭ ହୋଇଛି । ଏଲ୍‌ବିଏସ୍ଆଇ ବିମାନବନ୍ଦର ନିର୍ଦ୍ଦେଶକ ପୁନୀତ ଗୁପ୍ତା କହିଛନ୍ତି, ଇଣ୍ଡିଗୋ ଏୟାରଲାଇନ୍ସର ଫ୍ଲାଇଟ୍ ନମ୍ବର ୧୯୬୧ କୋଲକାତାରୁ ଶ୍ରୀନଗର ଅଭିମୁଖେ ଉଡ଼ାଣ କରୁଥିବାବେଳେ ପାଇଲଟ ବିମାନରେ ଇନ୍ଧନ ଲିକ୍ ହେଉଥିବା ଜାଣିବାକୁ ପାଇଥିଲେ ଏବଂ ତୁରନ୍ତ ଏଟିସି (ଏୟାର ଟ୍ରାଫିକ୍ କଣ୍ଟ୍ରୋଲ) ସହ ଯୋଗାଯୋଗ କରି ଜରୁରୀ ଅବତରଣ ପାଇଁ ଅନୁମତି ଦେବାକୁ ଅନୁରୋଧ କରିଥିଲେ । ଅନୁମତି ମିଳିବା ପରେ ବିମାନ ଅପରାହ୍ନ ୪ଟା ସମୟରେ ରନୱେରେ ଅବତରଣ କରିଥିଲା ।

# ହିଟାଚି ପେମେଣ୍ଟ ସହ ଆକ୍ସିସ୍‌ର ବୁଝାମଣା

ମୁମ୍ବାଇ : ଭାରତର ଅନ୍ୟତମ ସର୍ବବୃହତ୍ ଘରୋଇ ବ୍ୟାଙ୍କ ଆକ୍ସିସ୍ ବ୍ୟାଙ୍କ ପକ୍ଷରୁ ଏକ୍ସପ୍ରେସ୍ ବ୍ୟାଙ୍କିଂ'ର ଶୁଭାରମ୍ଭ କରିବା ପାଇଁ ହିଟାଚି ପେମେଣ୍ଟ ସର୍ଭିସେସ୍ ସହ ସହଯୋଗିତା ସ୍ଥାପନ କରାଯାଇଛି । ଏହା ହେଉଛି ଦେଶର ପ୍ରଥମ ଡିଜିଟାଲ୍ ବ୍ୟାଙ୍କିଂ ପଏଣ୍ଟ । ଏହି ଅଭିନବ ଓମନି ଚ୍ୟାନେଲ ବ୍ୟବସ୍ଥାରେ ଛୋଟ ଆକାରରେ ବ୍ୟାପକ ବ୍ୟାଙ୍କିଂସେବା ପ୍ରଦାନ କରି ଶାଖା ବ୍ୟାଙ୍କ ସେବାରେ ବୈପ୍ଳବିକ ପରିବର୍ତନ ଅଣାଯାଇଛି । ବ୍ୟାଙ୍କିଂ ପ୍ରଯୁକ୍ତି ଓ ସମାଧାନରେହିଟାଚି ପେମେଣ୍ଟ ସର୍ଭିସେସ୍‌ର ରହିଥିବା ବିଶେଷତାକୁ ଉପଯୋଗ କରି ଏହି ଡିଜିଟାଲ ବ୍ୟାଙ୍କିଂ ପଏଣ୍ଟ ଗ୍ରାହକଙ୍କପାଇଁ ସୁବିଧା ବଢ଼ାଇବ । ଏକ୍ସପ୍ରେସ୍ ବ୍ୟାଙ୍କିଂରେ କିଛି ସେବାକୁ ଗ୍ରାହକଙ୍କୁ ସୁହାଇବା ଭଳି ଛୋଟ ଡିଜିଟାଲ ଲବି ଆକାରରେ ପ୍ରଦାନ କରାଯିବ

ଯାହାକୁ ଗ୍ରାହକମାନେ ନିଜେ କିମ୍ବା କାହାର ସହାୟତାରେ ବ୍ୟବହାର କରିପାରିବେ । ଏକ୍ସପ୍ରେସ ବ୍ୟାଙ୍କିଂ ୨୪/୭କୁ ଗ୍ରାହକମାନେ ପରିଦର୍ଶନ କରି ନୂଆ ଶାଖା ଖୋଲିବା, ତତ୍କାଳ କାର୍ଡ ପାଇବା, ଫିକ୍ସ ଡିପୋଜିଟ ଖୋଲିବା, ଋଣ ପାଇଁଆବେଦନ କରିବା, ୟୁଟିଲିଟି ବିଲ୍ ପେମେଣ୍ଟ କରିବା ଆଦି ସେବା ପାଇପାରିବେ । ଏଥିରେ କାର୍ଡ ପ୍ରିଂଟର, ଚେକଜମା ବ୍ୟବସ୍ଥା, ପାସବୁକ ପ୍ରିଂଟର ଓ ଏନଏଫସି ଦକ୍ଷତା ଭଳି ସୁବିଧା ମଧ୍ୟ ରହିଛି ।ପାରମ୍ପରିକ ବ୍ୟାଙ୍କିଂର ସୁରକ୍ଷା ଏବଂ ଡିଜିଟାଲ ନବସୃଜନର ସ୍ପିଡ୍ ଓ ଦକ୍ଷତାକୁ ଉପଯୋଗ କରି ଏହି ଡିଜିଟାଲ ବ୍ୟାଙ୍କିଂ ପଏଣ୍ଟ ସଦ୍ୟତମ ସୁରକ୍ଷା ଓ ଅନୁକୂଳ ବ୍ୟବହାରକାରୀ ଇଣ୍ଟରଫେସ ସହିତ ଗ୍ରାହକ ସେବାରେ ଉନ୍ନତି ଆଣିବ ।ଛୋଟ ଓ ନମନୀୟ



ବ୍ୟବସ୍ଥା ହୋଇଥିବାରୁ ଏହାକୁ ସହର କେନ୍ଦ୍ର, ଗ୍ରାମାଞ୍ଚଳ, କମ୍ୟୁନିଟି ହବ, କର୍ପୋରେଟ ପାର୍କ,ହସ୍ପିଟାଲ ଓ ବିଶ୍ୱବିଦ୍ୟାଳୟ ଆଦିରେ କମ୍ ସ୍ଥାନରେ ଏବଂ ଶୀଘ୍ର ସ୍ଥାପନ କରାଯାଇପାରିବ ।

# ଆତ୍ମସମର୍ପଣ କଲେ ୫୦ ମାଓବାଦୀ

ରାୟପୁର : ଛତିଶଗଡ଼ରେ ମାଓବାଦୀ ସଂଗଠନ ଭୁଶୁଡ଼ିବାରେ ଲାଗିଛି । ଚଳିତ ମାସରେ ଲଗାତାର ମହାରାଷ୍ଟ୍ରର ଗଡଚିରୋଲି ଏବଂ ବସ୍ତରରେ ୩୦୦ ନକ୍ସଲଙ୍କର ଆତ୍ମସମର୍ପଣ ସଂଗଠନକୁ ଦୋହଲାଇ ଦେଇଥିବା ବେଳେ ପୁଣି ଏହି କ୍ରମରେ ୫୦ ନକ୍ସଲ ଆତ୍ମସମର୍ପଣ କରିଛନ୍ତି । ଏମାନଙ୍କ ନେତୃତ୍ୱ ନେଇଥିଲେ କେନ୍ଦ୍ରୀୟ କମିଟି ମେମ୍ବର ରାମଧର ଓରଫ ମାଝି ଦେବେ ।

ସୂଚନାଯୋଗ୍ୟ, ରାମଧର ନାମରେ ସରକାର ୫୦ ଲକ୍ଷ ଟଂକାର ପୁରସ୍କାର ଘୋଷଣା କରିଥିଲେ । ପୁଖାଞ୍ଜର ଜିଲ୍ଲାର ମହଲା କ୍ୟାମ୍ପରେ ଏହି ନକ୍ସଲମାନେ ଆଜି ସକାଳେ ଆତ୍ମସମର୍ପଣ କରିଛନ୍ତି । ସଂଗଠନର ସିସି ମେମ୍ବରମାନେ ନିଜର ଚିନ୍ତାଧାରାକୁ ଆଗକୁ ନେଇ ମୁଖ୍ୟସ୍ରୋତରେ ସାମିଲ ହେବା ପରେ ସେମାନଙ୍କର ପଥକୁ ଅନୁସରଣ କରିଛନ୍ତି ଅନ୍ୟ ନକ୍ସଲମାନେ । ତେବେ ହାତଗଣତି ଆଉ ୩ ଶହରୁ ୪ ଶହ ନକ୍ସଲ ଛତିଶଗଡରେ ରହିଥିବା ବେଳେ ୫ରୁ ୭ ଜଣ ସିସି ମେମ୍ବର ରହିଛନ୍ତି । ଛତିଶଗଡ଼ରେ ପୁଣି ନକ୍ସଲ ସଂଗଠନକୁ ବୃଦ୍ଧି କରିବା ପାଇଁ ଝାଡ଼ଖଣ୍ଡ, ତେଲଙ୍ଗାନା ଓ ଆନ୍ଧ୍ରପ୍ରଦେଶରୁ ନକ୍ସଲଙ୍କୁ ଅଣାଯାଉଥିବା କୁହାଯାଇଛି



। ଲଗାତାର ସଂଗଠନରୁ କ୍ୟାଡର ନକ୍ସଲମାନେ ମୁଖ୍ୟସ୍ରୋତରେ ସାମିଲ ହେବା ପରେ କେନ୍ଦ୍ରୀୟ ସମିତି ହଡବଡେଇ ପ୍ରେସ୍ ବିଜ୍ଞପ୍ତି ଜାରି କରି ଏମାନଙ୍କୁ ସଂଗଠନରୁ ବହିଷ୍କୃତ କରାଯାଇଥିବା ସଫେଇ ଦେଇଛନ୍ତି । ଆସନ୍ତା ମାର୍ଚ୍ଚ ୨୦୨୬ ସୁଦ୍ଧା ଦେଶରୁ ନକ୍ସଲ ମୂଳପୋଛ ହେବା ନେଇ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଯେଉଁ ଚରମ ବାଣୀ ଶୁଣାଇଛନ୍ତି ତାହା ସତ ହେବାକୁ ଲାଗିଛି । କେନ୍ଦ୍ରୀୟ କମିଟି ରୁପେଶ ଓ ଭୁପତିଙ୍କ ଆତ୍ମସମର୍ପଣ ସଂଗଠନକୁ ବେଶି ବାଧିଛି । ଏମାନେ ହିଁ ସଂଗଠନକୁ ଆଗକୁ ବଢିବାରେ ସମସ୍ତ ପ୍ରକାର ବ୍ଲୁ ପ୍ରିଣ୍ଟ ତିଆରି କରୁଥିଲେ । ଏବେ ଯେଉଁ ସିସି ମେମ୍ବରମାନେ ରହିଛନ୍ତି ସେମାନେ ନିଷ୍ପତ୍ତି ନେବାରେ ସିଦ୍ଧ ହସ୍ତ ନଥିବା କୁହାଯାଇଛି । ତେଣୁ ଜୀବନକୁ ନହାରି ବାକି ଜୀବନ ପରିବାର ଲୋକଙ୍କ ସହ ଖୁସିରେ କଟାଇବାକୁ ଚାହୁଁଥିବା ଏମାନେ କହିଥିଲେ ।

# ୧୭ ବର୍ଷ ପରେ ଆଡିଲେଡରେ ହାରିଲା ଭାରତ

# ୨-୦ରେ ଆଗୁଆ ଶୃଙ୍ଖଳା କବ୍‌ଜା କଲା ଅଷ୍ଟ୍ରେଲିଆ




ଆଡିଲେଡ୍, ୨୩।୧୦(ଏଜେନ୍ସି) : ଐତିହାସିକ ଆଡିଲେଡ୍‌ରେ ଭାରତୀୟ ଦଳର ବିଜୟ ଯାତ୍ରାରେ ପୂର୍ଣ୍ଣଚ୍ଛେଦ ପଡିଛି। ୧୭ ବର୍ଷ ପରେ ଟିମ୍ ଇଣ୍ଡିଆ ଆଡିଲେଡ୍‌ରେ ପରାଜିତ ହୋଇଛି। ଗୁରୁବାର ଅନୁଷ୍ଠିତ ଦ୍ୱିତୀୟ ଦିନିକିଆରେ ଘରୋଇ ଅଷ୍ଟ୍ରେଲିଆ ଦଳ ୨ ୱିକେଟ୍‌ରେ ଟିମ୍ ଇଣ୍ଡିଆକୁ ପରାଜିତ କରି ୩ ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳାକୁ ଆଗୁଆ ୨-୦ରେ କବ୍‌ଜା କରିନେଇଛି। ଆଡାମ୍ ଜାମ୍ପାଙ୍କ ପରାକ୍ରମ, ମ୍ୟାଥ୍ୟୁ ସର୍ଟ୍ ଓ କୁପର କୋନଲିଙ୍କ ଉପଯୋଗୀ ଅର୍ଦ୍ଧଶତକ ଯୋଗୁଁ ଅଷ୍ଟ୍ରେଲିଆ ବିଜୟ ଲାଭ କରିଥିଲା। ଏହି ମ୍ୟାଚରେ ଭାରତ ୫୦ ଓଭରରେ ୯ ୱିକେଟ୍ ହରାଇ ୨୬୪ ରନ୍ କରିଥିଲା। ଜବାବ୍‌ରେ ଅଷ୍ଟ୍ରେଲିଆ ୪୬.୨ ଓଭରରେ ୨୬୫/୮ ରନ୍ କରି ଲକ୍ଷ୍ୟ ସ୍ଥଳରେ ପହଞ୍ଚିଥିଲା। ପୁଣି ଥରେ ଭାରତର ବ୍ୟାଟିଂ ଦୁର୍ବଳତା ପଦାରେ ପଡିଛି। ପ୍ରଥମ ମ୍ୟାଚରେ ଖାତା ଖୋଲିପାରିନଥିବା ବିରାଟ କୋହଲି ଦ୍ୱିତୀୟ ମ୍ୟାଚରେ ମଧ୍ୟ ସମଦଶା ଭୋଗିଛନ୍ତି। କେବଳ ରୋହିତ ଶର୍ମା ୯୭ ବଲରୁ ୭୩, ଶ୍ରେୟାସ ଆୟର ୭୭ ବଲରୁ ୬୧,ଅକ୍ଷର ପଟେଲ ୪୧ ବଲରୁ ୪୪ ଏବଂ ହର୍ଷିତ ରାଣା ୧୮ ବଲରୁ ୨୪ ରନ୍ କରି ଦଳର ସମ୍ମାନ ରଖିଥିଲେ। ୧୦ ଓଭରରେ ୬୦ ରନ ଦେଇ ୪ ୱିକେଟ୍ ଅକ୍ତିଆର କରିଥିବା ସ୍ପିନର ଆଡାମ୍ ଜାମ୍ପାଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ ବିବେଚିତ କରାଯାଇଥିଲା।

ଆଡିଲେଟ୍‌ରେ ଅଷ୍ଟ୍ରେଲିଆ ଅଧିନାୟକ ମିଚେଲ ମାର୍ସ ଟସ୍ ଜିତି ଭାରତକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲେ। ତେଣୁ ଅଧିନାୟକ ଶୁଭମନ୍ ଗିଲଙ୍କ ସହ ରୋହିତ ଶର୍ମା ପାଳି ଆରମ୍ଭ କରିଥିଲେ। ଗୋଟିଏ ଚୌକା ମାରି ଲୟରେ ଥିବା ଭଳି ପ୍ରତୀୟମାନ ହେଉଥିବା ଗିଲ୍ ବ୍ୟକ୍ତିଗତ ୯ ରନ୍ ସ୍କୋରରେ ବର୍ଟଲେଟ୍‌ଙ୍କ ବଲରେ ମାର୍ସଙ୍କ ହାତରେ ଧରାପଡି ପାଭିଲିୟନ ଫେରିଥିଲେ। ପରେ ପରେ ପଡିଆକୁ ଆସୁଥିବା ବିରାଟ କୋହଲି ବର୍ଟଲେଟ୍‌ଙ୍କ ବଲରେ ଏଲବିଡବ୍ଲ୍ୟୁ ହୋଇ ପାଭିଲିୟନ ଫେରିଥିଲେ। ତେଣୁ ୧୭ ରନ୍‌ରେ ଦୁଇ ପ୍ରାରମ୍ଭିକ ବ୍ୟାଟରଙ୍କୁ ହରାଇଥିଲା ଭାରତ। ଅଷ୍ଟ୍ରେଲିଆ ଗସ୍ତରେ ବିରାଟ କୋହଲି କ୍ରମାଗତ ଭାବେ ନିରାଶ କରିଛନ୍ତି। ବିଶ୍ୱର ଶ୍ରେଷ୍ଠ ବ୍ୟାଟରଙ୍କ ମଧ୍ୟରେ ପରିଗଣିତ କୋହଲି ଚାମ୍ପିଅନ୍ସ ଟ୍ରଫି ପରେ ପ୍ରଥମ ଥର ରଣାଙ୍ଗନକୁ ଓହ୍ଲାଇଛନ୍ତି। ଦୀର୍ଘ ବ୍ୟବଧାନ ଯୋଗୁଁ କୋହଲି ଲୟ ହରାଇଛନ୍ତି। ଏପରିକି ଦୁଇଟି ଯାକ ମ୍ୟାଚରେ ଡକ୍(ଶୂନ ରନ୍)ରେ ଆଉଟ୍ ହେବା ତାଙ୍କ ଦିନିକିଆ କ୍ୟାରିୟରରେ ଦାଗ ଲାଗିଛି। ଏହା ପରେ ୪ ଓଭର ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିଲେ ଶ୍ରେୟାସ ଆୟର। ରୋହିତ ଓ ଶ୍ରେୟାସଙ୍କ ମଧ୍ୟରେ ତୃତୀୟ ୱିକେଟ୍ ପାଇଁ ୧୧୮ ରନ୍‌ର ପାର୍ଟନରସିପ୍ ହୋଇଥିଲା। ଦୁହେଁ ଆଗ ପଛ ହୋଇ ଅର୍ଦ୍ଧଶତକ ହାସଲ କରିଥିଲେ। ତେଣୁ ଲାଗୁଥିଲା ଭାରତ ବିପର୍ଯ୍ୟୟରେ ମୁକୁଳି ବଡ ସ୍କୋର କରିବ। ରୋହିତ ୯୭ ବଲର ସମ୍ମୁଖୀନ ହୋଇ ୭ ଟି ଚୌକା ଓ ଦୁଇଟି ଛକା ସହାୟତାରେ ୭୩ ରନ୍ କରିଥିଲେ। ତାଙ୍କୁ ଷ୍ଟାର୍କ ଆଉଟ୍ କରି ଯୋଡି ଭାଙ୍ଗିଥିଲେ। ପରେ ପରେ ଶ୍ରେୟାସ ଆୟର ୭୭ ବଲରୁ ୬୧ ରନ୍ କରି ସ୍ପିନର ଆଡାମ ଜାମ୍ପାଙ୍କ ବଲରେ ବୋଲ୍ଡ ହୋଇଥିଲେ। ମଧ୍ୟମ କ୍ରମରେ ସ୍ପିନ୍ ଅଲରାଉଣ୍ଡର ଅକ୍ଷର ପଟେଲ ୪୧ ବଲରୁ ୪୪, ଲୋକେଶ ରାହୁଲ ୧୧ ରନ, ୱାଶିଂଟନ୍ ସୁନ୍ଦର ୧୨ ରନ୍ ତଥା ଶେଷ ଭାଗରେ ହର୍ଷିତ ରାଣା ୨୪ ଓ ଅର୍ଶଦୀପ ସିଂ ୧୩ ରନ୍ କରିବାରୁ ଭାରତ ୨୬୪/୯ ରନ୍ କରିବାକୁ ସକ୍ଷମ ହୋଇଥିଲା। ଆଡିଲେଡର ସ୍ପିନିଂ ଟ୍ରାକରେ ଚମକି ଥିଲେ ଆଡାମ୍ ଜାମ୍ପା। ସେ ୧୦ ଓଭର ବୋଲିଂ କରି ଗୁରୁତ୍ୱପୂର୍ଣ୍ଣ ୪ ୱିକେଟ୍ ନେଇଥିଲେ। ତାଙ୍କ ବ୍ୟତୀତ ଜାଭିଏର ବର୍ଟଲେଟ୍ ୩ ଟି ଓ ମିଚେଲ୍ ଷ୍ଟାର୍କଙ୍କୁ ୨ ୱିକେଟ୍ ସଫଳତା ମିଳିଥିଲା। ୱିକେଟ୍ ସଫଳତା ମିଳିନଥିଲେ ମଧ୍ୟ ଜୋସ ହାଜଲେଉଡ୍ ୧୦ ଓଭରରେ ୨ ମେଡେନ୍ ସହ ୨.୯ ହାରରେ ୨୯ ରନ୍ ବ୍ୟୟ କରିଥିଲେ।

୨୬୫ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରିଥିଲା ଅଷ୍ଟ୍ରେଲିଆ। ନିର୍ଦ୍ଧାରିତ କୋଟାର ୨୨ ଟି ବଲ ପୂର୍ବରୁ ଦଳ ଲକ୍ଷ୍ୟ ସ୍ଥଳରେ ପହଞ୍ଚିଯାଇଥିଲା। ତେବେ ବିଜୟ ଲକ୍ଷ୍ୟ ହାସଲ କରିବା ଅଷ୍ଟ୍ରେଲିଆ ପାଇଁ ଏତେ ସହଜ ନଥିଲା। ୱାଶିଂଟନ୍ ସୁନ୍ଦର , ଅକ୍ଷର ପଟେଲ, ହର୍ଷିତ ରାଣା, ଅର୍ଶଦୀପ ସିଂ ଓ ମହମ୍ମଦ ସିରାଜ ୱିକେଟ୍ ଅକ୍ତିଆର କରି ଭାରତ ପାଇଁ ବିଜୟ ସମ୍ଭାବନା ଆଣିଦେଇଥିଲେ। ଏସବୁ ଭିତରେ ଅଷ୍ଟ୍ରେଲିଆର ମିଚେଲ୍ ମାର୍ସ ୧୧, ଟ୍ରେଭିସ୍ ହେଡ୍ ୨୮, ମାଥ୍ୟୁ ସର୍ଟ୍ ୭୪, ମାଟ ରେନସା ୩୦, କୁପର କନୋଲି ଅପରାଜିତ ୬୧, ମିଚେଲ୍ ୱେଏନ୍ ୩୬ ରନ୍ କରିବାରୁ ଅଷ୍ଟ୍ରେଲିଆ ୪୬.୨ ଓଭରରେ ୮ ୱିକେଟ୍ ହରାଇ ୨୬୫ ରନ କରିବା ସହ ମ୍ୟାଚ୍ ଜିତିଥିଲା। ଏହି ବିଜୟ ସହ ଅଷ୍ଟ୍ରେଲିଆ ୨-୦ ରେ ଶୃଙ୍ଖଳା କବ୍‌ଜା କରିନେଇଛି। ଏହି ଶୃଙ୍ଖଳାର ତୃତୀୟ ତଥା ଚୂଡାନ୍ତ ମ୍ୟାଚ୍ ଶନିବାର ସିଡନୀରେ ଖେଳାଯିବ।

## କୋହଲି ତାଙ୍କ ଆଦର୍ଶ, ଏବେ ୱିକେଟ୍ ନେଲେ



ଆଡିଲେଡ୍ ଦ୍ୱିତୀୟ ଦିନିକିଆରେ ଭାରତ ହାରିଛି। ଏହି ମ୍ୟାଚରେ ଅଷ୍ଟ୍ରେଲିଆ ଦ୍ରୁତ ବୋଲର ଜାଭିୟର ବାର୍ଟଲେଟ୍ ଚମତ୍କାର ବୋଲିଂ ପ୍ରଦର୍ଶନ କରିଛନ୍ତି। ବାର୍ଟଲେଟ୍ ଭାରତର ତାରକା ବ୍ୟାଟର ବିରାଟ କୋହଲିଙ୍କ ୱିକେଟ୍ ନେଇଥିଲେ। ସେ ୩ ଟି ବଲ ଆଉଟ୍ ସୁଇଙ୍ଗ ପକାଇବା ପରେ ଚତୁର୍ଥ ବଲ ଇନ୍‌ସୁଇଙ୍ଗ ପକାଇଥିଲେ। କୋହଲି ଏହା ବୁଝିପାରିନଥିଲେ। ତେଣୁ ଏଲ୍‌ବିଡବ୍ଲ୍ୟୁ ଆଉଟ୍ ହୋଇଥିଲେ। ସମସ୍ତେ ଆଶ୍ଚର୍ଯ୍ୟ ହେବେ ଯେ ବାର୍ଟଲେଟ୍ କିଂ କୋହଲିଙ୍କ ପ୍ରଶଂସକ। ୨୦୧୨ରେ କୋହଲି ଆଡିଲେଡରେ ଆକର୍ଷଣୀୟ ଶତକ ହାସଲ କରିଥିଲେ। ସେ ସମୟରେ ବାର୍ଟଲେଟ୍ ମାତ୍ର ୧୨ ବର୍ଷର ହୋଇଥିଲେ। କୋହଲିଙ୍କ ପ୍ରଦର୍ଶନ ତାଙ୍କୁ ପ୍ରଭାବିତ କରିଥିଲା। ସେବେଠାରୁ କୋହଲିଙ୍କ ପ୍ରଶଂସକ ହୋଇ ରହିଛନ୍ତି ବାର୍ଟଲେଟ୍। ଏକ ସଂଯୋଗ ବଶତଃ ୧୩ ବର୍ଷ ତଳେ ଯେଉଁ ପିଲା କୋହଲିଙ୍କ ଶତକରେ ପ୍ରଭାବିତ ହୋଇଥିଲେ। ସେହି ପିଲା ୨୦୨୫ରେ ଆଡିଲେଡରେ କୋହଲିଙ୍କୁ ଆଉଟ୍ କରି ତାଙ୍କ କ୍ୟାରିୟରରେ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡିଛନ୍ତି। ୧୭ ବର୍ଷ ବୟସରେ କୁଇନ୍ସଲ୍ୟାଣ୍ଡ ତାଙ୍କ ସହ ଚୁକ୍ତି କରିଥିଲା। ଏହା ପରେ ୨୦୧୮ ରେ ସେ ୧୯ ବର୍ଷରୁ କମ୍ ବିଶ୍ୱ କପ୍ ଅଷ୍ଟ୍ରେଲିଆ ପାଇଁ ଖେଳିଥିଲେ। ତାଙ୍କ ଆଦର୍ଶ ଖେଳାଳିଙ୍କୁ ଆଉଟ୍ କରିବାରୁ ଗର୍ବ ଅନୁଭବ କରିଛନ୍ତି।

## ହିରୋରୁ ଜିରୋ

ଆଡିଲେଡ ଗ୍ରାଉଣ୍ଡରେ ହିରୋ ଥିଲେ ବିରାଟ କୋହଲି। କିନ୍ତୁ ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ଦିନିକିଆରେ ସେ ହିରୋରୁ ଜିରୋ ବନି ଯାଇଛନ୍ତି। ପ୍ରଥମ ଥର ପାଇଁ କୋହଲି ଶୂନରେ ଆଉଟ୍ ହୋଇଛନ୍ତି। ଏହି ମ୍ୟାଚରେ କୋହଲି ୪ ଟି ବଲର ସମ୍ମୁଖୀନ ହୋଇଥିଲେ। ନିଜର ଖାତା ନଖୋଲି ପାଭିଲିୟନ ଫେରିଥିଲେ। କୋହଲିଙ୍କୁ ଜାଭିୟର ବାର୍ଟଲେଟ୍ ଏଲ୍‌ବିଡବ୍ଲ୍ୟୁ ଆଉଟ୍ କରିଥିଲେ। ପୂର୍ବରୁ କୋହଲି ୮ ଟି ବଲର ସମ୍ମୁଖୀନ ହୋଇ ଶୂନରେ ଆଉଟ୍ ହୋଇଥିଲେ। କୋହଲି ଅଷ୍ଟ୍ରେଲିଆକୁ ଭଲ ପାଆନ୍ତି।ଯେକୌଣସି ଫର୍ମାଟରେ କୋହଲି ଅଷ୍ଟ୍ରେଲିଆ ମାଟିରେ ଭଲ ରନ୍ ସଂଗ୍ରହ କରିଥାନ୍ତି। ଆଡିଲେଡରେ ଖେଳିଥିବା ୧୩ ଟି ଅନ୍ତର୍ଜାତୀୟ ମ୍ୟାଚରେ କୋହଲି ୫ ଟି ଶତକ ସହ ୬୦.୯୩ ହାରରେ ୯୭୫ ରନ୍ ସଂଗ୍ରହ କରିଛନ୍ତି। ଏତଦ୍ ବ୍ୟତୀୟ ସେ ଖେଳିଥିବା ୫ ଟି ଦିନିକିଆରେ ଦୁଇଟି ଶତକ ସହ ୨୪୪ ରନ୍ କରିଛନ୍ତି। ପ୍ରଥମ ଥର ସେ ଆଡିଲେଡରେ ଶୂନ ଆଉଟ୍ ହୋଇଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ଶୃଙ୍ଖଳାର ପ୍ରଥମ ଦୁଇଟି ମ୍ୟାଚରେ ଶୂନରେ ଆଉଟ୍ ହେବା ପରେ କୋହଲିଙ୍କ କ୍ୟାରିୟରକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୂର୍ବରୁ ଟି -୨୦ ଓ ଟେଷ୍ଟରୁ ଅବସର ନେଇସାରିଛନ୍ତି। ଦିନିକିଆରୁ ତାଙ୍କ ଅବସର ନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଛି। ଅଷ୍ଟ୍ରେଲିଆ ଗସ୍ତ ତାଙ୍କର ବିଦାୟ କାଳୀନ ଶୃଙ୍ଖଳା ହୋଇପାରେ । ଏପର୍ଯ୍ୟନ୍ତ କୌଣସି ଅଫିସିଆଲ୍ ଘୋଷଣା ହୋଇନାହିଁ। କିନ୍ତୁ ପ୍ରଥମ ଦୁଇଟି ଦିନିକିଆରେ ବିରାଟ ଫେଲ୍ ମାରିବା ପରେ ତାଙ୍କ ଅବସର ଉପରେ ପ୍ରଶ୍ନ ଉଠିଛି।

## ଆଡିଲେଡରେ କୋହଲିଙ୍କ ଗୁଡବାଏ !

କୋହଲିଙ୍କ ପାଇଁ ଆଡିଲେଡ୍ ଓଭାଲ୍ ମ୍ୟାଚ ସ୍ୱତନ୍ତ୍ର ଥିଲା। ୪ ଟି ବଲର ସମ୍ମୁଖୀନ ହୋଇ ବିନା ସ୍କୋରରେ ଆଉଟ୍ ହେବା ପରେ ଷ୍ଟାଡିୟମର ଭିଡକୁ ଚାହିଁଥିଲେ। ତଥାପି ତାଙ୍କ ଓଠରେ ହସ ଥିଲା। ଡାହାଣ ହାତ ଉଠାଇ ନିରବରେ ସେ ପଡିଆ ଛାଡିଥିଲେ। କୌଣସି କ୍ରୋଧ ନଥିଲା। ନିରାଶା ବି ନଥିଲା। କେବଳ ଗମ୍ଭୀର ଶାନ୍ତି। ମନେ ହେଉଥିଲା ଯେପରି କୋହଲି କିଛି କହିବାକୁ ଚେଷ୍ଟା କରୁଥିଲେ। ଲାଗୁଥିଲା ଯେମିତି ଆଉଥରେ ଓଭାଲରେ ଆମେ ତାଙ୍କ ଖେଳ ଦେଖିପାରିବୁ ନାହିଁ। ଭାରତୀୟ କ୍ରିକେଟ୍ ଇତିହାସରେ ଅନେକ ମୂହୁର୍ତ୍ତ ସ୍ମରଣୀୟ ହୋଇରହିଛି। ଏହି ଦୃଶ୍ୟ ହୁଏତ ଦୁଃଖ ଆଣିଦେଇପାରେ। ଏହି ଆଡିଲେଡରେ କୋହଲି ତାଙ୍କ କ୍ୟାରିୟରରେ କିଛି ସ୍ମରଣୀୟ ଇନିଂସ ଖେଳିଛନ୍ତି। ସେହି ଗ୍ରାଉଣ୍ଡ ଯେଉଁଠାରେ ସେ ବିଦେଶୀ ବ୍ୟାଟରଙ୍କ ମଧ୍ୟରେ ସବୁଠୁ ଅଧିକ ଅର୍ଥାତ୍ ୯୭୫ ରନ୍ କରିଥିଲେ। ଏଠାକାର ମାଟି ଓ ପବନ ତାଙ୍କ ସହ ଅଙ୍ଗାଙ୍ଗି ଭାବେ ଜଡିତ। ଏଥର ଶୃଙ୍ଖଳା ସବୁଠୁ ଭିନ୍ନ ଥିଲା। ସେ ଏଠାରେ ରନ୍ ଖାତା ଖୋଲି ପାରିନଥିଲେ। ହୁଏତ ସେଇଥି ପାଇଁ ଯେତେବେଳେ ସେ ପଡିଆ ଛାଡିବାକୁ ଯାଉଥିଲେ ଗ୍ୟାଲେରିକୁ ଦେଖି ହାତ ହଲାଇଥିଲେ। ଏଭଳି ଇଙ୍ଗିତ ଏକ ଯୁଗର ଅନ୍ତ ପରି ମନେ ହେଉଥିଲା। ଆଡିଲେଡରେ ଉପସ୍ଥିତ ଦର୍ଶକ ଠିଆ କରତାଳିରେ କୋହଲିଙ୍କୁ ସ୍ୱାଗତ କରିଥିଲେ। ଏହି କରତାଳି କ୍ରୋଧର ନୁହେଁ ବରଂ ସମ୍ମାନ ଓ ସ୍ନେହର ଥିଲା। ଭାରତୀୟ କ୍ରିକେଟ୍‌କୁ ନୂତନ ଶିଖରରେ ପହଞ୍ଚାଇଥିବା କୋହଲିଙ୍କ ପାଇଁ ଏତେ ସ୍ନେହ ଆଦର ଅଜାଡି ଦେଇଥିଲେ ଉପସ୍ଥିତ ଦର୍ଶକ। କିନ୍ତୁ କୋହଲିଙ୍କ ଆଖିରେ କେବଳ ରନ କିମ୍ବା ଫର୍ମ ବିଷୟରେ ନୁହେଁ ବରଂ ଯେଉଁ ଯାତ୍ରାରେ ସବୁକିଛି ଦାଉରେ ଲଗାଇଦେଇଥିଲେ ତାହା ବିଷୟରେ ଏକ କ୍ଲାନ୍ତି ପ୍ରତିଫଳିତ ହେଉଥିଲା। ଏହା ପରେ ସୋସିଆଲ ମିଡିଆରେ ଗୁଡବାଏ ଗୁଞ୍ଜରିତ ହୋଇଥିଲା। ସବୁଠି ସେହି ଗୋଟିଏ ପ୍ରଶ୍ନ। ଏହା କ'ଣ କୋହଲିଙ୍କ ଅବସରର ଇଙ୍ଗିତ ? ଏହା କ'ଣ ଦିନିକିଆ କ୍ରିକେଟ୍ ଛାଡିବା ସମୟ ନିକଟତର ହେଉଛି ? ଲୋକମାନେ ତାଙ୍କର ଦୁଇଟି ଲଗାତାର ଡକ୍ ବିଷୟରେ କଥା ହେଉନଥିଲେ ବରଂ ଲକ୍ଷ୍ୟ ଲକ୍ଷ୍ୟ ହୃଦୟକୁ ଛୁଇଁଥିବା ହାତ ହଲାଇବା ବିଷୟରେ କହୁଥିଲେ। ସମ୍ଭବତଃ ଆଡିଲେଡରେ ଏହା କୋହଲିଙ୍କ ଶେଷ ମ୍ୟାଚ୍। ତେଣୁ ସେ ବିଦାୟ ବେଳେ ଭାବୁକ ହୋଇ ଦର୍ଶକଙ୍କୁ ଅଲବିଦା କହିଥିଲେ।




## ସାନ୍ ଏକାଦଶ ଜିତିଲା ଉଦ୍‌ଘାଟନୀ ମ୍ୟାଚ

ଭୁବନେଶ୍ୱର, (ସବ୍ୟୁ) : ଥାର୍ଡ ଆୟ କର୍ପୋରେଟ ପ୍ରିମିୟର ଲିଗ (ସିପିଏଲ) ଘାଟିକିଆ ହାଇସ୍କୁଲ ପଡିଆରେ ଆଜିଠୁ ଆରମ୍ଭ ହୋଇଛି । ୧୦ଟି ଦଳ ଏଥିରେ ଭାଗ ନେଇଛନ୍ତି । ଉଦଘାଟନୀ ମ୍ୟାଚରେ ଜେଜେୱାଇସି ଏସଏସ ସାନ ଏକାଦଶ ବିଜୟୀ ହୋଇଛି । ପ୍ରଥମେ ବ୍ୟାଟିଂ କରି ବବଦେପୁରୁଷୋତ୍ତମ ଏକାଦଶ ଦଳ ନିର୍ଦ୍ଧାରିତ ୮ ଓଭରରେ ୩ ଓ୍ୱିକେଟରେ ୧୧୦ ରନ କରିଥିଲା ।ଜବାବରେ ସାନ ଏକାଦଶ ୭.୪ ଓଭର ରେ ୩ ୱିକେଟ ହରାଇ ବିଜୟୀ ହୋଇଥିଲା ।ଥାର୍ଡ ଆଇର ଏମଡି ସୁଦେଷ୍ଣା ପଣ୍ଡା ମୁଖ୍ୟ ଅତିଥି ଏବଂ ସୁଶାନ୍ତ କୁମାର ରଥ, ରବି ନାରାୟଣ ଦାସ ଓ ବିକାଶ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ ।ସିପିଏଲ ଫ୍ରାଞ୍ଚାଇଜ ଭିତ୍ତିରେ ଆୟୋଜିତ ହେଉଛି । ମ୍ୟାଚ ୮ ଓଭର ବିଶିଷ୍ଟ ଏବଂ ଟେନିସ ବଲରେ ଖେଳାଯାଉଛି । ଟୁର୍ଣ୍ଣାମେଣ୍ଟରେ ୧୦ଟି ଦଳ ୨୭ଟି ମ୍ୟାଚ ଖେଳୁଛନ୍ତି ।ମୋଟ ୩ ଲକ୍ଷ ୩୦ ହଜାର ଟଙ୍କାର ପୁରସ୍କାର ରାଶି ରହିଛି । ଚାମ୍ପିଅନଙ୍କୁ ୧ ଲକ୍ଷ ୫୦ ହଜାର ସହ ଆକର୍ଷଣୀୟ ଟ୍ରଫି ପ୍ରଦାନ କରାଯିବ । ସେହିପରି ରନର୍ସ ଅପ ଦଳକୁ ୮୦ ହଜାର ଓ ଟ୍ରଫି ଏବଂ ପ୍ରତି ମ୍ୟାଚରେ ମ୍ୟାନ ଅଫ ଦ ମ୍ୟାଚ ପାଇଁ ୩ ହଜାର, ଶ୍ରେଷ୍ଠ ବ୍ୟାଟର ଓ ଶ୍ରେଷ୍ଠ ବୋଲରଙ୍କୁ ୧୦ ହଜାର ଲେଖାଏଁ ପ୍ରଦାନ କରାଯିବ । ମ୍ୟାନ ଅଫ ଦ ମ୍ୟାଚ ସହିତ ପରାଜିତ ଦଳର ଶ୍ରେଷ୍ଠ ଖେଳାଳି ଆର୍ଥିକ ପୁରସ୍କାର ରାଶି ପ୍ରଦାନ କରାଯିବ । ଥାର୍ଡ ଆୟ କର୍ପୋରେଟ ପ୍ରିମିୟର ଲିଗର ବରିଷ୍ଠ ଉପଦେଷ୍ଟା ପ୍ରମୋଦ ପ୍ରଧାନ, ରାଜୀବ ପଣ୍ଡା, ଜ୍ଞାନଚନ୍ଦ୍ର ମିଶ୍ର, ମୁଖ୍ୟ ବକ୍ତା ଦରିଦ୍ର ନାରାୟଣ ନାୟକ, ସଭାପତି ସୋନାଲ ସାହୁ, ଉପ ସଭାପତି ଆଶୀଷ ଦାସ, ସମ୍ପାଦକ ଆଶୀଷ କୁମାର ସାମଲ, ଯୁଗ୍ମ ସମ୍ପାଦକ ନିର୍ମାଲ୍ୟ ଦାଶ, ସ୍ନେହାଂଶୁ ମହାନ୍ତି, ଶ୍ରୀବଲ୍ଲଭ ବେହେରା, ରବି ନାରାୟଣ ଦାସ ଓ ସୌରଭ ଦାଶ ପ୍ରମୁଖ ଉଦଘାଟନୀ ଉତ୍ସବରେ ଉପସ୍ଥିତ ଥିଲେ ।

## ଅନନ୍ତ ଡିଏଭିରେ କ୍ଲଷ୍ଟର ଓ ଜୋନ୍ ସ୍ତରୀୟ ଚେସ୍ ପ୍ରତିଯୋଗିତା

ସାଉଥବଲଣ୍ଡା, (ସବ୍ୟୁ) : ଏମସିଏଲ ତାଳଚେର ସ୍ଥିତ ଡିଏଭି ପବ୍ଲିକ ସ୍କୁଲ, ଅନନ୍ତ ବିହାର ଦ୍ୱାରା ଡିଏଭି କ୍ଲଷ୍ଟର ଓ ଜୋନ ସ୍ତରୀୟ ଚେସ୍ ପ୍ରତିଯୋଗିତା ଚିଲିକା କଳା କେନ୍ଦ୍ର ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାକୁ ଏମସିଏଲ ଜଗନ୍ନାଥ କ୍ଷେତ୍ରର ମହାପ୍ରବନ୍ଧକ ଅଶୋକ କୁମାର ଧଳ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉ"ାଟନ କରିଥିଲେ। ଏହି ଉତ୍ସବରେ ଅନ୍ୟତମ ଅତିଥି ଭାବେ ଅନନ୍ତ ଓସିପିର ପ୍ରକଳ୍ପ ଅଧିକାରୀ ଅକ୍ଷୟ କୁମାର ଦାଶ,ଡିଏଭି ପବ୍ଲିକ୍ ସ୍କୁଲ, ଝାରସୁଗୁଡ଼ାର ଅଧ୍ୟକ୍ଷ ଏଲ୍.କେ.ଦେବତା,ଡିଏଭି ସାବିତ୍ରୀ ଜିନ୍ଦଲ ହାଇସ୍କୁଲର ପ୍ରଧାନଶିକ୍ଷକ ଫକୀର ମୋହନ ସାହୁ ଯୋଗ ଦେଇଥିଲେ। ଡିଏଭି ପବ୍ଲିକ୍ ସ୍କୁଲ,ଅନନ୍ତ ବିହାରର ଅଧ୍ୟକ୍ଷ ଶୁଭେନ୍ଦୁ ଶେଖର ବୋଷ ଅତିଥିମାନଙ୍କର ପରିଚୟ ପ୍ରଦାନ ସହିତ ପ୍ରତ୍ୟେକ ପ୍ରତିଯୋଗିତାର ସହଯୋଗୀ ବିଚାରକମାନଙ୍କୁ ସ୍ୱାଗତ ଜଣାଇଥିଲେ। ଆୟୋଜିତ ପ୍ରତିଯୋଗିତାଗୁଡିକର ମହତ ଉଦ୍ଦେଶ୍ୟ ସମ୍ପର୍କରେ ବିଦ୍ୟାଳୟର କ୍ରୀଡା ଶିକ୍ଷୟିତ୍ରୀ ଆଲୋକପାତ କରିଥିଲେ। ଚେସ୍ ପ୍ରତିଯୋଗିତାର ବିଚାରକ ଭାବେ ଭୁବନେଶ୍ୱର ନିବାସୀ ଦେବାଶିଷ ପାଣିଗ୍ରାହୀ ଦାୟିତ୍ୱ ନିର୍ବାହ କରିଥିଲେ। ଚେସ୍ ପ୍ରତିଯୋଗିତା ପାଇଁ ଅଣ୍ଡର ୧୪,ଅଣ୍ଡର ୧୭ ଏବଂ ଅଣ୍ଡର ୧୯ ବର୍ଷର ବାଳକ ଓ ବାଳିକା ଅଂଶ ଗ୍ରହଣ କରିଥିଲେ। ଓଡ଼ିଶା ଜୋନ୍ ର ୩୧ ଗୋଟି ବିଦ୍ୟାଳୟରୁ ସମୁଦାୟ ୨୩୮ ଜଣ ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରୁଛନ୍ତି। ଶିକ୍ଷକ କରୁଣାକର ସାହୁ ଉକ୍ତ କାର୍ଯ୍ୟକ୍ରମର ମଞ୍ଚ ସଞ୍ଚାଳକ ଭାବେ ଦାୟିତ୍ୱ ନିର୍ବାହ କରିଥିବା ବେଳେ କ୍ରୀଡ଼ା ଶିକ୍ଷୟିତ୍ରୀ ମଧୁମିତା ଛୁଆଳସିଂହ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ।

## କେନ୍ଦ୍ରାପଡ଼ା ଜିଲ୍ଲା ଚେସ ଚାମ୍ପିଅନସିପ ଉଦ୍‌ଯାପିତ

କେନ୍ଦ୍ରାପଡା, (ସବ୍ୟୁ) : କେନ୍ଦ୍ରାପଡା ଜିଲ୍ଲା ଚେସ ଆସୋସିଏସନ୍ ଆନୁକୁଲ୍ୟ ରେ ଚାଲିଥିବା ଚଳିତ ବର୍ଷର କେନ୍ଦ୍ରାପଡ଼ା ଜିଲ୍ଲା ଚେସ ଚାମ୍ପିଅନସିପ -୨୦୨୫ ତଥା ୫ମ ଡକଫର ବୈଷ୍ଣବ ପରିଡା ସ୍ମାରକୀ ଚେସ ଚାମ୍ପିଅନସିପର ଉଦଯାପନୀ ଉତ୍ସବ ଏବଂ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟର ଉପସ୍ଥିତ ରହି ଖେଳାଳିମାନଙ୍କୁ ପୁରସ୍କାର ବିତରଣ କରିବା ସହିତ ଉଦବୋଧନ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ବିଜେପିର କେନ୍ଦ୍ରାପଡା ଜିଲ୍ଲାର ବରିଷ୍ଠ ମହିଳା ନେତ୍ରୀ ଗୀତାଞ୍ଜଳି ସେଠୀ, କେନ୍ଦ୍ରାପଡାର ସମାଜସେବୀ ଅଜିତ କୁମାର ସାହୁ, ଯାଜପୁରୟୁନାଇଟେଡ ଚେସ ଆସୋସିଏସନ୍‌ର ପୂର୍ବତନ ସମ୍ପାଦକ ମନୋଜ ପରିଡା ଯୋଗ ଦେଇଥିବା ବେଳେ ଆସୋସିଏସନ୍ ର ସଭାପତି କିଶୋର ପଣ୍ଡା, ସମ୍ପାଦକ ତଥା ଅଲ ଓଡ଼ିଶା ଚେସ ଆସୋସିଏସନ୍‌ର ଯୁଗ୍ମ ସମ୍ପାଦକ ଭବେଶ୍ ମହାନ୍ତି, କାର୍ଯ୍ୟକାରୀ ସଭାପତି ହାଡିବନ୍ଧୁ ସିଂହ ପ୍ରମୁଖ ଉଦବୋଧନ ଦେଇଥିବା ବେଳେ ଆସୋସିଏସନ୍ ର ଉପସଭାପତି ଲଲାଟ କେଶରୀ ସାମଲ ମଞ୍ଚ ପରିଚାଳନା କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଆସୋସିଏନର ସହ ସଂପାଦିକା ପିଙ୍କି ମହାପାତ୍ର ,ଉପସଭାପତି ଧରଣୀ ଧର ସେଠୀ, ଅମରେଶ ସାହୁ, କୋଷାଧ୍ୟକ୍ଷ ନାରାୟଣ ଦାସ, କାର୍ଯ୍ୟକାରିଣୀ ସଦସ୍ୟ ଗୋପିବଲ୍ଲଭ ନାୟକ, ସବ୍ରେ ହେମ୍ବ୍ରମ, ନେହେରୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବିଜେପି ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠୀ, ବିଜେପି ବରିଷ୍ଠ ନେତା କୃଷ୍ଣ ଚନ୍ଦ୍ର ପଣ୍ଡା ଏବଂ ସୁନାକର ବେହେରା ପ୍ରମୁଖ ବିଭିନ୍ନ ସାହାଯ୍ୟ ସହୋଜୋଗ କରିଥିଲେ।

## କିଟ୍‌ର ଆର୍ଯ୍ୟନ, କୋଚ୍ ଗୌରୀଶଙ୍କରଙ୍କୁ ଲାମ୍ବାଚର ସମ୍ବର୍ଦ୍ଧନା

ଭୁବନେଶ୍ୱର, (ସବ୍ୟୁ): କିଟର ଯୋଗ ଓ ନେଚରପତି ପ୍ରଥମ ବର୍ଷ ଛାତ୍ର ଯଥା ଓଡ଼ିଶାର ପ୍ରଥମ ଓ ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ହ୍ୟାଣ୍ଡବଲ ଖେଳାଳି ଆର୍ଯ୍ୟନ ବ୍ରାହ୍ମିନଙ୍କ ସହ ବାପା ତଥା କୋଚ୍ ଗୌରୀଶଙ୍କର ମିଶ୍ରଙ୍କୁ ଲାମ୍ବାଚ ଇନ୍ସୁରାନ୍ସ ବୋର୍କସ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଆର୍ଯ୍ୟନ ଓ ଗୌରୀଶଙ୍କରଙ୍କ ବ୍ୟତୀତ ସୁରୋଜିତ ବେହେରା, ସ୍ୱସ୍ତିକ ମହାପ୍ରସାଦ ପତିଙ୍କୁ ଆର୍ଯ୍ୟା ଡିଜାଇନ୍ ଷ୍ଟୁଡିଓରେ ସମ୍ବର୍ଦ୍ଧିତ କରାଯାଇଛି। ଭୁବନେଶ୍ୱରର ମଧୁସୂଦନନଗର ସ୍ଥିତ ଆର୍ଯ୍ୟା ଡିଜାଇନ୍ ଷ୍ଟୁଡିଓରେ ଅନୁଷ୍ଠିତ ଉତ୍ସବରେ ଲାମ୍ବାଚ ଇନ୍ସୁରାନ୍ସ ବ୍ରେକର୍ସର ନିର୍ଦ୍ଦେଶକ ଅଭିଜିତ ମହାନ୍ତି ଓ ଆର୍ଯ୍ୟା ଡିଜାଇନ ଷ୍ଟୁଡିଓର ଏମ.ଡି ଆର୍ଯ୍ୟସ ଦାସ ଉପସ୍ଥିତ ରହି ୪ ଜଣଙ୍କୁ ସମ୍ବର୍ଦ୍ଧିତ କରିଥିଲେ ଆଗକୁ ରାଜ୍ୟରେ ହ୍ୟାଣ୍ଡବଲ କ୍ରୀଡାର ପ୍ରଚାର ଓ ପ୍ରସାର ପାଇଁ ଲାମ୍ବାଚ ପକ୍ଷରୁ ପୂର୍ଣ୍ଣ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିଛି।




ନିକଟରେ ପ୍ରଥମ ରାଜ୍ୟ ଗୋଷ୍ଠୀ ବିଚ ହ୍ୟାଣ୍ଡବଲ ପ୍ରତିଯୋଗିତାରେ ଆର୍ଯ୍ୟନ ଅଂଶଗ୍ରହଣ କରି ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରିଥିଲେ ଶେଷ ମ୍ୟାଚରେ ତାଙ୍କୁ ମ୍ୟାନ ଅଫ୍ ଦ ମ୍ୟାଚ ପୁରସ୍କାର ମଧ୍ୟ ମିଳିଥିଲା। ସେହିଭଳି ପ୍ରଥମ ଯୁବ ଏସିଆନ୍ ହ୍ୟାଣ୍ଡବଲ ଚାମ୍ପିଅନସିପରେ ଭାରତୀୟ ଦଳର କୋଚ ଭାବେ ଗୌରୀଶଙ୍କର ମିଶ୍ର ଯୋଡାନ ଗସ୍ତ କରିଥିଲେ ଜାତୀୟ ତଥା ଅନ୍ତର୍ଜାତୀୟସ୍ତରରେ ପ୍ରଶିକ୍ଷଣ ଦେବାର ଅନୁଭୂତିକୁ ସ୍ୱୀକୃତି ଜଣାଇ ଲାମ୍ବାଚ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କୋଚ ଗୌରୀଶଙ୍କର ମିଶ୍ର କହିଛନ୍ତି ଏହି ସମ୍ବର୍ଦ୍ଧନା ଆମ ମନୋବଳ ବଢ଼ାଇବ ଆଗକୁ ରାଜ୍ୟରେ ହ୍ୟାଣ୍ଡବଲ କ୍ରୀଡାକୁ ଶିଖରରେ ପହଞ୍ଚାଇବା ପାଇଁ ରାଜ୍ୟ ସଂଘ ସହ ମିଳିତ ଭାବେ ଆମେ କାର୍ଯ୍ୟ କରିବୁ ଅଲିମ୍ପିକ୍ସ ଭଳି ବିଶ୍ୱ ମହାକୁମ୍ଭରେ ସାମିଲ ଥିବା ହ୍ୟାଣ୍ଡବଲ କ୍ରୀଡାର ଗୌରବମୟ ଅଧ୍ୟାୟ ଆମ ଓଡ଼ିଶାରୁ ଆରମ୍ଭ ହେବ ବୋଲି ଶ୍ରୀ ମିଶ୍ର ଆଶାବ୍ୟକ୍ତ କରିଛନ୍ତି।

## ନୀଳକଣ୍ଠ ମେମୋରିଆଲ କ୍ରିକେଟ : ମେଣ୍ଟାଶାଳ, ଗୁରୁଜଙ୍ଗ ବିଜୟୀ

ଖୋର୍ଦ୍ଧା, (ସବ୍ୟୁ) : ଖୋର୍ଦ୍ଧା ପୌର ପରିଷଦ ଅନ୍ତର୍ଗତ ଗୁରୁଜଙ୍ଗ ଖେଳ ପଡିଆ ଠାରେ ଗୁରୁଜଙ୍ଗ କ୍ରିକେଟ ଆସୋସିଏସନ୍ ଆନୁକୁଲ୍ୟ ରେ ଚାଲିଥିବା ନୀଳକଣ୍ଠ ମେମୋରିଆଲ ଗୁରୁଜଙ୍ଗ କପ୍ ର ଷଷ୍ଠ ଦିବସରେ ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ମେଣ୍ଟାଶାଳ ବନାମ ପାତ୍ରପଡା ମଧ୍ୟରେ ଅନୁଷ୍ଠିତ ହେଇଥିଲା ।ପ୍ରଥମେ ଟସରେ ବିଜୟ ଲାଭ କରି ପାତ୍ରପଡା ଦଳ ବ୍ୟାଟିଂ କରିବାକୁ ନିଷ୍ପତି ନେଇ ୧୧୭ ରନ କରିଥିଲେ ।ଦଳ ତରଫରୁ ଜାଭେଦ ଏକ୍ବାବଲ ୬୭ ରନ କରିଥିଲେ ।ମେଣ୍ଟାଶାଳ ଦଳର ସ୍ମୃତିରଞ୍ଜନ ଚମ୍ପତି ୬ ଟି ୱିକେଟ ଅକ୍ତିଆର କରିଥିଲେ । ଜବାବରେ ମେଣ୍ଟାଶାଳା ଦଳ ୧୪ ଓଭର ରେ ୬ ୱିକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ଏହି ମ୍ୟାଚ କୁ ୪ ୱିକେଟରେ ଜିତିନେଇଥିଲେ। ସ୍ମୃତି ରଞ୍ଜନ ଚମ୍ପତି ଶ୍ରେଷ୍ଠ ଖେଳାଳି ଭାବେ ଅତିଥି ପ୍ରଫୁଲ୍ଲ କୁମାର ସାହୁଙ୍କ ଠାରୁ ପୁରସ୍କୃତ ହୋଇଥିଲେ। ସେହିପରି ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚରେ ଗୁରୁଜଙ୍ଗ ଦଳ ପଳାସପୁର ଦଳ କୁ ଭେଟି ଥିଲା ।ଟସ୍ ରେ ବିଜୟ ଲାଭ କରି ଗୁରୁଜଙ୍ଗ ଦଳ ପ୍ରଥେମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୭ ୱିକେଟ ହରାଇ ୧୫୧ ରନ୍ କରିଥିଲା ।ଦଳ ପକ୍ଷରୁ ସର୍ବାଧିକ ସୂର୍ଯ୍ୟକାନ୍ତ ଗୁମାନସିଂ ୩୮ ରନ୍ ସଂଗ୍ରହ କରିଥିଲେ। ଜବାବରେ ପଳାସପୁର ଦଳ ୧୩ ଓଭରରେ ୧୩୮ ରେ ୮ ୱିକେଟ ହରାଇ ଏବଂ ଦୁଇ ଜଣ ଖେଳାଳି ଆହତ ସମସ୍ୟାରେ ନ ବ୍ୟାଟିଂ କରି ସୀମିତ ରହିଥିଲେ ।ଏହି ମ୍ୟାଚକୁ ଗୁରୁଜଙ୍ଗ ଦଳ ୧୩ ରନରେ ଜିତି ନେଇଥିଲେ। ଅତିଥି ସୁକାନ୍ତ ପାତ୍ର ଶ୍ରେଷ୍ଠ ଖେଳାଳି ଭବାନୀ ପ୍ରାସାଦ ମହାନ୍ତିଙ୍କୁ ପୁରସ୍କୃତ କରିଥିଲେ। ଅବ୍ୟକ୍ତ ହରିହର ଖାଡ଼ଙ୍ଗା,ପ୍ରକାଶ ସାହୁ, ସାନୁଜ ବିଶ୍ୱାଳ,ତୁଷାର କାନ୍ତ ସୁନ୍ଦରାୟ, ପ୍ରଶାନ୍ତ ପଟ୍ଟଯୋଷୀ ମ୍ୟାଚକୁ ପରିଚାଳନା କରିଥିଲେ। ୨୪ ତାରିଖ ଶୁକ୍ରବାର




ମିନି ଆଧାରର ପ୍ରଥମ ମ୍ୟାଚ କୋଣାର୍କ ନଗର ବନାମ ଅରାଙ୍ଗ ଓ ଦ୍ୱିତୀୟ ମ୍ୟାଚ୍ ଗୁଡୁମ ବନାମ ପାଇକତିଗିରିଆ ମଧ୍ୟରେ ଅନୁଷ୍ଠିତ ହେବ। ତୃତୀୟ ମ୍ୟାଚ ପ୍ରଥମ ଓ ଦ୍ୱିତୀୟ ମ୍ୟାଚ ର ବିଜେତାଙ୍କ ମଧ୍ୟରେ ଅନୁଷ୍ଠିତ ହେବ ବୋଲି କମିଟି ତରଫରୁ ଅନିଲ ବରାଳ ଓ ହିମାଂଶୁ ଦାଶ ଜଣାଇଛନ୍ତି।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି